

ବିମାନ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ରଃ ମମତା

ପୃଷ୍ଠା ୪

ସଂଚାର THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 306 | ଭାଗ ୩୩ | ସଂଖ୍ୟା ୩୦୬ Thursday 29 January 2026 | Page 8 Rs. 5.00 ଭୁବନେଶ୍ୱର ଗୁରୁବାର ୨୯ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଗଲାଣି ୭ ପ୍ରମୁଖ ନେତାଙ୍କ ଜୀବନ

- ଆଜି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ବିମାନ ଦୁର୍ଘଟଣାରେ ପ୍ରାଣହାନୀ ଘଟିଥିବା ବେଳେ ପୂର୍ବରୁ ଏହିପରି ଅଘଟଣରେ ଦେଶର ୭ ଜଣ ପ୍ରମୁଖ ରାଜନେତାଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ୩ ଜଣ ମୁଖ୍ୟମନ୍ତ୍ରୀ ବି ସାମିଲ୍ ଅଛନ୍ତି।
- ୧୯୬୫ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ବଳବନ୍ତରାଏ ମେହେଟାଙ୍କ ପ୍ରଥମ ରାଜନେତା ଭାବେ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିଲେ।
- ସେହିପରି ୧୯୮୦ରେ କଂଗ୍ରେସ ସାଂସଦ ସଞ୍ଜୟ ଗାନ୍ଧି ବିମାନରେ ଏକ ଷ୍ଟଣ୍ଟ କରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଇଥିଲେ।
- ତା'ଛଡ଼ା ୨୦୦୧ରେ ପ୍ରମୁଖ କଂଗ୍ରେସ ନେତା ମାଧବ ରାଓ ସିନ୍ଧିଆ କାନପୁରରେ ଏକ ର୍‍ୟାଲିରେ ଯୋଗଦେବାକୁ ଯାଉଥିବା ସମୟରେ ତାଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୫୬ ବର୍ଷୀୟ ସିନ୍ଧିଆଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା।
- ଆହୁରି ୨୦୦୨ରେ ଲୋକସଭାର ବାଚସ୍ପତି ଭାବେ କାର୍ଯ୍ୟ କରୁଥିବା ଗନ୍ତି ମୋହନ ଚନ୍ଦ୍ର ବାଲାଯୋଗୀ ଏକ ହେଲିକପ୍ଟର ଯୋଗେ ଯାଉଥିବା ସମୟରେ ଏହା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସେ ଆନ୍ଧ୍ର ପ୍ରଦେଶରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଯାଉଥିବା ବେଳେ ଏହା ତାଙ୍କ ଜୀବନର ଶେଷ ଯାତ୍ରା ହୋଇଥିଲା।
- ସେହିପରି ୨୦୦୯ରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ⇨ପୃଷ୍ଠା-୬

## ଅବତରଣ ବେଳେ ଖସିପଡ଼ିଲା ବିମାନ

# ଅଜିତ୍ ପାୱାର୍‌ଙ୍କ ସମେତ ୫ ଜୀବନ୍ତ ଦଗ୍ଧ

- ଜଳିପୋଡ଼ି ବିମାନ ଛାରଖାର
- ତଦନ୍ତ କରିବ ଏଏଆଇବି
- ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ
- ତିନିଦିନିଆ ଶୋକ ଘୋଷଣା



**ପୁଣେ,୨୮।୧:** ଆଜି ଦେଶର ଜଣେ ପ୍ରମୁଖ ରାଜନେତା ତଥା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର୍‌ଙ୍କର ୬୬ ବର୍ଷ ବୟସରେ ଦୁଃଖଦ ମୃତ୍ୟୁ ଘଟିଛି। ଶ୍ରୀ ପାୱାର୍ ଆଜି ସକାଳେ ଏକ ଲିଅରଜେଟ୍ ୪୫ ବିମାନରେ ପୁଣେର ବାରାମତିକୁ ଏକ ଜନସଭାରେ ଯୋଗଦେବା ସକାଶେ ଯାଉଥିବା ବେଳେ ଅଚାନକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନଟି ଅଚାନକ ଖସିପଡ଼ିଥିଲା। ଏହାପରେ ଏହି ବିମାନଟି ପାଖାପାଖି ଅଧଘଣ୍ଟା ପର୍ଯ୍ୟନ୍ତ ଜଳିଥିଲା। ଫଳତଃ ଏଥିରେ ଶ୍ରୀ ପାୱାର୍‌ଙ୍କ ⇨ପୃଷ୍ଠା-୬ ସହ ତାଙ୍କ ପିଏସ୍‌ଓ ଓ ଆଟେଣ୍ଡାଣ୍ଟ୍, ଦୁଇ ଜଣ କ୍ରିଉ ମେମ୍ବର (ଜଣେ ପାଇଲଟ୍-ଇନ୍ କମାଣ୍ଡ୍ ଓ ଜଣେ ଫାଷ୍ଟ୍ ଅଫିସର୍) ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନାନୁସାରେ, ଭିଏସ୍‌ଆର୍ ⇨ପୃଷ୍ଠା-୬

### କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱରଃ** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର୍‌ଙ୍କ ପରଲୋକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ବ୍ୟକ୍ତ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ପାୱାର୍‌ଙ୍କ ଅକାଳ ବିୟୋଗ ମୋତେ ମର୍ମାହତ କରିଛି। ମହାରାଷ୍ଟ୍ରର ବିକାଶ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ବିଶେଷକରି ମହାରାଷ୍ଟ୍ରର ଗ୍ରାମାଞ୍ଚଳ ବିକାଶ ଓ ସଶକ୍ତିକରଣ ପାଇଁ ସେ ଅହର୍ନିଶି କାର୍ଯ୍ୟ କରୁଥିଲେ। ଏପରି ଏକ ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପରିବାରକୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।
ସେହିପରି ଶ୍ରୀ ମାଝୀ ତାଙ୍କ ⇨ପୃଷ୍ଠା-୬

---

ଏଣ୍ଟରପ୍ରାଇଜ୍ ଓଡ଼ିଶାର ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ

# ୮୮୦୦ କୋଟିର ୨୦ ପ୍ରକଳ୍ପ ଭେଟି




- ସୃଷ୍ଟି ହେଲା ୬୮୩୨ ନିଯୁକ୍ତି ସୁଯୋଗ
- ୨୨ ନୂଆ ଏମଓୟୁ ସ୍ୱାକ୍ଷରିତ, ୫ ନିବେଶ ପ୍ରସ୍ତାବ
- ଆସିବ ଆଉ ୫୨,୦୨୬ କୋଟି ପୁଞ୍ଜି ଓ ୨୦,୪୨୭ ନିଯୁକ୍ତି ସୁଯୋଗ
- ଘର ପାଖରେ ନିଯୁକ୍ତି ପାଇଁ ଏମଏସଏମଇ କ୍ଷେତ୍ରକୁ ଗୁରୁତ୍ୱ
- ଆମେ ହେବୁ ଶ୍ରେଷ୍ଠ, ଶ୍ରେଷ୍ଠଙ୍କ ସହ ଆମ ପ୍ରତିଯୋଗିତାଃ ମୁଖ୍ୟମନ୍ତ୍ରୀ

**ରାଉରକେଲା,୨୮।୧(ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶା ଆଉ ବିକାଶର ପରବର୍ତ୍ତୀ ସୀମା ହୋଇ ରହିନାହିଁ। ଏହା ଏବେ ଓଡିଶାରେ ଶିଳ୍ପ ବିକାଶର ମୁଖ୍ୟ ଇଞ୍ଜିନ ସାଜିଛି। ଆଜି ରାଉଲକେଲାଠାରେ ଏଣ୍ଟରପ୍ରାଇଜ ଓଡିଶାର ୨୫ତମ ସଂସ୍କରଣ ଉଦଘାଟନ ଉତ୍ସବରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଉଦଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏକାଧିକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ୮ହଜାର ୮୮୪ କୋଟି ଟଙ୍କାର ୨୦ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ମୋଟ ୬୮୩୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହାସହ ଆଉ ୫୨ହଜାର ୨୬ କୋଟି ଟଙ୍କାର ନିବେଶ ପାଇଁ ୨୨ଟି ଶିଳ୍ପ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଆଉ ୨୦ହଜାର ୪୨୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପଶ୍ଚିମ ଓଡିଶାରେ ଆରମ୍ଭ ହୋଇଥିବା ନୂଆ ଶିଳ୍ପ ବିପ୍ଲବକୁ ଏହା ଆହୁରି ଗତି ଦେବ। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଶିଳ୍ପ, ଗୃହ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସିଆଇଆଇର ଅଧ୍ୟକ୍ଷଙ୍କ ସହ ବହୁ ନୀତି ନିର୍ଦ୍ଧାରକ, ବିଶିଷ୍ଟ ଶିଳ୍ପପତିମାନେ ଯୋଗ ଦେଇଥିଲେ। ଟାଟା ଷ୍ଟିଲ, ଏମସିଏଲ, ଜେଏସଡବ୍ଲୁ, ବେଦାନ୍ତ, ଡାଲମିଆ ⇨ପୃଷ୍ଠା-୬

---

ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠାଣ ପ୍ରସଙ୍ଗରେ ମନ୍ତ୍ରୀଙ୍କ ଚେତାବନୀ

# କାର୍ଡଧାରୀଙ୍କଠାରୁ ଆଦାୟ ହେବ ଦେଢ଼ଗୁଣା



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ବିଜେଡି ସରକାର ଅମଳରେ ଦଳୀୟ କର୍ମୀମାନେ କ୍ଷମତା ବଳରେ ମନଇଚ୍ଛା ରେସନ୍ କାର୍ଡ ହାତେଇବା ସହ ଅନେକ କାର୍ଡରେ ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠାଯାଇଛି। ଗତ ବର୍ଷ ଏହି ପ୍ରସଙ୍ଗରେ କେତେକ ହିତାଧିକାରୀଙ୍କ କାର୍ଡ ମଧ୍ୟ ଅକାମୀ ହୋଇଛି। ଏହି ପ୍ରସଙ୍ଗରେ ଆଜି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯେଉଁ ହିତାଧିକାରୀମାନେ ସେମାନଙ୍କ ପରିବାରର ସଦସ୍ୟଙ୍କ ମୃତ୍ୟୁ ପରେ ତାଙ୍କ ନାଁରେ ଚାଉଳ ଉଠାଇଛନ୍ତି ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଯେଉଁମାନେ ଏପରି ଅନିୟମିତତା ସହ ଜଡ଼ିତ ଥିବେ, ସେମାନଙ୍କ ବିରୋଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏପରିକି ମୃତ ବ୍ୟକ୍ତିଙ୍କ ନାଁରେ ଉଠିଥିବା ଚାଉଳର ଦେଢ଼ଗୁଣା ଅର୍ଥ ଉକ୍ତ କାର୍ଡଧାରୀଙ୍କଠାରୁ ଆଦାୟ କରାଯିବ। ସେହିପରି ମନ୍ତ୍ରୀ ଆହୁରି କହିଛନ୍ତି ଯେ ଇ-କେୱାଇସିରେ ୬ ଲକ୍ଷ ୯୫ ହଜାରରୁ ଊର୍ଦ୍ଧ୍ୱ ମୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ତେବେ ଯେଉଁମାନେ ଏବେ ବି ଏପରି ଭୁଲ୍ କରୁଛନ୍ତି, ସେମାନେ ତୁରନ୍ତ ମୃତ ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ଜଣାଇ ନାଁ କାଟିନେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅପିଲ୍ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଶେଷ ଭାଗରେ ରେସନ୍ କାର୍ଡଧାରୀଙ୍କ ପାଇଁ ବିଭାଗ ପକ୍ଷରୁ ଇ-କେୱାଇସି କରାଇବା ସକାଶେ ଏକାଧିକ ବାର ସୁଯୋଗ ଦିଆଯାଇଥିଲା। ଏହି ସମୟରେ ଅନେକ ଅଯୋଗ୍ୟ ବି କାର୍ଡ ହାତେଇଥିବା ଜଣାପଡ଼ିଥିଲା। ସେମାନଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ କାର୍ଡ ବାତିଲ୍ କରିଦେଇଥିଲେ। ଏହାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ ଘେରିବାକୁ ବି ଚେଷ୍ଟା କରିଥିଲେ। ତେବେ ଏବେ ମନ୍ତ୍ରୀ ଦେଇଥିବା ତାଗିଦ୍ ପରେ କେତେ ଜଣ ହିତାଧିକାରୀ ମୃତ୍ୟ ହିତାଧିକାରୀଙ୍କ ନାମ ସ୍ୱେଚ୍ଛାକୃତ ଭାବେ କାଟିବାକୁ ଆଗେଇ ଆସୁଛନ୍ତି, ତାହା ଦେଖିବାର କଥା।

---

# ବିଜେଡି କୋର୍ଟରେ ଭକ୍ତଙ୍କ ବଲ୍



ଚତୁର୍ଥ ଆସନରେ ମିଳିତ ପ୍ରାର୍ଥୀ ପାଇଁ ପ୍ରସ୍ତାବ

ଆଲୋଚନା ପାଇଁ ନବୀନଙ୍କୁ ମାଗିଲେ ସମୟ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟସଭା ଗଣିତର ଗୋଲକଧନ୍ଦା ମଧ୍ୟରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ଜୁଟି ହେଉଥିବା ବେଳେ ପିସିସି ସଭାପତି ଭକ୍ତ ଦାସ ବିଜେଡି କୋର୍ଟକୁ ବଲ ଫିଙ୍ଗିଛନ୍ତି। ରାଜ୍ୟସଭାରେ ଚତୁର୍ଥ ଆସନ ପାଇଁ ସେ ବିଜେଡିର ସହଯୋଗ ଲୋଡିଛନ୍ତି। ଆଉ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ସମୟ ମାଗିଥିବା କହିଛନ୍ତି। ଆସନ୍ତା ଏପ୍ରିଲରେ ଖାଲି ହେଉଥିବା ଚାରୋଟି ରାଜ୍ୟସଭା ଆସନ ମଧ୍ୟରୁ ତିନୋଟିରେ ଚିତ୍ର ସ୍ପଷ୍ଟ। ଗୋଟିଏ ବିଜେଡି ଓ ଦୁଇ ବିଜେପି ସଂଖ୍ୟା ଦୃଷ୍ଟିରୁ ସହଜରେ ଜିତିବେ। କିନ୍ତୁ ଚତୁର୍ଥ ପାଇଁ କାହା ପାଖରେ ସଂଖ୍ୟା ନାହିଁ। ଚତୁର୍ଥ ଆସନ ପାଇଁ କେତେବେଳେ ଦିଲ୍ଲୀପ ରାୟ ତ କେତେବେଳେ ଡି.ଆର. ପଟ୍ଟନାୟକଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ଏଭିତରେ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଦେବାକୁ ଘୋଷଣା କରିଥିଲା। ହେଲେ ଆବଶ୍ୟକ ସଂଖ୍ୟା ନଥିବାରୁ ପିସିସି ସଭାପତି ବିଜେଡି ସହ ମିଳିତ ଉଦ୍ୟମରେ ରାଜ୍ୟର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜ୍ୟସଭା ପଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏନେଇ ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ଥିବା କହିଛନ୍ତି। ଫେବୃଆରୀ ପ୍ରଥମ ସପ୍ତାହରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମିଳିତ ଭାବେ ଚତୁର୍ଥ ପ୍ରାର୍ଥୀ ପାଇଁ ଆଲୋଚନା କରିବାକୁ ସେ ଙ୍କ କାର୍ଯ୍ୟାଳୟକୁ ସମୟ ମାଗିଥିବା କହିଛନ୍ତି। ବିଜେପି ମଧ୍ୟ ରାଜ୍ୟର ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ପଠାଇବାକୁ ବିଜେଡି ଏବଂ କଂଗ୍ରେସର ସହଯୋଗ ଲୋଡିଥିବା ଜଣାପଡିଛି।

---

# ସ୍କୁଲ୍ ଉପରେ ନଜର ରଖିବ ଏଆଇ କ୍ୟାମେରା

- ଇଣ୍ଟରନେଟ କିମ୍ବା ସାଟେଲାଇଟ ସହ ଯୋଡ଼ିହେବେ ସବୁ ସ୍କୁଲ
- ଭର୍ଚୁଆଲ କ୍ଲାସରୁମ ଜରିଆରେ ବିଶେଷଜ୍ଞ ଦେଲେ ତାଲିମ
- ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ହେବେ ଉପକୃତ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍କୁଲରେ କେମିତି ଚାଲିଛି ପାଠପଢ଼ା, ତା' ଉପରେ ନଜର ରଖିବ ଏଆଇ କ୍ୟାମେରା। ଏଥିସହ ରାଜ୍ୟସ୍ତରୀୟ ଓ ଜୋନ୍‌ସ୍ତରୀୟ ସ୍ୱତନ୍ତ୍ର ଷ୍ଟୁଡିଓ ଜରିଆରେ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞ ଶିକ୍ଷକମାନେ ତାଲିମ ଦେବେ। ଏଥିପାଇଁ ରାଜ୍ୟର ସବୁ ସ୍କୁଲରେ ଲାଗିବ ଏଆଇ କ୍ୟାମେରା। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଅଥରିଟି (ଓସେପା) ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ) ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି।




ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଓସେପା ପକ୍ଷରୁ ରାଜ୍ୟର ସବୁ ସ୍କୁଲରେ ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଶିକ୍ଷାର ମାନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଇଣ୍ଟରନେଟ ଓ ସାଟେଲାଇଟ ଯୋଗାଯୋଗ ଦ୍ୱାରା ଉପାନ୍ତ ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଉନ୍ନତ ମାନର ତାଲିମ ଓ ଶିକ୍ଷାଦାନ ଯୋଗାଇ ଦେବାକୁ ଯୋଜନା କରାଯାଉଛି। ଟେକ୍ନୋଲୋଜିର ବ୍ୟବହାର କରି ଭର୍ଚୁଆଲ କ୍ଲାସରୁମ ଜରିଆରେ ଛାତ୍ରଛାତ୍ରୀଙ୍କୁ ସମୟର ଆବଶ୍ୟକତା ଅନୁଯାୟୀ ତାଲିମ ଦିଆଯିବ। ଏଥିପାଇଁ ଦୂରନ୍ତ ଷ୍ଟୁଡିଓର ମଧ୍ୟ ବ୍ୟବହାର କରାଯିବ। ଶିକ୍ଷାଦାନ ସହ ଆଭାସୀ ମାଧ୍ୟମରେ ଶିକ୍ଷକ ତାଲିମ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇପାରିବ। ଆଭାସୀ ମାଧ୍ୟମରେ ଦିଆଯାଉଥିବା ସବୁ ପ୍ରକାର ତାଲିମର ରେକର୍ଡ କରାଯିବା ସହ ⇨ପୃଷ୍ଠା-୬

---

ଇରାନକୁ ଟ୍ରମ୍ପଙ୍କ ଧମକ

# ପରମାଣୁ ଚୁକ୍ତି କର, ନଚେତ୍ ଆକ୍ରମଣ

**ୱାଶିଂଟନ,୨୮।୧:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ, ଇରାନକୁ ତୁରନ୍ତ ଏହାର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବାକୁ ପଡିବ, ନଚେତ୍ ଆମେରିକାର ପରବର୍ତ୍ତୀ ଆକ୍ରମଣ ଆହୁରି ଘାତକ ହେବ। ଟ୍ରମ୍ପ ବୁଧବାର ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ ପରମାଣୁ ଅସ୍ତ୍ର ବିକାଶ ବନ୍ଦ କରିବାକୁ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇଥିବା ଚୁକ୍ତିରେ ଇରାନକୁ ପ୍ରବେଶ କରିବାକୁ ହେବ। ଟ୍ରମ୍ପ କହିଛନ୍ତି ଯେ ସମୟ ସରି ଆସୁଛି ଏବଂ ପରିସ୍ଥିତି ଭୟଙ୍କର ହେବ। ଟ୍ରମ୍ପ ମନେ ପକାଇଥିଲେ ଯେ ଇରାନକୁ ତାଙ୍କର ପୂର୍ବ ଚେତାବନୀ ପରେ ଜୁନ୍ ମାସରେ ଇରାନ ଉପରେ ଏକ ସାମରିକ ଆକ୍ରମଣ ହୋଇଥିଲା। ଯଦି ଇରାନ ତାହା ପାଳନ ନ କରେ, ତେବେ ପରବର୍ତ୍ତୀ ଆକ୍ରମଣ ଅଧିକ ଗମ୍ଭୀର ହେବ। ସେ ଏହା ମଧ୍ୟ କହିଥିଲେ ଯେ ଏକ ବଡ଼ ଆମେରିକୀୟ ନୌସେନା ନୌବାହିନୀ ଇରାନ ଆଡ଼କୁ ମୁହାଁଇଛି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି ଯେ ଏକ ବିଶାଳ ଯୁଦ୍ଧ ଜାହାଜ ଇରାନ ଆଡକୁ ମୁହାଁଇଛି।

---

# ଗୁପ୍‌ଚୁପ୍ ବିକାଳିଙ୍କୁ ବୀଭତ୍ସ ହତ୍ୟା !

ରାସ୍ତାକଡ଼ରୁ ମିଳିଲା ମୃତଦେହ

ଜଣେ ଅଟକ, ପଚରାଉଚରା ଜାରି

**ସମ୍ବଲପୁର,୨୮।୧(ସଂଚାର ବ୍ୟୁରୋ):** ସମ୍ବଲପୁରରେ ଜନୈକ ଗୁପ୍‌ଚୁପ୍ ବିକାଳିଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇ ନିକଟସ୍ଥ ଜଙ୍ଗଲରେ ଫିଙ୍ଗିଦିଆଯାଇଥିବା ସନ୍ଦେହ କରାଯାଉଛି। ଖଡ଼ିଆପାଲି ନିକଟସ୍ଥ ଦୋମୁହାଣୀ ବନାଞ୍ଚଳରେ ଏହି ମୃତଦେହ ଉଦ୍ଧାର କରାଯାଇଛି। ମୃତ ଗୁପଚୁପ୍ ବିକାଳି ଜଣଙ୍କ ଖଡ଼ିଆପାଲି ଗ୍ରାମର ଜଗନ୍ନାଥ ପଲେଇ ବୋଲି ଚିହ୍ନଟ ହୋଇଛନ୍ତି। ଜଗନ୍ନାଥ ଆଖପାଖ ଗ୍ରାମରେ ଗୁପ୍‌ଚୁପ୍ ବିକି ପରିବାର ଚଳାଇଆସୁଥିଲେ। ତେବେ ଏନେଇ ତାଙ୍କ ପରିବାର ଲୋକେ କହିଛନ୍ତି ଯେ ସବୁଦିନ ପରି ଘଟଣା ଦିନ ଜଗନ୍ନାଥ ସବୁଦିନ ପରି ସକାଳୁ ଘରୁ ବାହାରିଯାଇଥିଲେ ହେଁ ସନ୍ଧ୍ୟା ହୋଇଯାଇଥିଲେ ବି ସେ ଆଉ ଫେରିନଥିଲେ। ତେଣୁ ⇨ପୃଷ୍ଠା-୬

---

# ଗୋଟିଏ ଗୁଳିରେ ଦୁଇଟି ଶିକାର କଲେ ନବୀନ



- କଳିକେଶଙ୍କୁ ନେତୃତ୍ୱ ଦାବି ପରେ ଉପକୂଳିଆ ନେତା ଆତଙ୍କିତ
- ଅରୁଣ କହିଲେ ଉତ୍ତରାଧିକାରୀ ଏକ ସାମନ୍ତବାଦୀ ଚିନ୍ତାଧାରା
- ଗଣେଶ୍ୱର କହିଲେ ନବୀନ ଏବେ ସଫଳ ଓ ସକ୍ଷମ; ଅକ୍ଷମ ନୁହଁନ୍ତି



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ତିନି ଦିନ ତଳେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଏବେ ତାଙ୍କ ପୁଅ କଳିକେଶ ନାରାୟଣ ସିଂହଦେଓଙ୍କୁ ଓଡିଶା ନେତୃତ୍ୱ ଦେବାର ଦାବି ଉଠିଛି। ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଏ ଦାବି ସୁଚିନ୍ତିତ ଓ ପ୍ରାୟୋଜିତ। ନବୀନଙ୍କ ଅନ୍ୟତମ ଅନୁଗତ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏହି ଦାବି ଉଠାଇଛନ୍ତି। ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନାତି କଳିକେଶଙ୍କୁ ନେତୃତ୍ୱ ଦାବି ଉଠାଇ ନବୀନ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି।

ଦିବ୍ୟଶଙ୍କର କହିଥିଲେ, କଳିକେଶ ଜଣେ ଡାଇନାମିକ ଲିଡର, ସେ ଜଣେ ପ୍ରଗତିଶୀଳ ବ୍ୟକ୍ତିତ୍ୱ। ସ୍ୱର୍ଗତଃ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ସେହିଭଳି ଭବିଷ୍ୟତରେ ସମସ୍ତଙ୍କୁ ମିଶି କଳିକେଶଙ୍କୁ ମଧ୍ୟ ସାମ୍ନାକୁ ଆଣିବାକୁ ପଡିବ। ବଲାଙ୍ଗିର, କଳାହାଣ୍ଡି ଓ ପୂରା ପଶ୍ଚିମାଞ୍ଚଳ ତାଙ୍କୁ ସମର୍ଥନ କରୁଛି। ଆଗକୁ ସମ୍ପୂର୍ଣ୍ଣ ରାଜ୍ୟ ବି ଗ୍ରହଣ କରିବ। ରାଜନୀତି କ୍ଷେତ୍ରରେ ତାଙ୍କର ପାରିବାରିକ ପଟିଆରା ରହିଛି। ତେଣୁ ବଲାଙ୍ଗିରକୁ ଏବଂ କଳିକେଶଙ୍କୁ ପୁଣି ଥରେ ରାଜ୍ୟ ନେତୃତ୍ୱ ମିଳିବା କଥା ବୋଲି ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ ଠାରେ ଅନୁଷ୍ଠିତ ସ୍ୱର୍ଗତ ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଦିବ୍ୟଶଙ୍କର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଅତୀତରେ ଡୁନ ସ୍କୁଲରୁ ଆରମ୍ଭ କରି ଷ୍ଟିଫେନ କଲେଜ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ପରେ ଯୁବ ବିଧାୟକ ଏବଂ ସାଂସଦ ଭାବେ ସେ ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କ ପାଖରେ ଯୁବ ତେଜସ୍ୱୀ ଓ ପ୍ରଗତିଶୀଳ ନେତୃତ୍ୱ ନେବାର ଦକ୍ଷତା ଅଛି। ତେଣୁ ⇨ପୃଷ୍ଠା-୬



## କେନ୍ଦ୍ରାପଡ଼ା ଝିଅ ଆରାଧ୍ୟା ଝାରସୁଗୁଡା ଜିଲ୍ଲାରେ ପ୍ରଥମ



**କେନ୍ଦ୍ରାପଡ଼ା,୨୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଝିଅ ଆରାଧ୍ୟା ମହାନ୍ତି ଝାରସୁଗୁଡା ଜିଲ୍ଲାରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ପୁରସ୍କୃତ ହୋଇଛନ୍ତି। ଝାରସୁଗୁଡା ଜିଲ୍ଲାପାଳ କୁଶାଲ ହ୍ୱୋଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଆରାଧ୍ୟାଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଛନ୍ତି । ଆରାଧ୍ୟା ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମୃଗନୟନୀ ଗ୍ରାମର ଅବସରପ୍ରାପ୍ତ ଓ.ଏଫ.ଏସ. ସ୍ୱର୍ଗତ କୃପାସିନ୍ଧୁ ମହାନ୍ତିଙ୍କ ନାତୁଣୀ । ସୁଶ୍ରୀ ଆରାଧ୍ୟା ଇବଥର୍ମାଲ ବନହରପାଲୀ ସ୍ଥିତ ଓଡିଶା ପାୱାର ଜେନେରେସନ କରପୋରେସନର ଜେନେରାଲ ମ୍ୟାନେଜର ପ୍ରଦୀପ୍ତ କୁମାର ମହାନ୍ତି ଓ ବିଶିଷ୍ଟ ସଂଗୀତକାର ସୁଶ୍ମିତା ମହାନ୍ତିଙ୍କ ସୁପୁତ୍ରୀ ହୋଇଥିବା ବେଳେ ଭୁବନେଶ୍ୱରର ବିଶିଷ୍ଟ ଟ୍ୟାକ୍ସ କନସଲଟା ଦିପ୍ତୀରାଣି ମହାନ୍ତିଙ୍କ ଝିଆରୀ ଅଟନ୍ତି । ଆରାଧ୍ୟା ଥର୍ମାଲ ଡିଏଭି ପବ୍ଲିକ ସ୍କୁଲର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ସେ ସର୍ବଦା ଶ୍ରେଣୀରେ ପ୍ରଥମ ହୋଇଥାନ୍ତି । ଏଥିସହିତ ଆରାଧ୍ୟା ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଆସୁଛନ୍ତି ।

## ଆଇଆଇସି ବନ୍ଦନା ପାତ୍ରଙ୍କୁ ଦକ୍ଷ ଅଫିସର ସମ୍ମାନ



**ପଟ୍ଟାମୁଣ୍ଡାଇ,୨୮।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ନରସିଂହପୁର ମା ବୀଣାପାଣି ୟୁଥକ୍ଲବ୍ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ରଙ୍କୁ ଦକ୍ଷ ଅଫିସର ସମ୍ମାନ- ୨୦୨୬ ରେ ସମ୍ମାନିତ କରାଯାଇଛି। ସରସ୍ୱତୀ ପୂଜା ଅବସରରେ ମା ବୀଣାପାଣି ୟୁଥକ୍ଲବ୍‌ର ସଭାପତି ପ୍ରଶାନ୍ତ କୁମାର ମଲିକଙ୍କ ପୌରହିତ୍ୟ ରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ମୁଖ୍ୟ ଅତିଥି, ବରିଷ୍ଠ ସାହିତ୍ୟିକ ପ୍ରାବନ୍ଧିକ ଡ. ନୀଳମଣି ଲେଙ୍କା ମୁଖ୍ୟବକ୍ତା,ସମ୍ମାନିତ ଅତିଥି ଭାବେ ଡା ମନୋରଞ୍ଜନ ଦାଶ, ଏ.ଏସ.ଆଇ ମାମୁନି ରାୟ, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ତ୍ରିପାଠି, ଉପେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷାକରିବା ସହିତ ଶାନ୍ତି କମିଟି ମାଧମରେ ଜଟିଳ ସମସ୍ୟା ଗୁଡ଼ିକର ସମାଧାନ କରିବା, ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ଆଇଆଇସି ଶ୍ରୀମତୀ ପାତ୍ର ଦକ୍ଷତାର ପ୍ରମାଣ ଦେଇଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ମା ବୀଣାପାଣି ୟୁଥକ୍ଲବ୍ ଭବ୍ୟ ସମ୍ବର୍ଦ୍ଧନାର ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ଏହି ପ୍ରରିପେକ୍ଷୀ ରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ଅତିଥି ମାନେ ପୁରସ୍କୃତ କରିଥିଲେ।

## କେନ୍ଦ୍ରାପଡ଼ାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ




**କେନ୍ଦ୍ରାପଡ଼ା,୨୮।୧(ସଂଚାର ବ୍ୟୁରୋ):** ନବ ନିର୍ମାଣ କୃଷକ ସଂଗଠନ ଡାକରାରେ ଓ କଂଗ୍ରେସ ଦଳର ସମର୍ଥନରେ କେନ୍ଦ୍ରାପଡାରେ ଓଡିଶା ବନ୍ଦ ପାଳିତ ହୋଇଯାଇଛି । ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଫାଇନ ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ଶୋଷଣ ଓ କୃଷି ମନ୍ତ୍ରୀଙ୍କ ଉପସ୍ଥିତିରେ ଗୁଣ୍ଡାଙ୍କ ଦ୍ୱାରା ନବନିର୍ମାଣ ସଂଗଠନର ନେତୃତ୍ୱ ଉପରେ ଆକ୍ରମଣ ପ୍ରତିବାଦରେ ଜାନୁଆରୀ ୨୮ରେ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାର ଦୁହୁରିଆ ଠାରେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତାରୋକ ଓ ଆନ୍ଦୋଳନ ପୂର୍ବକ ଏହି ଓଡିଶା ବନ୍ଦ ଅନୁଷ୍ଠିତ ହୋଇଯାଇଛି । ନବନିର୍ମାଣ କୃଷକ ସଂଗଠନର ସଭାପତି ଅଙ୍କୁର ପଲେଇ, ଦାଶରଥି ସାହୁ, ଦୋଳଗୋବିନ୍ଦ ସାହୁ, କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ବିଧୁଭୂଷଣ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ହରିଶ ପଟ୍ଟନାୟକ, ଜିଲ୍ଲା ସାମାଜିକ ଗଣମାଧମ ସଂଯୋଜକ ହିମାଂଶୁ ଭୂଷଣ ନନ୍ଦ, ରଶ୍ମିରଞ୍ଜନ ଚୌଧୁରୀଙ୍କ ସମେତ ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଜଗତଜୀବନ ଦାଶ ପ୍ରମୁଖ ଶତାଧିକ ଲୋକ ଦୁହୁରିଆଠାରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ସଂଖ୍ୟାରେ ଗାଡିମଟର ଛିଡା ହୋଇ ରହିଥିଲା ।

## ସାଲେପୁରରେ ଓଡ଼ିଶା ବନ୍ଦ ପ୍ରଭାବଶୂନ୍ୟ

**ସାଲେପୁର,୨୮।୧(ସଂଚାର ବ୍ୟୁରୋ):** ୩ଗୋଟି ସମସ୍ୟା ନେଇ ନବ ନିର୍ମାଣ କୃଷକ ସଂଗଠନ ଦେଇଥିବା ୮ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ସାଲେପୁରରେ ପ୍ରଭାବଶୂନ୍ୟ ହୋଇଛି। ସାଲେପୁର ଅଞ୍ଚଳରେ ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସ୍ୱାଭାବିକ ଥିଲାବେଳେ ସଂଗଠନର କୌଣସି କର୍ମକର୍ତ୍ତା ଏଠାରେ ବିକ୍ଷୋଭ କରୁଥିବା ଦେଖିବାକୁ ମିଳିନଥିଲା। ପ୍ରକାଶ ଯେ ରାଜ୍ୟରେ ସରକାରଙ୍କ ପକ୍ଷରୁ ଖୋଲିଥିବା ଧାନମଣ୍ଡିରେ ଅବ୍ୟବସ୍ଥା, ବିଜୁଳି ଟାରିଫ୍ ଓ ପ୍ରଦୂଷଣ ସାର୍ଟିଫିକେଟ୍‌କୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନ ୮ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ଆଜି ଓଡ଼ିଶାର କେତେକ ସ୍ଥାନରେ ବନ୍ଦ ପାଳନ ଦେଖାଯାଇଥିବାବେଳେ ସାଲେପୁରରେ ଓଡ଼ିଶାବନ୍ଦ ଡାକରା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦେଖିବାକୁ ମିଳିଥିଲା। ସାଲେପୁର ସହର ସମେତ ବିଭିନ୍ନ ସ୍ଥାନରେ ଦୋକାନ ବଜାର ଖୋଲାରହିଥିବାବେଳେ ସ୍କୁଲ, କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ଖୋଲାରହିଥିଲା। ସେହିପରି ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା।

## ଶିଳ୍ପ ପ୍ରତିଷ୍ଠାକୁ ନେଇ ଜନଶୁଣାଣି

## କଳାଗଡ଼ ଗ୍ରାମରେ ୫୪୩.୩୫୧୦ ଏକର ଜମି ଅଧିଗ୍ରହଣ ହେବ



**କେନ୍ଦ୍ରାପଡ଼ା, ୨୮।୧ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଯଦୁପୁର ପାୟତର କଳାଗଡ଼ଠାରେ ଶିଳ୍ପ ପ୍ରତିଷ୍ଠାକୁ ନେଇ ଆଜି ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ମଶାକଣୀ ବଡଦାଣ୍ଡ ପଡିଆରେ ଅନୁଷ୍ଠିତ ଜନ ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମାଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡା ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ଯଦୁପୁର ସରପଞ୍ଚ ସଂଯୁକ୍ତା ଜେନା, କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିବା ଇଡ଼କୋ ଜମି ଅଧିଗ୍ରହଣ ଅଧିକାରୀ ସ୍ମିତାଞ୍ଜଳି ଦାସ, ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଦୀପାର ଆଫ୍ଟର କେର ରିଲେସନସିପ ଏକ୍ସପୋର୍ଟ ବଳରାମ ସାହୁ ସମେତ ଲାଇଫ ଏକାଡେମୀ ଅଫ ଭୋକେସନାଲ ଷ୍ଟଡ଼ିର ସଂଯୋଜକ କୋର୍ଡିନେଟର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଦୀପା ଟିମ ଲିଡର ସୌଭାଗ୍ୟ ରଞ୍ଜନ ମଲ୍ଲିକ ସଂଚାଳନା କରିଥିଲେ ।

ସୂଚନା ଯୋଗ୍ୟ ଯେ, କଳାଗଡ଼ ଗ୍ରାମର ୫୪୩.୩୫୧୦ ଏକର ବେସରକାରୀ ଜମି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ ହେବ । ଲାଭ୍ସ୍ବ, ଭୁବନେଶ୍ୱର ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସର୍ବେକ୍ଷଣ ସମୟରେ ଆସିଥିବା ଅଭିଯୋଗ ଏବଂ ପ୍ରସ୍ତାବ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆଜିର ଜନ ଶୁଣାଣିରେ ପ୍ରଭାବିତ ଲୋକ ଶିଳ୍ପ ପ୍ରତିଷ୍ଠାକୁ ସ୍ୱାଗତ କରିବା ସହିତ ପ୍ରତିବଦଳରେ ତାଙ୍କର କିଛି ଦାବି ଉପସ୍ଥାପନ କରିଛନ୍ତି । ୱେଲସପୁନ ଲିଭିଂ ଲିମିଟେଡ଼ (ଟେକ୍ସଟାଇଲ), ୱେଲସପୁନ ନିଉ ଏନର୍ଜି ଲିମିଟେଡ଼(ଗ୍ରୀନ ହାଇଡ୍ରୋଜେନ ଏବଂ ଆମୋନିଆ),ଆକମେ ଅକ୍ଷୟ ଏନର୍ଜି ପ୍ରାଇଭେଟ ଲିମିଟେଡ଼ (ଗ୍ରୀନ ହାଇଡ୍ରୋଜେନ ଲିମିଟେଡ଼) ଏବଂ କୈବଲ୍ୟ ଲଜିଷ୍ଟିକ ପ୍ରାଭେଟ ଲିମିଟେଡ଼ ପ୍ରମୁଖ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନୁମୋଦନ ପାଇସାରିଥିବା ବେଳେ, ଗୋଟିଏ ଶିଳ୍ପ ନିମନ୍ତେ ଚୂଡାନ୍ତ ନିଷ୍ପତି ରାଜଧାନୀ ଭୁବେନେଶ୍ୱରରେ ହେବ ବୋଲି ସୂଚନା ଦିଆଯାଇଛି ।

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ତେଜିଲା



**କେନ୍ଦ୍ରାପଡ଼ା,୨୮।୧(ସଂଚାର ବ୍ୟୁରୋ):** ବିଜେଡି ସରକାର ୨୪ ବର୍ଷ ଶାସନ କାଳରେ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ କରି ନପାରିବା ଓ ଡବଲ ଇଂଜିନ ସରକାର କେନ୍ଦ୍ରରେ ୧୨ ବର୍ଷ ଓ ରାଜ୍ୟରେ ୨ ବର୍ଷ ଶାସନ କଲାପରେ ଅନ୍ୟ ଜିଲ୍ଲା ମାନଙ୍କରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ ଥିବାବେଳେ ଏକମାତ୍ର ଉପକୂଳର କେନ୍ଦ୍ରାପଡା ଜିଲ୍ଲା ଉପେକ୍ଷିତ ହେବା ତତ୍ ସହିତ ଲୋକମାନେ ଏଥିପ୍ରତି ସମର୍ଥନ ଜଣାଇ ଗଣତାନ୍ତ୍ରିକ ଭାବରେ ଆନ୍ଦୋଳନ କଲେ ମଧ ସରକାର ଭ୍ରୁକ୍ଷେପ କରିନାହାଁନ୍ତି। ହକ ପଇଁ ଏକ ହେବା ନ୍ୟାୟରେ ଦଳମତ ନିର୍ବିଶେଷରେ ସମସ୍ତ କେନ୍ଦ୍ରାପଡାବାସୀ ଏକଜୁଟ ହୋଇ ଅସନ୍ତା ବିଧାନସଭାରେ କେନ୍ଦ୍ରାପଡା ମେଡିକାଲ କଲେଜ କିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତି ଗ୍ରହଣ ହୋଇଛି ।

ଏହା ସହିତ ଆସନ୍ତା ସପ୍ତାହରେ ମହାକାଳପଡା ବ୍ଲକ ଓ ରଜକନିକା ବ୍ଲକ ସମ୍ମୁଖରେ ଗଣଧାରଣା ସଂଗଠିତ ହେବ। ଏଥିପାଇଁ କେନ୍ଦ୍ରାପଡା ପବ୍ଲିକ ରିଡିଂ ରୁମରେ କେନ୍ଦ୍ରାପଡାରେ ମେଡିକାଲ କଲେଜ କିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଅଧାପକ ଅଜୟ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଆବାହକ ଗୟାଧର ଧଳ, କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ, ମୁକ୍ତାର ଖାନ, ଅଙ୍କୁର ପଲେଇ, ବୈଷ୍ଣବ ସ୍ୱାଇଁ ପ୍ରଭୃତି ଆଲୋଚନା ରେ ଅଂଶ ଗ୍ରହ କରିଥିଲେ।

## ବିଏନଏନଆର ପବ୍ଲିକ ସ୍କୁଲରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର




**ପଟ୍ଟାମୁଣ୍ଡାଇ,୨୮।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳିପୁର ବି ଏନ ଏନ ଆର ପବ୍ଲିକ ସ୍କୁଲରେ ସାଧାରଣ ତନ୍ତ୍ର ଦିବସ ଅବସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ସ୍କୁଲର ପୂର୍ବତନ ଚେୟାରମ୍ୟାନ ବିଭୁତି ଭୂଷଣ ପାତ୍ରଙ୍କ ସ୍ମୃତି ରକ୍ଷା ଏବଂ ଗ୍ରାମାଞ୍ଚଳ ଜନସାଧାରଣ ଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଓ ମାଗଣାରେ ଔଷଧ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଏହି ବର୍ଷ ମଧ ଶିବିରର ଆୟୋଜନ କରା ଯାଇଥିଲା। ବିଏନଏନଆର ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ସ୍ୱର୍ଗତ ବିଭୁତି ଭୂଷଣ ପାତ୍ରଙ୍କ ପତ୍ନୀ ନିରୁପମା ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଡାକ୍ତର କାଶୀନାଥ ସ୍ୱାଇଁ,ବିଜୟା ଲକ୍ଷ୍ମୀ ପାତ୍ର ,ଅମ୍ଳାନ ତପନ ମହାପାତ୍ର,ରଶ୍ମିରଞ୍ଜନ ମହାନ୍ତି,ସୁମୀରେନ ରାଉତ,ଅଭିଲିପ୍ସା ସାହୁ,ରାଜୀବ ପାତ୍ର ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ରୋଗ ନିରୂପଣ କରିବା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ । ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିବିରରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇଥିଲା । ୪ ଶହ ରୁ ଉର୍ଦ୍ଧ୍ୱ ରୋଗୀ ଏହି ଶିବିରର ସୁଯୋଗ ନେଇ ଚିକିତ୍ସିତ ହୋଇ ଥିଲେ

## ଦୁଇଟି ଝିଅ ହେବାରୁ ଶାଶୂଘର ଲୋକେ ନିର୍ଯାତନା ଦେବା ଅଭିଯୋଗରେ ଜେଲ ଗଲେ ସ୍ୱାମୀ

**ରାଜନଗର,୨୮।୧(ସଂଚାର ବ୍ୟୁରୋ):** ପୁଅ ନହେବା କାରଣରୁ ଦୁଇଟି ଝିଅ ହେବା ଯୋଗୁଁ ଜଣେ ମହିଳାଙ୍କୁ ତାର ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ଯାହା ସ୍ୱାମୀଙ୍କୁ ମହଙ୍ଗା ପଡିବା ସହ ଜେଲ ହାଜତକୁ ଯାଇଥିବା ଜଣାପଡିଛି।

ରାଜନଗର ବ୍ଲକ କୋଇଲିପୁର ଗାଁରେ ଅଙ୍ଗନବାଡି କର୍ମୀ ଥିବା ବେଲପାଳ ଗାଁର ଶୁଭମିତ୍ରା ସ୍ୱାଇଁ(୩୪), ସ୍ୱାମୀ- ଉତମକୁମାର ସ୍ୱାଇଁ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ୧୧ବର୍ଷ ପୂର୍ବେ ବୈଦିକ ରୀତିନୀତି ଅନୁସାରେ ବିବାହ ହୋଇଥିଲା । ଶାଶୁଘର ଦାବୀ ମୁତାବକ ଟଙ୍କା, ସୁନା ସହ ଆସବାବପତ୍ର ଯୌତୁକ ଭାବେ ଦେଇଥିଲେ । ତାଙ୍କର ୧୦ବର୍ଷ ଓ ୮ବର୍ଷର ଦୁଇ ଝିଅ ଅଛନ୍ତି। ଅଧିକ ଯୌତୁକ ଦାବି ସହ ପୁଅ ନହେବାରୁ ବିଭିନ୍ନ ସମୟରେ ଶାଶୁ ଘର ଲୋକେ ଶାରିରୀକ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏପରିକି ତାଙ୍କ ସ୍ୱାମୀ ଉତମଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସଂପର୍କ ରହି ଆସିଥିବାରୁ ସେ ତାର ବିରୋଧ କରିଥିଲେ। ଫଳରେ ସ୍ୱାମୀ ଉତ୍ତମ, ଶ୍ୱଶୁର ଗୌରାଙ୍ଗ ତାଙ୍କୁ ଜୀବନରୁ ମାରି ଦେବାକୁ ଚକ୍ରାନ୍ତ କରି ଆସିଥିଲେ । ବିଭିନ୍ନ ସମୟରେ ମାଡଗାଳି ଦେଇ ସେ ଅଙ୍ଗନବାଡି ଚାକିରୀରୁ ପାଉଥିବା ଦରମା ଜୋରଜବରଦସ୍ତ ନେଇଯାଉଥିଲେ। ଏସଂପର୍କରେ ଶୁଭମିତ୍ରା ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୮/୨୬ରେ ମାମଲା ରୁଜୁ କରି ତାଙ୍କ ସ୍ୱାମୀ ଉତ୍ତମଙ୍କୁ ଗିରଫ କରି ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଏହି ଘଟଣା ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ସେବା ନିବୃତ୍ତ ବନ କର୍ମଚାରୀଙ୍କ ପରଲୋକ

**ରାଜନଗର,୨୮।୧ (ସଂଚାର ବ୍ୟୁରୋ):** ରାଜନଗର ବନ୍ୟପ୍ରାଣୀ ଡିଭିଜନର ବରିଷ୍ଠ ତଥା ଅବସରପ୍ରାପ୍ତ କର୍ମଚାରୀ ଶିବପ୍ରସାଦ ଦାସଙ୍କର ବୁଧବାର ସକାଳ ପ୍ରାୟ ୪ଟା ସମୟରେ ହୃଦଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା । ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସ୍ୱର୍ଗତ ଦାସ ଅବସର ନେବା ପରେ ବି ବନ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ । ସେ ଜଣେ କର୍ତବ୍ୟ ନିଷ୍ଠ, ଦାୟିତ୍ୱ ସଂପନ୍ନ କର୍ମଚାରୀ ଭାବରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ବନବିଭାଗର କର୍ମଚାରୀଙ୍କ ମଧରେ ଶୋକର ଛାୟା ଖେଳି ଯାଇଛି ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ



**ଡେରାବିଶ,୨୮।୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଥଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ତେହେଡ଼ା ଗ୍ରାମର ନକୁଳ ଚରଣ ରାଉତଙ୍କ ୨ ବଖରା ଘର ଅଗ୍ନିକାଣ୍ଡରେ ପୋଡ଼ିଯାଇଛି। ସୂଚନାରୁ ପ୍ରକାଶ ଗତକାଲି ମଧ୍ୟାହ୍ନରେ ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟି ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗ୍ରାମବାସୀମାନେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ପାଟକୁରାରୁ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ। ବାସହରା ପରିବାର ନିକଟରେ ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ଆଜି ଯଥଁରାବାରିମୂଳ ରାଜସ୍ୱ ନିରୀକ୍ଷକ ଇପ୍‌ସିତା ପରିଜା ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି।

## ଅବୈଧ ଗୋଚାଲାଣ ଘଟଣାରେ ଦୁଇ ଗିରଫ

**ମହାକାଳପଡ଼ା,୨୮।୧(ସଂଚାର ବ୍ୟୁରୋ):** ଗୋରୁ ଚୋରି ଓ ଅବୈଧ ଗୋଚାଲାଣ ଘଟଣାରେ ଆଜି ମହାକାଳପଡ଼ା ପୁଲିସ ଗୋଟିଏ ପିକଅପ୍ ଭ୍ୟାନ୍ ସହିତ ଦୁଇଟି ଗୋରୁକୁ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ ଗୁରୁବାର ଭୋର ପ୍ରାୟ ୩ଟା ସମୟରେ ଜମ୍ମୁ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଆଶୋକ ଲେଲ୍ୟାଣ୍ଡ ପିକଅପ୍ ଭାନ୍ (ନମ୍ବର ଓଡି-୨୧-ଏଚ-୪୦୫୪) କୁ ପୁଲିସ ଚିହ୍ନଟ କରିଥିଲା। ପୁଲିସକୁ ଦେଖି ଗାଡ଼ି ଚାଳକ ଗାଡିକୁ ବେପରୁଆ ଭାବେ ଚଳାଇ ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ପୁଲିସ ନିଜ ଯାନବାହନ ରାସ୍ତାରେ ରଖି ଭ୍ୟାନ୍‌କୁ ଅଟକାଇଥିଲା। ଭ୍ୟାନ୍‌ରୁ ଦୁଇଜଣ ବ୍ୟକ୍ତି ପଳାଇବାକୁ ଚେଷ୍ଟା କରିଥିଲେ ବି ପୁଲିସ ଦ୍ୱାରା ସେମାନେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଏସ୍. କେ. ଆକିପୁଦ୍ଦିନ(୨୬) ଓ ଏସ୍.କେ. ମନୱର (୪୫)। ଉଭୟେ କେନ୍ଦ୍ରାପଡ଼ା ସହର ଥାନା ଅନ୍ତର୍ଗତ ବଡ଼ହାଟ, କୁରେଶୀ ମହଲ୍ଲା ଗ୍ରାମର ବାସିନ୍ଦା। ଯାଞ୍ଚ ବେଳେ ଭ୍ୟାନ୍‌ର ଡାଲାରେ ଦୁଇଟି ଗାଈ କୁ ଅତ୍ୟନ୍ତ ଅମାନବିକ ପରିସ୍ଥିତିରେ ନେଯାଉଥିବା ଦେଖାଯାଇଥିଲା। ଅଭିଯୁକ୍ତମାନେ ଗାଈ ପରିବହନ ସମ୍ପର୍କିତ କୌଣସି ବୈଧ ଦଲିଲ, ଲାଇସେନ୍ସ ବା କ୍ରୟ ପତ୍ର ପ୍ରଦର୍ଶନ କରିପାରିନଥିଲେ। ପଚରାଉଚରାରେ ସେମାନେ ବିଭିନ୍ନ ଗାଁରୁ ଗାଈ ଚୋରି କରି ଦୀର୍ଘଦିନ ଧରି ଅବୈଧ ଗୋ-ଚାଲାଣ ବ୍ୟବସାୟରେ ଜଡିତ ଥିବା କଥା ସ୍ୱୀକାର କରିଥିଲେ। ଏହି ଘଟଣାରେ ମହାକାଳପଡ଼ା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କେସ୍ ନଂ ୩୬ ରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଏନଏସ ଧାରା ୩୦୩(୨)/୩୧୭(୨)/୩(୫)ପଶୁ ନିର୍ଯ୍ୟାତନା ଆଇନ ଧାରା ୧୧(୧)(ଏ)(ଡି)(ଇ) ଏବଂ ଓଡ଼ିଶା ଗୋ-ହତ୍ୟା ନିଷେଧ ଆଇନ ଧାରା ୭ ଅନୁସାରେ ମାମଲା ରୁଜ୍ଜୁ କରିଛି ବୋଲି ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ବାଲି ଚୋରାଚାଲାଣ ବନ୍ଦ ଦାବି କଲା ଜନଶକ୍ତି ପାର୍ଟି

**ଡେରାବିଶ,୨୮।୧(ସଂଚାର ବ୍ୟୁରୋ):** ସମଗ୍ରର ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଆଇନ ପରିବର୍ତନ କରି ରାଜସ୍ୱ ବିଭାଗ ନିକଟରୁ ଖଣିବିଭାଗକୁ ହସ୍ତାନ୍ତର ଯୋଗୁଁ ବାଲି ଚୋରା ଚାଲାଣ ବନ୍ଦ ହେବା ପରିବର୍ତ୍ତେ ବହୁ ପରିମାଣରେ ବଢ଼ିଯାଇଛି। ଲୁଣା ଓ ବିରୁପା ନଦୀରେ ରହିଥିବା ବାଲି ସୈରାତ ଗୁଡ଼ିକକୁ ଖଣି ବିଭାଗକୁ ହସ୍ତାନ୍ତରେ ପରେ ବର୍ଷାଧିକ କାଳ ହେବ ନିଲାମ କରାନଯିବା ଫଳରେ ବାଲି ମାଫିଆମାନେ ଦିନ ଦ୍ୱିପ୍ରହରରେ ବାଲି ଲୁଟ କରିବାରେ ଲାଗିଛନ୍ତି। ଫଳରେ ବାଲି ଦରର ଅହେତୁକ ଭାବେ ବୃଦ୍ଧି ପାଇଥିବାରୁ ଗରିବ ଆବାସ ହିତାଧିକାରୀମାନଙ୍କ ପାଇଁ ବେଢ଼ି ଉପରେ। କୋରଡ଼ା ସଦୃଶ୍ୟ ହୋଇଛି। ସରକାରୀ ନିୟମ ଅନୁଯାୟୀ ସଠିକ ଢଙ୍ଗରେ ବାଲିଘାଟ ଗୁଡ଼ିକର ନିଲାମ କରି ସରକାର ରାଜସ୍ୱ ଆଦାୟ କରିବା ସହିତ ଗରିବ ଆବାସ ହିତାଧିକାରୀମାନଙ୍କୁ ବିନା ରୟାଲିଟିରେ ବାଲି ଯୋଗାଇ ଦେବାକୁ ଶ୍ରୀ ଦାଶଙ୍କ ସମେତ ପାର୍ଟିର ସାଧାରଣ ସମ୍ପାଦକ ଇଂ ସମରେନ୍ଦ୍ର ଜେନା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ପଦକ୍ଷେପ ତୁରନ୍ତ ନିଆନଗଲେ ପାର୍ଟିର କର୍ମକର୍ତାମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କର୍ମକର୍ତାମାନେ ଚେତାବନୀ ଦେଇଛନ୍ତି।

## ଘରପୋଡ଼ି କ୍ଷତିଗ୍ରସ୍ତଙ୍କୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭର ସହାୟତା



**କେନ୍ଦ୍ରାପଡା,୨୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତ ବିରସ୍ୱତୀ ଗ୍ରାମର ଧର୍ମେନ୍ଦ୍ର ପ୍ରଧାନଙ୍କ ଘର ପୋଡି ଯାଇଥିବା ବେଳେ ଏହି କ୍ଷତିଗ୍ରସ୍ତ ପରିବାରକୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋସାଇଟିର ସଭାପତି ବିଶିଷ୍ଟ ସମାଜସେବୀ ତଥା ସମବାୟବିତ ପ୍ରମୋଦ କୁମାର ସାହୁ ଏହି ଘଟଣା ବିଷୟରେ ଜାଣିବା ପରେ ଧର୍ମେନ୍ଦ୍ରଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ଧର୍ମେନ୍ଦ୍ରଙ୍କ ଘର ପୋଡିଯିବା ସହ ସମସ୍ତ ଆସବାବପତ୍ର, ଘରେ ଥିବା ଧାନ, ଚାଉଳ, ଧର୍ମେନ୍ଦ୍ରଙ୍କ ଝିଅ ଓ ପୁଅରର ବହିଖାତା ଇତ୍ୟାଦି ପୋଡି ଯାଇଥିବାରୁ ଶ୍ରୀ ସାହୁ ଏକ ମାସ ପାଇଁ ଖାଦ୍ୟ, ବହିପତ୍ର, ତାଙ୍କ ପୁଅ ଦଶମ ଶ୍ରେଣୀରେ ପଢୁଥିବାରୁ ମାଟ୍ରିକ ପରୀକ୍ଷା ଟେଷ୍ଟ ପେପର, ବସ୍ତ୍ର ଇତ୍ୟାଦି ଯୋଗାଇ ଦେଇଛନ୍ତି। ଏହି ସୋସାଇଟି ଲୋକଙ୍କୁ ଋଣ ଦେବା ସହ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟ କରି ଆସୁଛି ।

ଏହି ସହାୟତା ପ୍ରଦାନ ବେଳେ ସୋସାଇଟିର ଟାଉନ୍ ଶାଖା ପରିଚାଳକ ଅଂଶୁମାନ ଚୌଧୁରୀ, କର୍ମଚାରୀ ପ୍ରଶାନ୍ତ କୁମାର ରାଉତରାୟ, ଦୈନିକ ଜମା ଖାତା ଏଜେଣ୍ଟ ଶୀକାନ୍ତ ଦାଶ, ରଞ୍ଜନ ରଣା, ସନ୍ତୋଷ ସାହୁ ଓ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଧର୍ମେନ୍ଦ୍ରଙ୍କ ପତ୍ନୀ ଝରଣା ପ୍ରଧାନ, ଧର୍ମେନ୍ଦ୍ରଙ୍କ ମା ସତ୍ୟଭାମା ପ୍ରଧାନ, ପୁତ୍ର ରିତେଶ ପ୍ରଧାନ, କନ୍ୟା ଇତିଶ୍ରୀ ପ୍ରଧାନ ପ୍ରମୁଖ ଅର୍ଥରାଶି ଗ୍ରହଣ କରିଥିଲେ। ଆହତ ଶ୍ରୀ ପ୍ରଧାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ପାଇଁ କଟକ ରେଫର କରିବାକୁ ଶ୍ରୀ ସାହୁ ସିଡିଏମଙ୍କୁ ଅନୁରୋଧ କରିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ କଟକ ରେଫର କରାଯାଇଥିଲା। ସୋସାଇଟିର ଏହି ସେବମୂଳକ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ମାର୍ଶାଘାଇ,୨୮।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଶାସନିପଡ଼ା ଗ୍ରାମର ଠାକୁରବାଡ଼ି ପ୍ରାଙ୍ଗଣରେ ୮୪ତମ ବାର୍ଷିକ ଚବିଶ ପ୍ରହର ନାମଯଜ୍ଞ ମଙ୍ଗଳବାର ହରିହାଟ ଏବଂ ନଗରକୀର୍ତ୍ତନ ସହିତ ଉଦଯାପିତ ହୋଇଯାଇଛି । ବାଲିକୁଦାସ୍ଥିତ ଆଶ୍ରମର ମହନ୍ତ ଲକ୍ଷ୍ମୀନାରାୟଣ ଦାସଙ୍କ ଆବାହକତ୍ୱରେ ଏବଂ ଶାସନିପଡ଼ା ଗ୍ରାମବାସୀଙ୍କ ସହଯୋଗରେ ଏହି ନାମଯଜ୍ଞରେ ୧୫ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନାମସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହରିହାଟ କାର୍ଯ୍ୟକ୍ରମରେ ୬୪ଜଣ ଶ୍ରଦ୍ଧାଳୁ ଭାଗବତ ପାଠ, ନାମ ସଂକୀର୍ତ୍ତନ ଏବଂ ହରିବୋଲ, ହୁଳୁହୁଳିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

● ଜାତୀୟ ସ୍ତରୀୟ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଲେବର ସ୍ପୋର୍ଟିଂ କ୍ଲବ ଚାନ୍ଦ କ୍ଲବକୁ ଭେଟିବ




**କେନ୍ଦ୍ରାପଡା,୨୮।୧(ସଂଚାର ବ୍ୟୁରୋ):** ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେ ଗ୍ରୁପ-ବି ର ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ କଟକ-ବାରବାଟି ବିଧାୟକ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ ଓ ବରିଷ୍ଠ ସାମ୍ବାଦିକ ପରେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେମିଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ୧-୦ ଗୋଲରେ ଓଡିଶା ପୋଲିସ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌କୁ ରେଫରୀ ଭାବେ ମାନସ କୁମାର ବିଶ୍ୱାଳ, ସୁକାନ୍ତ ସିଂ, ମହମ୍ମଦ ସାକଲିନ ଅସରଫି, ସେକ ମୁକିମ ପ୍ରମୁଖ ପରିଚାଳନା କରିଥିଲେ । ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଲେବର ସ୍ପୋର୍ଟିଂ କ୍ଲବ ଚାନ୍ଦ କ୍ଲବକୁ ଭେଟିବ ।

## ରଙ୍ଗାରଙ୍ଗ ମାହୋଲରେ ଶେଷ ହେଲା ବିପିଏଲ୍ ଦ୍ୱାଦଶତମ ସଂସ୍କରଣ




**ଆଳି,୨୮।୧(ସଂଚାର ବ୍ୟୁରୋ):** ଆଳି ବ୍ଲକର ବହୁ ଚର୍ଚ୍ଚିତ ଭୁଇଁପୁର ପ୍ରିମିୟମ ଲିଗର କ୍ରିକେଟ ଦ୍ୱାଦଶ ତମ ସଂସ୍କରଣ ବୁଧୁବାର ସନ୍ଧ୍ୟାରେ ଭୁଇଁପୁର ଖେଳ ପଡିଆରେ ମେଘା ଅକ୍ସନ ହୋଇ ଯାଇଛି। ଏହାକୁ ଭୁଇଁପୁରର ସରପଞ୍ଚ ରେଶ୍ମା ରାଣୀ ମଲିକ ସମିତି ସଭ୍ୟ ମିନତୀ ସାମଲ ଟ୍ରଫି ଉନ୍ମୋଚିତ କରିଥିଲେ। ଏହି ଖେଳ ପାଇଁ ୧୦୦ ରୁ ଉର୍ଦ୍ଧ କ୍ରିକେଟ ଖେଳାଳି ଅକ୍ସନ ପାଇଁ ଭାଗ ନେଇଥିଲେ। ଏହି ଖେଳ ପାଇଁ ୭ଟି ଟିମି ମଧ ରେ ଖେଳାଳି କୁ ନେବାକୁ ପ୍ରତିଯୋଗିତା ହୋଇଥିଲା। ଅନ୍ୟପଟେ ଏହି ଖେଳ ଭୁଇଁପୁରର ଗଣପର୍ବ ଭାବେ ମନାଉଥିବା ବେଳେ । ଏହି ଅକ୍ସନ ରଙ୍ଗା ରଙ୍ଗ ମହଲରେ ରୋମାଞ୍ଚକ ହୋଇଥିଲା । ଆଇପିଏଲ ଢାଞ୍ଚା ରେ ଖେଳ ହେଉଥିବା ରୁ ଅଞ୍ଚଳ ରେ ଖେଳ ପ୍ରେମୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି । ଖେଳ ଛଅଦିନ ଧରି ଚାଲି ଥାଏ। ଖେଳ ପାଇଁ ଖେଳାଳି ଓ ପଞ୍ଚାୟତର ଖେଳ ପ୍ରେମୀ ମାନେ ଅପେକ୍ଷା କରି ବସିଥାନ୍ତି ବୋଲି କମିଟି ସଦସ୍ୟ ସତ୍ୟ ରଞ୍ଜନ ବିଶ୍ୱାଳ, ଅଶୋକ କୁମାର ଜେନା, ଅମିୟ ରାଉତ, ପ୍ରଶାନ୍ତ ବିଶ୍ୱାଳ, ସାରଦା ପ୍ରସାଦ ପଣ୍ଡା, ରଞ୍ଜନ ପ୍ରଧାନ, ଦେବନାରୟାନ ପଣ୍ଡା, ଅଭିରାମ ମଲିକ କହିଛନ୍ତି।

# ଭୁବନେଶ୍ୱର ଏଡିଏମ୍‌ଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର, ୨୮।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରର ନୂତନ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଭାବେ ରମେଶ ଚନ୍ଦ୍ର ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ସେ ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମହାନ୍ତିଙ୍କର କଟକ ଅବକାରୀ ଅତିରିକ୍ତ କମିଶନର ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀ ଜେନା ଭୁବନେଶ୍ୱର ଏଡିଏମ୍ ଭାବେ ଅବସ୍ଥାପିତ ହୋଇଥିଲେ। ଏହି ଅବସରରେ ଅଧିକାରୀ ଓ କର୍ମଚାରୀମାନେ ନୂତନ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ବିଦାୟୀ ଅଧିକାରୀଙ୍କ ନିମନ୍ତେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଆଜି ଷଷ୍ଠ ରାଜ୍ୟ ଅର୍ଥ କମିଶନର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଅବସରରେ

## 'ସମୀକ୍ଷା' ପୋର୍ଟାଲ ଉନ୍ମୋଚିତ

ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟ ଅର୍ଥ କମିଶନ (ଏସ୍‌ଏଫ୍‌ସି) ଏବଂ କେନ୍ଦ୍ର ଅର୍ଥ କମିଶନ (ସିଏଫ୍‌ସି) ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗୀତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ। ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି https://samikshya.odisha.gov.in ଲିଙ୍କ୍



ମାଧ୍ୟମରେ ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ। ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତ ସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନ ଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟଯେ, କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏକ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ର-ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାନତା ବିଚାର, ଆଞ୍ଚଳିକ ବୈଷମ୍ୟ, ଗ୍ରାମୀଣ ଏବଂ ସହରାଞ୍ଚଳର ସ୍ଥାନୀୟ ପୃଥକ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିସ୍ କରିଛନ୍ତି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ବିଶାଲ ଦେବ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସଚିବ ଗିରୀଶ ଏସ.ଏନ ପ୍ରମୁଖ ଉପସ୍ଥିତ ଥିଲେ। କମିଶନର ଅଧକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ (ଏସ୍‌ଏଫ୍‌ସି) ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି ଓ ଡକ୍ଟର ବିଭୁ ପ୍ରସାଦ ନାୟକଙ୍କ ସହିତ ସଦସ୍ୟ ସଚିବ ଡକ୍ଟର ସତ୍ୟ ପ୍ରିୟ ରଥ, ପଦାଧିକାରୀ ସଦସ୍ୟ ତଥା ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ସିଡିଏମ୍‌ଏସ୍-୩.୦ର ଶୁଭାରମ୍ଭ

# ୫ଟି ବିଭାଗକୁ ମିଳିବ ଫାଇଦା

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଆଜି ରାଜ୍ୟରେ ଠିକାଦାର ପରିଚାଳନା ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଏବଂ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ଠିକାଦାର ଡାଟାବେସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସିଡିଏମ୍‌ଏସ୍) ୩.୦ର ଶୁଭାରମ୍ଭ କରାଯାଇଛି। ଏହି ସିଡିଏମ୍‌ଏସ୍ ପରିଚାଳନା ନିମନ୍ତେ ନିର୍ମାଣ ବିଭାଗ ନୋଡାଲ ବିଭାଗ ହୋଇଥିବା ବେଳେ ନିର୍ମାଣ ବିଭାଗ ବ୍ୟତୀତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମଧ ନୂତନ ବ୍ୟବସ୍ଥାର ସଦୁପଯୋଗ କରିପାରିବେ। ନିର୍ମାଣ ବିଭାଗ ଠିକାଦାର ପଞ୍ଜିକରଣ ପ୍ରକ୍ରିୟାକୁ ଏକୀକୃତ କରିବା ଉଦ୍ଦେଶ୍ୟରେ ଗତ ୨୦୧୮ରେ ଇ-ଗଭର୍ନାନ୍ସ ଉଦ୍ୟମର ଅଂଶ ସହ ମାନୁଆଲ୍ ପ୍ରଣାଳୀର ସମସ୍ୟା ଦୂର କରିବା ସ୍ୱରୂପ ସିଡିଏମ୍‌ଏସ୍ ଆପ୍ଲିକେସନ୍‌କୁ ପ୍ରଥମେ ଆରମ୍ଭ କରିଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଓ ବର୍ତ୍ତମାନର ଉନ୍ନତ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ସିଡିଏମ୍‌ଏସ୍‌କୁ ଆଧୁନିକ ଟେକ୍ନୋଲୋଜି ଓ ନୂତନ ଫ୍ରେମୱାର୍କ ସହ ସିଡିଏମ୍‌ଏସ୍ ୩.୦ ରୂପେ ବିକଶିତ କରାଯାଇଛି। ଏହି କେନ୍ଦ୍ରୀୟ ଡିଜିଟାଲ୍ ଡାଟାବେସରେ ଠିକାଦାରଙ୍କ ସୂଚନା, ଲାଇସେନ୍ସ, ପ୍ରମାଣପତ୍ର ଓ କାର୍ଯ୍ୟଦକ୍ଷତା ରେକର୍ଡ ସଂରକ୍ଷିତ ରହିବ। ଏଥିରେ ୱର୍କଫ୍ଲୋ ମ୍ୟାନେଜମେଣ୍ଟ, ଆନାଲିଟିକାଲ୍ ଡ୍ୟାସବୋର୍ଡ, ଏମ୍‌ଆଇଏସ୍ ରିପୋର୍ଟ ଓ ଅନ୍ୟାନ୍ୟ ସିଷ୍ଟମ୍ ସହ ଏକୀକରଣ ଭଳି ବୈଶିଷ୍ଟ୍ୟ ମଧ ରହିଛି।

'ଉନ୍ନତ ପ୍ରଯୁକ୍ତି ପ୍ଲାଟଫର୍ମ ସହ ସିଡିଏମ୍‌ଏସ୍ ୩.୦ ରାଜ୍ୟର ନିର୍ମାଣ କ୍ଷେତ୍ର ପାଇଁ ଏକ ଗେମ୍-ଚେଞ୍ଜର୍ ସାବ୍ୟସ୍ତ ହେବ। ଏଆଇଏମ୍‌ଏଲ୍, ଡାଟା ଆନାଲିଟିକ୍ସ ଭଳି ପ୍ରଯୁକ୍ତି ସହ 'ୱାନ୍ ପାନ୍-ୱାନ୍ ଲାଇସେନ୍ସ' ପ୍ରଣାଳୀ ଆଣି ଦୁର୍ନୀତି ହ୍ରାସ, କାମର ଗୁଣବତ୍ତା ବୃଦ୍ଧି ଓ ଉତ୍ପାଦନ ବଢ଼ାଇବା ଏହାର ଲକ୍ଷ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସିଡିଏମ୍‌ଏସ୍ ୩.୦ ଦ୍ୱାରା ଠିକାଦାର ଓ ଉପରୋକ୍ତ ୫ଟି ବିଭାଗ ଲାଭାନ୍ୱିତ ହେବେ। ଠିକାଦାରମାନେ ନିଜ ପ୍ରୋଫାଇଲ୍ ଅପଡେଟ୍ କରିବା ସହ ଆବେଦନର ସ୍ଥିତି ଟ୍ରାକ୍ କରିପାରିବେ ଓ ଆବଶ୍ୟକ ସମସ୍ତ ସୂଚନା ପାଇପାରିବେ। ସେହିପରି ସରକାରୀ ବିଭାଗଗୁଡ଼ିକ ଠିକାଦାର ତଥ୍ୟ ସୁଚାରୁ ଭାବେ ପରିଚାଳନା କରି କାର୍ଯ୍ୟଦକ୍ଷତା ନିରୀକ୍ଷଣ ଓ ତ୍ୱରିତ ନିଷ୍ପତ୍ତି ନେଇପାରିବେ।

# 'ଓଡ଼ିଶା ଦର୍ଶନ' ପରିଭ୍ରମଣ କାର୍ଯ୍ୟକ୍ରମ

## ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବେ ୨୬୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ରାଜ୍ୟ ଏନଏସଏସ ଶାଖା ପକ୍ଷରୁ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ-୨୦୨୬ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ପ୍ରାୟ ୨୬୦ ଏନଏସଏସ ସ୍ୱେଚ୍ଛାସେବୀ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ମନ୍ଦିର, ବେଳାଭୂମି, ଐତିହାସିକ ସ୍ଥାନ ବୁଲି ଦେଖିବା ସହ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦି ମଧ ପରିଭ୍ରମଣ କରିବେ। ଏଥିପାଇଁ ସ୍ୱେଚ୍ଛାସେବୀମାନେ ଆଜି ନିଜର ଯାତ୍ରା ଆରମ୍ଭ କରିଛନ୍ତି। ଆଜି ସ୍ଥାନୀୟ ରେଡକ୍ରସ ଭବନଠାରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଓ ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ପରିଭ୍ରମଣରେ ଯାଉଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଉପନ୍ୟାସ 'ପାର୍ଶ୍ୱସ୍ରୋତ' ଉନ୍ମୋଚିତ

## କୁଟିଆ କନ୍ଧଙ୍କ ଜୀବନୀ ଉପରେ ଆଧାରିତ




**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** କୁଟିଆ କନ୍ଧମାନଙ୍କ ଜୀବନୀ ଉପରେ ଆଧାରିତ ଉପନ୍ୟାସ 'ପାର୍ଶ୍ୱସ୍ରୋତ' ଆଜି ଉନ୍ମୋଚିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଏହା ପ୍ରଥମ ଉପନ୍ୟାସ ହୋଇଥିବା ବେଳେ ସ୍ଥାନୀୟ ବୁଦ୍ଧ ମନ୍ଦିର ଅଡିଟୋରିୟମରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଔପନ୍ୟାସିକା ସରୋଜିନୀ ସାହୁ, ସାହିତ୍ୟିକ ଅଜୟ ସ୍ୱାଇଁ, ପ୍ରକାଶକ 'ଆଦିତ୍ୟ ଭାରତ' ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ, କଥାଶିଳ୍ପୀ ଚିରଶ୍ରୀ ଇନ୍ଦ୍ରସିଂ, ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ଉପନ୍ୟାସରେ କୁଟିଆ କନ୍ଧଙ୍କ ଜୀବନୀ ଓ ସଂସ୍କୃତି ଉପରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ରହିଛି। ସେମାନଙ୍କ ଉଚ୍ଚ ପରମ୍ପରା, ପ୍ରଥା,ସେମାନଙ୍କ ଜୀବିକା ଉପାର୍ଜନକୁ ବିଭିନ୍ନ ପ୍ରାମାଣିକ ଉପସ୍ଥାପନା ମାଧ୍ୟମରେ ପାଠକମାନଙ୍କୁ ଶ୍ରୀ ଋତୁରାଜ ଭେଟି ଦେଇଛନ୍ତି। ବିରଳ ପ୍ରାୟ ଏହି ଜନଜାତିଙ୍କୁ ମୁଖ୍ୟସ୍ରୋତ ନୁହେଁ, ବରଂ ନିଜ ସହ ଅର୍ଥାତ ନିଜ ପାର୍ଶ୍ୱରେ ନେଇ ଆଗକୁ ବଢ଼ିବାର ପ୍ରୟାସ ଏହି ପୁସ୍ତକରେ ଉଲ୍ଲେଖ ରହିଛି। ପ୍ରକୃତି ସହ ନିବିଡ଼ ଆତ୍ମୀୟତା, ବିଶ୍ୱାସ ଓ ଆଧୁନିକ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଏଥିରେ ଅବତାରଣା କରାଯାଇଛି। ଏହା ପାଠକଙ୍କ ବ୍ୟତୀତ ଜନଜାତିଙ୍କ ଉପରେ ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବି ଉପାଦେୟ ହେବ ବୋଲି ଆଶା କରାଯାଇଛି।

# ଗ୍ରାମବାସୀ ପାଳିଲେ ଗଣତନ୍ତ୍ର ଦିବସ

**ଝାରସୁଗୁଡ଼ା,୨୮।୧(ସଂଚାର ବ୍ୟୁରୋ):** ଗତ ସୋମବାର ଦେଶ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଥିବା ବେଳେ ଝାରସୁଗୁଡ଼ା ସହରସ୍ଥିତ ବେହେରାମାଲ କିସାନ ଛକରେ ଗ୍ରାମବାସୀଙ୍କପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ଦେଶର ଅଖଣ୍ଡତା, ଗର୍ବ, ଗୌରବ, ଐକ୍ୟ, ସମାନତାର ପ୍ରତୀକ ଜାତୀୟ ତ୍ରିରଙ୍ଗା ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ନିମନ୍ତ୍ରଣ ରକ୍ଷା କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଝାରସୁଗୁଡ଼ା ଜିଲ୍ଲା ଭଳି ଆହ୍ୱାନଭରା ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ ସମ୍ଭାବନା ଓ ସଚେତନତା ଦିଗ ଉପରେ ଆଲୋକପାତ କରିବା ସହ ଗଣତନ୍ତ୍ର ଦିବସ ପାଳନ ଓ ସମ୍ବିଧାନର ଆବଶ୍ୟକତା ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ଏଥିସହ ସେ ସମ୍ବିଧାନରେ ଉଲ୍ଲିଖିତ ନାଗରିକଙ୍କ ଅଧିକାର, କର୍ତ୍ତବ୍ୟ, ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଏହି ପର୍ବର ଆବଶ୍ୟକତା ଉପରେ ମଧ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସଡିପିଓ ଉମା ଶଙ୍କର ସିଂ, ଝାରସୁଗୁଡ଼ା ଟାଉନ ଥାନା ଆଇଆଇସି ରଞ୍ଜନ ବରିହା, ପରିବେଶବିତ୍ ସତ୍ୟନାରାୟଣ ରାଓ, ଝାରସୁଗୁଡ଼ା ବସ୍ ମାଲିକ ସଂଘ ସଭାପତି ସତ୍ୟାନନ୍ଦ ଦାସ, ବେହେରାମାଲ ସ୍କୁଲର ପ୍ରଧାନଶିକ୍ଷକ ଅଭିରାମ ସାହୁ, ରବୀନ୍ଦ୍ର ନାଥ ବେହେରା, ବରୁଣ ତ୍ରିପାଠୀ, ସଞ୍ଜୟ ପଣ୍ଡା, ତୁଳିଆ ସେଟ୍, ନିର୍ମଳ ପଣ୍ଡା, ପ୍ରଶାନ୍ତ ନନ୍ଦଙ୍କ ସହ ଶତାଧିକ ଗ୍ରାମବାସୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଏସ୍‌ଏଫ୍‌ଏସ୍‌ସି ବୁଲି ଦେଖିଲେ ବିଭାଗୀୟ ମନ୍ତ୍ରୀ

● ଧାନକିଣା ସଂକ୍ରାନ୍ତ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଖରିଫ ଋତୁରେ ଧାନ ସଂଗ୍ରହ ଜାରି ରହିଛି। ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ (ଏସ୍‌ଏଫ୍‌ଏସ୍‌ସି)ରେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି। ଏହି କେନ୍ଦ୍ରରେ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପହଞ୍ଚି ବୁଲି ଦେଖିବା ସହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏଥିସହ ମଣ୍ଡିରେ ଧାନକିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଓ ଏ ସମ୍ପର୍କିତ ଲାଇଭ୍ ଫୁଟେଜ୍‌ର ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ତଦାରଖ କରିଛନ୍ତି। ଏହାଛଡ଼ା ଚାଷୀ ଏବଂ ମଣ୍ଡିରେ ନିୟୋଜିତ ଅଧିକାରୀ ଓ ଚାଷୀ, ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ କଥା ହେବା ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କୌଣସି ଅଭିଯୋଗ ଥିଲେ ଟୋଲ୍ ଫ୍ରି ନଂ ୧୯୬୭ ମାଧ୍ୟମରେ ଏହି କେନ୍ଦ୍ର ସହ ଯୋଗାଯୋଗ କରାଯାଇପାରୁଛି ଓ ଚାଷୀମାନେ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିପାରୁଛନ୍ତି। ଧାନକିଣା ନେଇ କୌଣସି ଚାଷୀଙ୍କଠାରୁ ଅଭିଯୋଗ ଆସିଲେ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପାତ୍ରଙ୍କର ଏହି ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି କେନ୍ଦ୍ରର ବିଭିନ୍ନ କାର୍ଯ୍ୟକାରିତା ଓ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ନେଇ ଅବଗତ କରାଇଥିଲେ। ଏହି ଅବସରରେ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଇ-ଆଇବି ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ଲୋକାର୍ପିତ



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗର ଭୁବନେଶ୍ୱର, ପୁରୀ ଓ କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ବୁକିଂ ପ୍ରକ୍ରିୟାକୁ ଡିଜିଟାଲ୍ କରିବା ପାଇଁ ଉଦ୍ଦିଷ୍ଟ ଇ-ଆଇବି ଅନଲାଇନ୍ ଆପ୍ଲିକେସନ୍ ବ୍ୟବସ୍ଥାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଲୋକାର୍ପିତ କରିଛନ୍ତି। ଇ-ଆଇବି ପ୍ଲାଟଫର୍ମ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ନିର୍ମାଣ ବିଭାଗ ଅଧୀନସ୍ଥ ପୁରୀ, କୋଣାର୍କ ଓ ଭୁବନେଶ୍ୱରସ୍ଥିତ ଡାକ ବଙ୍ଗଳା ବୁକିଂ ଓ ଆବଣ୍ଟନ ପ୍ରକ୍ରିୟାକୁ ସରଳ କରିବ। ଏହା ବିଭାଗର ଅଧିକାରୀ ଓ ସାଧାରଣ ଜନତା ପାଇଁ ଉପକାରୀ ମଧ ସାବ୍ୟସ୍ତ ହେବ। ଅନଲାଇନ୍‌ରେ ରୁମ୍ ବୁକିଂ ଓ ବାତିଲ୍ ବ୍ୟବସ୍ଥା ସହ ବୁକିଂ ସମ୍ବନ୍ଧୀୟ ସମସ୍ତ ସୂଚନା ଗୋଟିଏ ସ୍ଥାନରେ ମିଳିପାରିବ। ଇଣ୍ଟରନେଟ ମାଧ୍ୟମରେ ଯେକୌଣସି ସ୍ଥାନରୁ ବ୍ୟବହାର ସୁବିଧା ସହ ବୁକିଂ ଓ ଆବଣ୍ଟନ ସ୍ଥିତି ଅନଲାଇନ ମାଧ୍ୟମରେ ସହଜରେ ଜାଣିବା ଏହି ପ୍ଲାଟଫର୍ମର ମୁଖ୍ୟ ବୈଶିଷ୍ଟ୍ୟ। ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ମାନୁଆଲ ବୁକିଂ ପ୍ରଣାଳୀଠାରୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ ହେବା ସହ ବୁକିଂ ପାଇଁ ହେଉଥିବା ବିଳମ୍ବ ଦୂର କରି ସମସ୍ତଙ୍କୁ ସହଜରେ ଓ ସୁବିଧାରେ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସହାୟକ ହେବ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସଫଳତା



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍)ର ଛାତ୍ରଛାତ୍ରୀ। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ମଡେଲ ଯୁବ ଗ୍ରାମ ସଭା (ଏମ୍‌ୱାଇଜିଏସ୍) ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲାସ୍ଥିତ ହିର୍ଲି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଦ୍ୱିତୀୟରେ ରହିଛନ୍ତି। ଦେଶ ବ୍ୟାପୀ ପ୍ରାୟ ୨୦୦ଟି ଇଏମ୍‌ଆର୍‌ଏସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମ୍‌ୱାଇଜିଏସ୍ ଜାତୀୟ ପୁରସ୍କାର ସମାରୋହ ଆଜି ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଇଏମ୍‌ଆର୍‌ଏସ୍, ହିର୍ଲିର ଛାତ୍ରଛାତ୍ରୀ, ଅଧକ୍ଷ ଓ ଗାଇଡ୍ ଶିକ୍ଷକଙ୍କୁ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦରେ ସ୍ମାରକୀ ସହ ୭୫ ଲକ୍ଷ ଟଙ୍କା ନଗଦ ପ୍ରଦାନ କରାଯାଇଛି।

ଏହି ସଫଳତା ଓଡ଼ିଶାର ସମସ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ (ଓଏମ୍‌ଟିଇଏସ୍) ଓ ସମଗ୍ର ଓଡ଼ିଶା ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଏହି ସଫଳତା ଆଦିବାସୀ ଯୁବପିଢ଼ି ମଧ୍ୟରେ ନେତୃତ୍ୱ, ନାଗରିକ ସଚେତନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିକ କରିବ। ତେବେ ଏହି ସଫଳତା ହାସଲ୍ କରିବା ପରେ ଛାତ୍ରଛାତ୍ରୀମାନେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ, ଓଏମ୍‌ଟିଇଏସ୍ ସଚିବ ସୁରେନ୍ଦ୍ର ମୀନା ଓ ନୋଡାଲ ଅଧିକାରୀ ପ୍ରଣତି ପାତ୍ରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ପୂର୍ବତଟ ରେଳପଥର ଆଉ ଏକ ରେକର୍ଡ

# ଦୁଇ ହଜାର କୋଟିର ଯାତ୍ରୀ ରାଜସ୍ୱ ଆୟ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଆଉ ଏକ ରେକର୍ଡ ପ୍ରତିଷ୍ଠା କରିଛି। ଏହି ରେଳପଥ ରେକର୍ଡ ୨୯୯ ଦିନ ମଧ୍ୟରେ ଯାତ୍ରୀ ରାଜସ୍ୱ ବାବଦରେ ୨ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆୟ କରିପାରିଛି। ଏହା ସମଗ୍ର ଜୋନରେ ଯାତ୍ରୀ ଯାତାୟାତରେ ନିରନ୍ତର ଅଭିବୃଦ୍ଧି ଓ ଉନ୍ନତ ରେଳ ସେବାର ପ୍ରତିଫଳନ। ଏହି ସଫଳତା ବର୍ଷ କ୍ରମେ ହେଉଥିବା ଲଗାତାର ଉନ୍ନତିକୁ ଦର୍ଶାଉଛି। ଆହୁରି ମଧ ପୂର୍ବତଟ ରେଳପଥ ୨୦୨୪-୨୫ରେ ୩୦୮ ଦିନ, ୨୦୨୩-୨୪ରେ ୩୩୧ ଦିନ ଓ ୨୦୨୨-୨୩ରେ ୩୬୫ ଦିନରେ ୨ ହଜାର କୋଟି ଟଙ୍କା ଅତିକ୍ରମ କରିଥିଲା।

ଯାତ୍ରୀ ରାଜସ୍ୱରେ ହୋଇଥିବା ଏହି ବୃଦ୍ଧି ଯାତ୍ରୀ ଜୋନ ଦ୍ୱାରା ନିଆଯାଇଥିବା ଅନେକ ଯାତ୍ରୀକୈନ୍ଦ୍ରିକ ପଦକ୍ଷେପ ଯୋଗୁଁ ସମ୍ଭବପର ହୋଇପାରିଛି। ଡିଜିଟାଲ୍ ଟିକେଟିଂ ପ୍ଲାଟଫର୍ମର ବିସ୍ତାର, ଉନ୍ନତ ଷ୍ଟେସନ ସୁବିଧା ସହ ଯାତ୍ରୀ ସୁବିଧା ଓ ଯାତ୍ରା ଅଭିଜ୍ଞତାର ନିରନ୍ତର ଉନ୍ନତିକରଣ ରେଳ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ



ସମାବେଶୀ କରିଛି। ପାର୍ବଣ ଋତୁ ଚାହିଦା ପୂରଣ କରିବା ପାଇଁ ପର୍ବ ଓ ଛୁଟିଦିନଗୁଡ଼ିକରେ ୧,୫୨୩ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହୋଇଥିଲା। ନିରନ୍ତର ସେବା ବୃଦ୍ଧି ପାଇଁ ୧୯ଟି କୋଚ୍ ସ୍ଥାୟୀ ଭାବେ ଯୋଡ଼ିବା ସହ ୪,୦୫୦ଟି ଅତିରିକ୍ତ କୋଚ୍ ସହ ୨୦୦ଟି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ବୃଦ୍ଧି କରି କ୍ଷମତାକୁ ଆହୁରି ସୁଦୃଢ଼ କରାଯାଇଥିଲା। ଯାତ୍ରା ସୁରକ୍ଷା ଓ ସୁବିଧା ବୃଦ୍ଧି ପାଇଁ ଚାଲିଥିବା ପ୍ରୟାସର ଅଂଶ ଭାବରେ, ଚଳିତ ଆର୍ଥିକ ବର୍ଷରେ ଏଲଏଚବି ରେକ୍ ସହିତ ଦୁଇଟି ଟ୍ରେନ୍ ପ୍ରଚଳନ କରାଯାଇଥିଲା। ତିନୋଟି ନୂତନ ଏକ୍ସପ୍ରେସ୍ ସେବା - ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ୍, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍, ଓ ବ୍ରହ୍ମପୁର-ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରଚଳନ ସହିତ ନେଟୱାର୍କ ସମ୍ପ୍ରସାରଣ ଏବଂ ଉନ୍ନତ ଯୋଗାଯୋଗ ହାସଲ କରାଯାଇଥିଲା। ୨୧ ଟି ଟ୍ରେନ୍ କୁ ଅତିରିକ୍ତ ଷ୍ଟପେଜ୍ ପ୍ରଦାନ କରି, ତିନି ଯୋଡା ଟ୍ରେନ୍ ସମ୍ପ୍ରସାରଣ କରି ଏବଂ ଗୋଟିଏ ଯୋଡା ଟ୍ରେନ୍ ର ଫ୍ରିକ୍ୱେନ୍ସି ବୃଦ୍ଧି କରି ଯାତ୍ରୀଙ୍କ ସୁବିଧାକୁ ଆହୁରି ଉନ୍ନତ କରାଯାଇଥିଲା।

# ସୀମାନ୍ତ ଥାନାରେ କର୍ମଚାରୀ ସଙ୍କଟ

**ଭୁବନେଶ୍ୱର,୨୮।୧:** ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଥିବା ଥାନାଗୁଡିକରେ କର୍ମଚାରୀ ସଙ୍କଟ। ସୀମାରେ ଥିବା ୮୮ଟି ଥାନା ପାଇଁ ୨୩୬୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବାବେଳେ ଏଥିରୁ ପାଖାପାଖି ୬ଶହ ପଦବୀ ଖାଲି ପଡିଛି। ଅନ୍ୟ ରାଜ୍ୟର ସୀମାକୁ ଲାଗିଥିବା ପୁଲିସ୍ ଜିଲ୍ଲାଗୁଡିକ ମଧ୍ୟରେ ରହିଛି ବାଲେଶ୍ୱର,ବରଗଡ, ବ୍ରହ୍ମପୁର, ଗଜପତି, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ରାଉରକେଲା ଓ ସୁନ୍ଦରଗଡ ପୁଲିସ୍ ଜିଲ୍ଲା। ଏହିସବୁ ଜିଲ୍ଲାରେ ପ୍ରାୟତଃ ପଡୋଶୀ ରାଜ୍ୟରୁ ନକ୍ସଲଙ୍କ ସହିତ ସରକାରୀ କର୍ମଚାରୀମାନେ ବି ଅନୁପ୍ରବେଶ କରୁଛନ୍ତି। ନିଶାବେପାରୀଙ୍କ ଠାରୁ ଆରମ୍ଭ କରି ଖଣି ଖାଦାନ, ବାଲି ଲୁଟେରାମାନେ ମଧ ଓଡିଶାକୁ ଆସି ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଚନ୍ତି।

ଏମାନଙ୍କୁ ଜଗିବା ଦାୟିତ୍ୱ ରହିଛି ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଥିବା ଥାନାଗୁଡିକରେ। ହେଲେ ଲକ୍ଷ୍ୟ କରାଯାଇଛି ଯେ ଏହିସବୁ ଥାନାରେ ଛଅ ଶହ ପାଖାପାଖି ପଦବୀ ଖାଲି ପଡିଛି। ଫଳରେ ଆ ଇ ନ୍ ଶୃ ଙ୍ଖ ଳ । ରକ୍ଷାକରିବା କର୍ମଚାରୀଙ୍କ ପକ୍ଷେ କାଠିକର ପାଠ ହେଉଛି।



ଅନ୍ୟ ରାଜ୍ୟର ଅନୁପ୍ରବେଶ କ୍ଷେତ୍ରରେ ଏବେ ସବୁଠାରୁ ଚର୍ଚ୍ଚାରେ ରହିଛି କୋରାପୁଟ। ଏଠାରେ ଥିବା କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ସରକାରଙ୍କ ଚିନ୍ତା ବଢାଇବାରେ ଲାଗିଛି। ତେବେ କୋରାପୁଟରେ ଥିବା ୭ଟି ସୀମାନ୍ତବର୍ତ୍ତୀ ଥାନରେ ଏକାଧିକ ପଦବୀ ଖାଲି ରହିଛି। ଏହିସବୁ ଥାନାରେ ୧୩ଜଣ ଏସ୍‌ଆଇ, ୩୭ଜଣ କନେଷ୍ଟବଳ ପଦବୀ ଖାଲି ପଡିଛି। ତେବେ ଏଠାରେ ୭ଟି ଇନ୍ସପେକ୍ଟର ପଦବୀ ଥିବାବେଳେ ୯ଜଣ ଇନ୍ସପେକ୍ଟର କାର୍ଯ୍ୟ କରୁଛନ୍ତି। ଅନ୍ୟତମ ସୀମାନ୍ତ ତଥା ନକ୍ସଲ ପ୍ରବଣ ଜିଲ୍ଲା ମାଲକାନଗିରିରେ ୧୧ଟି ଥାନା ରହିଥିବାବେଳେ ୧୪ଟି ଏଏସଆଇ ପଦବୀ ସମେତ ୧୮୬ଟି ଓଏସଏଫ୍ ପଦବୀ ଖାଲି ପଡିଛି।

ସୀମା ବିବାଦ ସହିତ ସୁବର୍ଣ୍ଣରେଖାରୁ ବାଲି ଉଠାଣ ନେଇ ପଶ୍ଚିମବଙ୍ଗର ବାଲିମାଫିଆମାନେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ସୀମାକୁ ଲାଗିଥିବା ବାଲେଶ୍ୱର ଜିଲ୍ଲାର ୪ଟି ଥାନା ଯଥା ଜଳେଶ୍ୱର,ଭୋଗରାଇ, କର୍ମଦା ଓ ରାଇବଣିଆରେ ୪ଟି ଏସ୍‌ଆଇ, ୯ଟି ଏଏସ୍‌ଆଇ, ୩ଟି ହାବିଲଦାର ଓ ୪ଟି କନେଷ୍ଟବଳ ପଦବୀ ଖାଲି ପଡିଛି। ଏଥି ସହିତ ଏହି ଚାରିଟି ଥାନାରେ ୧୩ଟି ଓଏପିଏଫ୍ ପଦବୀ ଖାଲି ପଡିଛି।

ସୀମା ବିବାଦକୁ ପ୍ରଶମିତ କରିବାପାଇଁ ରାଜ୍ୟର ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଖାଲି ପଡିଥିବା ପୁଲିସ୍ ପଦବୀଗୁଡିକ ପୂରଣ ପାଇଁ ମତପ୍ରକାଶ ପାଉଛି। କାରଣ ପୁଲିସ୍ କର୍ମଚାରୀମାନେ ହିଁ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳର ଅନ୍ତଃରାଜ୍ୟ ଅପରାଧୀଙ୍କ ଗତିବିଧି, ଚୋରା ଚାଲାଣ, ମାନବ ଚାଲାଣ, ଖଣି ଖନନ ଭଳି ବେଆଇନ୍ କାର୍ଯ୍ୟକଳାପ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ନଜର ରଖିଥାନ୍ତି। ଏହାଛଡା ପୁଲିସ ପକ୍ଷରୁ ସୀମାରେ ନିୟମିତ ପାଟ୍ରୋଲିଂ ବି କରିଥାନ୍ତି। ତେଣୁ କେବଳ ଖାଲି ପଡିଥିବା ପଦବୀ ପୂରଣ ନୁହେଁ, ଅଧିକ ପଦବୀ ସୃଷ୍ଟି ସହିତ ସୀମାର ସୁରକ୍ଷା ପାଇଁ ଆବଶ୍ୟକ ସାଜ ସରଞ୍ଜାମ ଯୋଗାଇଦେବାକୁ ମଧ ମତ ପ୍ରକାଶ ପାଉଛି। (ତଥ୍ୟ)

# ଅଜିତ ପାୱାରଙ୍କ ବିୟୋଗରେ ବିଜେପି ସଭାପତିଙ୍କ ଶୋକ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ବରିଷ୍ଠ ରାଜନେତା ତଥା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁଃଖଦ ଓ ମର୍ମନ୍ତୁଦ ଘଟଣା। ଶ୍ରୀ ପାୱାର ଦୀର୍ଘ ୪ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ରାଜନୀତିରେ ସକ୍ରିୟ ଥିଲେ। ସେ ମହାରାଷ୍ଟ୍ରରେ ସର୍ବାଧିକ ୬ ଥର ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମହାରାଷ୍ଟ୍ର ରାଜନୀତିରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ମହାରାଷ୍ଟ୍ର ତଥା ଦେଶର ରାଜନୀତିରେ ବିରାଟ କ୍ଷତି ହେବା ସହ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏଥିସହ ସେ ପରଲୋକଗତ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ଶ୍ରୀ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୨୯ ଜାନୁଆରୀ ୨୦୨୬, ଭୁବନେଶ୍ୱର
Thursday 29 January 2026, Bhubaneswar

# ଟ୍ରମ୍ପଙ୍କ ବିରୋଧରେ ଆଭ୍ୟନ୍ତରୀଣ ଅସନ୍ତୋଷ

ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହୋଇ ଏକ ବର୍ଷ ପୂର୍ଣ୍ଣ ହେବାକୁ ଆସିଛି, କିନ୍ତୁ ଆମେରିକାର ଅର୍ଥନୀତିରେ ମୁଦ୍ରାସ୍ଫୀତି ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ୨୦୨୪ ନିର୍ବାଚନରେ ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଦିନକୁ ଦିନ ମୁଦ୍ରାସ୍ଫୀତିକୁ ଶୂନ୍ୟ କରିଦେବେ ଏବଂ ଆମେରିକୀୟ ପରିବାରମାନଙ୍କର ଜୀବନଯାପନ ଖର୍ଚ୍ଚ କମାଇବେ। କିନ୍ତୁ ବାସ୍ତବରେ



ଡିସେମ୍ବର ୨୦୨୫ରେ ମୁଦ୍ରାସ୍ଫୀତି ହାର ୨.୭ ପ୍ରତିଶତ ରହିଛି, ଯାହା ଫେଡରାଲ ରିଜର୍ଭର ଲକ୍ଷ୍ୟ ୨ ପ୍ରତିଶତ ଠାରୁ ଅଧିକ। ଏହି ସ୍ଥିତି ଟ୍ରମ୍ପଙ୍କ ନିଜ ଦଳ ଓ ସମର୍ଥକମାନଙ୍କ ମଧ୍ୟରେ ଅସନ୍ତୋଷର ସୃଷ୍ଟି କରିଛି।

ଟ୍ରମ୍ପଙ୍କ ଅର୍ଥନୈତିକ ନୀତିରେ ସବୁଠାରୁ ବଡ଼ ବିବାଦ ହେଉଛି ବିଦେଶୀ ପଣ୍ୟ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫ। ଚୀନ, କାନାଡା ଓ ମେକ୍ସିକୋ ଆଦି ଦେଶମାନଙ୍କ ଉପରେ ୨୫ ପ୍ରତିଶତରୁ ଅଧିକ ଟାରିଫ ଲଗାଇବା ଯୋଗୁଁ ଆମେରିକୀୟ କମ୍ପାନୀମାନଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଯାହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡୁଛି। ଅର୍ଥନୀତିଜ୍ଞମାନେ ଅନୁମାନ କରିଛନ୍ତି ଯେ ଏହି ଶୁଳ୍କ ଯୋଗୁଁ ପ୍ରତ୍ୟେକ ଆମେରିକୀୟ ପରିବାରକୁ ୧୩୦୦ରୁ ୧୭୦୦ ଡଲାର ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଏହା ଖାଦ୍ୟ, ଯାନବାହାନ, ବାସଗୃହ ଓ ଅନ୍ୟାନ୍ୟ ଦୈନନ୍ଦିନ ଜିନିଷର ଦାମ ବଢ଼ାଇଛି। ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ଓ ମଧ୍ୟବିତ୍ତ ପରିବାରର ସମର୍ଥକମାନେ ଏଥିରେ ଟ୍ରମ୍ପଙ୍କ ଅର୍ଥନୀତିର ବିଫଳତା ଭାବରେ ଦେଖୁଛନ୍ତି। ସେମାନଙ୍କ ମଧ୍ୟରୁ କେହି କେହି ଖୋଲାଖୋଲି କହୁଛନ୍ତି ଯେ ଟ୍ରମ୍ପ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଏବଂ ଏହା ଦଳର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି।

ଟ୍ରମ୍ପଙ୍କ ସମର୍ଥକମାନଙ୍କର ଏକ ବଡ଼ ଅଂଶ ଥିଲେ ଯେଉଁମାନେ ମୁଦ୍ରାସ୍ଫୀତି ଯୋଗୁଁ ବାଇଡେନ ପ୍ରଶାସନକୁ ଦୋଷୀ କରି ଟ୍ରମ୍ପଙ୍କୁ ଭୋଟ ଦେଇଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କ ମଧ୍ୟରେ ହତାଶା ଦେଖାଯାଉଛି। ସର୍ଭେମାନଙ୍କରେ ଦେଖାଯାଇଛି ଯେ ଟ୍ରମ୍ପଙ୍କ ଅନୁମୋଦନ ହାର କମିଛି ଏବଂ ଅର୍ଥନୀତି ସମ୍ବନ୍ଧୀୟ ଅସନ୍ତୋଷ ଏହାର ମୁଖ୍ୟ କାରଣ। ରିପବ୍ଲିକାନ ନେତାମାନେ ଚିନ୍ତା ପ୍ରକାଶ କରୁଛନ୍ତି ଯେ ଏହି ସମସ୍ୟା ୨୦୨୬ର ମଧ୍ୟବର୍ତ୍ତୀ ନିର୍ବାଚନରେ ଦଳକୁ କ୍ଷତି ପହଞ୍ଚାଇପାରେ। କଂଗ୍ରେସର କିଛି ରିପବ୍ଲିକାନ ସଦସ୍ୟ ଟ୍ରମ୍ପଙ୍କ ଟାରିଫ ନୀତିକୁ ସଂଶୋଧନ କରିବାକୁ ଦାବି କରୁଛନ୍ତି, ଯାହା ଅଭ୍ୟନ୍ତରୀଣ ବିବାଦର ସଙ୍କେତ ଦେଉଛି।

ଅନ୍ୟପକ୍ଷରେ ଟ୍ରମ୍ପ ଦାବି କରୁଛନ୍ତି ଯେ ମୁଦ୍ରାସ୍ଫୀତି କମିଛି ଏବଂ ଅର୍ଥନୀତି ଦୃଢ଼ ହେଉଛି। କିନ୍ତୁ ସ୍ୱତନ୍ତ୍ର ଅର୍ଥନୀତିଜ୍ଞମାନେ କହୁଛନ୍ତି ଯେ ଏହା ବାଇଡେନ କାଳରୁ ଚାଲିଆସିଥିବା ପ୍ରବାହର ଫଳ, ଟ୍ରମ୍ପଙ୍କ ନୀତିର ନୁହେଁ। ଶୁଳ୍କ ଓ ଅନ୍ୟାନ୍ୟ ନୀତି ଯୋଗୁଁ ଦୀର୍ଘକାଳୀନ ପ୍ରଭାବ ବଢ଼ିପାରେ। ଏହା ଟ୍ରମ୍ପଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଛି। ଯଦି ସେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, ତେବେ ତାଙ୍କର ରାଜନୈତିକ ଭବିଷ୍ୟତ ବିପଦରେ ପଡ଼ିପାରେ।

ତେବେ ମୁଦ୍ରାସ୍ଫୀତି କେବଳ ଏକ ଅର୍ଥନୈତିକ ସମସ୍ୟା ନୁହେଁ, ଏହା ରାଜନୈତିକ ସ୍ଥିରତାର ପ୍ରଶ୍ନ ମଧ୍ୟ। ଟ୍ରମ୍ପଙ୍କୁ ଏହି ଅସନ୍ତୋଷକୁ ସମାଧାନ କରିବାକୁ ହେବ, ନହେଲେ ତାଙ୍କର ଆମେରିକା ପ୍ରଥମ ନୀତି ଆହତ ହୋଇପାରେ। ଆମେରିକାର ସାଧାରଣ ନାଗରିକମାନଙ୍କ ପାଇଁ ଏହା ଏକ କଠିନ ସମୟ, ଯେଉଁଠାରେ ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ବ୍ୟବଧାନ ଦେଖାଯାଉଛି।

# ଆମେ, ଆମର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଓଡ଼ିଆ ବ୍ୟାକରଣରେ ବଚନ ଏକ ବଚନ, ବହୁ ବଚନ ଦୁଇଟି, ସଂସ୍କୃତରେ କିନ୍ତୁ ତିନିଟି ବଚନ, ସେହି ଏକ ବଚନ, ବହୁ ବଚନ, ଦ୍ୱିବଚନ। ଆମେ ଦ୍ୱିବଚନ ଓ ବହୁ ବଚନରେ ଆସିପାରେ। କୌଣସି ଦଳ, କୌଣସି ଅନୁଷ୍ଠାନର କର୍ମକର୍ତ୍ତା ଦଳ ବା ଅନୁଷ୍ଠାନର ସମ୍ବନ୍ଧରେ ଥିବା ଯାଏ ଆମର ଲଗାଉ ଥିବେ, ଯେ କର୍ତ୍ତା ଥିବେ ସେ ଉଦଘୋଷକ ହେଉଥିବେ ମୋ ଦଳ, ମୋ ଅନୁଷ୍ଠାନ, ମୋ କାରଖାନା, ଇତ୍ୟାଦି ଇତ୍ୟାଦି ବ୍ୟାଙ୍କରେ ଟଙ୍କା ରଖାରେ ନିୟମ ଅଛି ଜଣଙ୍କ ନାମରେ ନହେଲେ ଦୁଇଙ୍କର ନାମରେ ନ ହେଲେ ଅନୁଷ୍ଠାନର ଆଇନ ମାନ୍ୟ ଯଥା ଯୋଗ୍ୟ ତହବିଲ ଜମାକାରୀ ଉଠାଣକାରୀଙ୍କ ନାମରେ ରହେ। ଯୌଥ ନାମରେ ଥିଲେ ଜଣେ ମୋଟ ଜମାରୁ ଅର୍ଦ୍ଧ ଯାଏ ମୁଦ୍ରା ଉଠାଇ ପାରନ୍ତି। ଏଠାରେ ଆମ ଏକାଉଣ୍ଟରେ ମୋ ଭାଗ ଆସୁଛି। ଓଡ଼ିଶାର ଜନଜୀବନରେ ଯୌଥ ପରିବାର ଆବାହମାନ କାଳରୁ ଚାଲି ଆସୁଥିଲା, ଏମିତି ଗଣତନ୍ତ୍ର ଧାରା ଲାଗିଲା ସମୟକୁ ଗୋଟିଏ ଦମ୍ପତ୍ତିକୁ ପରିବାର ତାଙ୍କ ପିଲାଙ୍କ ସହ ବୁଝାଯାଉଛି। ସେ ଘରର ପୁଅ ବିବାହ ପୂର୍ବରୁ ଥିବା ବାପା ମା ଭାଇ ସମ୍ବନ୍ଧକୁ ଛିନ୍ନ ପରୋକ୍ଷ ବୁଝାଉଛି। ଚୁଲିକୁ ଏବେ ଗ୍ୟାସ ଦରକାର, ଯୌଥ ପରିବାରକୁ ମୂଳରୁ ଭିନ୍ନ, ଭିନ୍ନ ନକଲେ ରନ୍ଧନ ଗ୍ୟାସ ଯାହା ଦରକାର ତାହା କେବେ ଠିକ ନିମୟରେ ମିଳିବ ନାହିଁ। ବ୍ୟାଙ୍କରେ ଜଣକନାମରେ ଏକ ଖାତା ଖୋଲି ପରିବାର ସବୁ ସଦସ୍ୟଙ୍କ ଆୟ ଜମାକଲେ ବଡ଼ ଧାରଣର ଆୟ କର ଦେବାକୁ ପଡ଼ିପାରେ। ଇଲେକ୍ଟ୍ରି ବ୍ୟବହାର ବହୁତ ବିଲ ଉଠିବ ଏଥିରେ ସବସିଡ଼ି ଏକ ବିଲକୁ ଯେତିକି ମିଳିବା ହାର ଯାହା ତାହା ଅଧିକ ବିଦ୍ୟୁତ ବ୍ୟବହାର କେବେ ଛାଡ଼ ନାହିଁ ଓଲଟି ଅଧିକା ପଇସାରେ ପଡ଼ିବାକୁ ହେଉଛି।

ବିଦ୍ୟୁତ ବଣ୍ଟନ ବିଭାଗ ବାଣିଜ୍ୟିକ ବୁଦ୍ଧି ଏପରି ଥାକ ଥାକ କରି ଦର ଧାର୍ଯ୍ୟରେ ଯୌଥ ପରିବାରମାନେ ହିଁ ପଡୁଛନ୍ତି। ସରକାର ଅନେକ ସମୟରେ ଦାନନୀତି ଆପଣଉଛନ୍ତି। ବେକାର ବ୍ୟକ୍ତି, ବିଧବା, ଅନ୍ଧ, ବିକଳାଙ୍ଗ, ସବୁବେଳେ ଯେ ଏକା ଏପରି ନୁହେଁ, ପରିବାରରେ ମିଶିକରି ରହିଲେ, ତାଙ୍କୁ ଯୌଥ ପରିବାର ସମ୍ବନ୍ଧ ପାଇଁ ଏକ ପ୍ରକାର ସାହାଯ୍ୟ ପ୍ରାପ୍ତି ବାଧା ଅନେକ ବେଳରେ ସମ୍ମୁଖୀନ ହେବାକୁ ହେଉଛି। ପୂର୍ବେ ବ୍ରାହ୍ମଣ ଶାସନ ମନଥିଲା, ସବୁ ପାଟକଙ୍କ ଜାତି ସଭାଥିଲା। ଏହାବାଦ ସମସ୍ତେ ଗ୍ରାମର ଧର୍ମ ପୀଠରେ ସବୁ ପାଟକ ଜାତି କୌଣସି ପର୍ବ ଧାର୍ମିକ ଅନୁଷ୍ଠାନ, ବା ବିଶେଷ ଆବଶ୍ୟକ ନ୍ୟାୟ ନିଶାପରେ ଏକାଠି ହେଉଥିଲେ, ଏଥିପାଇଁ ମୁରବୀ ବର୍ଷିଆନ ବ୍ୟକ୍ତି ରହି ସବୁ ସ୍ତରରେ ବୁଝାବୁଝି କରୁଥିଲେ। ପ୍ରତ୍ୟେକ ଜାତି ମାନଙ୍କର ପ୍ରତିନିଧି, ମୁଖ୍ୟ ଗ୍ରାମର ଜମିଦାର ବା ଦେଶର ଅଧିକାରୀଙ୍କୁ ଭେଟି ଉପୁଜୁଥିବା ସମସ୍ୟାକୁ ବୁଝାଉ ଥିଲେ। ଏ ସମୟରେ ପଞ୍ଚାୟତ ପ୍ରଶାସନରେ ନିର୍ବାଚିତ ବ୍ୟକ୍ତି ଅନେକ ଯୁବକ ଯେ କୌଣସି ପାଟକର ହୋଇପାରନ୍ତି, ଯାହା ଧାର୍ମିକ, ଜାତି ପାଟକ, ପାରିବାରିକ ଜୀବନ ହଠାତ୍ ଉପୁଜୁ ଥିବା ସମସ୍ୟାରେ ବିଶେଷ ଅଭିଜ୍ଞ ନୁହଁନ୍ତି ବା ଅଭିଜ୍ଞତା ଥିବା ବର୍ଷିଆନଙ୍କ ସହ ପୂର୍ବରୁ ସହମେଲରୁ ଏପରି ସମସ୍ୟାର ସମାଧାନ ଜ୍ଞାନ ଆହରଣ କରିନାହାନ୍ତି, କେଉଁଠି ତାଲିମ କେନ୍ଦ୍ର ବା ଶିକ୍ଷା ଅନୁଷ୍ଠାନ ଏପରି ନାହିଁ ଯେଉଁଠି, ପାରିବାରିକ ଜୀବନର ପ୍ରତ୍ୟେକ ସଦସ୍ୟଙ୍କ ବିଧି ଆଚରଣ ଶିକ୍ଷା ଦିଆଯାଉଛି। ସରପଞ୍ଚ ହୁଅନ୍ତୁ, ଏମ.ଏଲ.ଏ ଏପରି ପଦବୀକୁ ଆସିବା ଲୋକଙ୍କ ବେକରେ ପଡ଼ିଲେ ବଜେଇ ଶିଖିବା ହେଉଛି ସିନା ପ୍ରଥମ ଥର ତାଲିମ ନଥାଏ। ଦଳ ମୁଖ୍ୟଙ୍କ ହୁକୁମ ମାନ କଥା କହିବାକୁ ପଡ଼େ। ସତ୍ୟ ଜାଣିଲେ ବି, ଜାଣି ନାହିଁ କହିବାକୁ ପଡ଼େ।

ମୋ ସ୍ତ୍ରୀର ମୁଁ ଜଣେ ସ୍ୱାମୀ। ଏହା ଲୌକିକ କଥାର ମାନ୍ୟତା, ମୁଁ ବାଜା ବଜାଇ ଲୋକମାନଙ୍କ ଗହଣରେ ଅଗ୍ନି ସାକ୍ଷୀରେ ବିପ୍ରଙ୍କ ବେଦ ଉଚ୍ଚାରଣ ମଧ୍ୟରେ ସିଥିରେ ସିନ୍ଦୁର ହାତରେ ଶଙ୍ଖା ଗଳାରେ ମଙ୍ଗଳ ସୂତ୍ର ପିନ୍ଧାଇ ଜାୟା ରୂପେ ଜୀବନସାଥୀ ରୂପେ ଗ୍ରହଣ କରିଛି, ଠିକ ନାରୀଜଣେ ସେପରି ବିବାହ ବେଦୀରେ ବହୁ ବନ୍ଧୁବାନ୍ଧବ ଜ୍ଞାତି ପରିଜନ ଉପସ୍ଥିତିରେ ସେହି ଅଗ୍ନିସାକ୍ଷୀ ବିପ୍ର ମନ୍ତ୍ର ଧ୍ୱନି ମଧ୍ୟରେ ଜଣେ ଯୁବର ହାତ ଧରିଛି। ଯୁବକ ଜଣଙ୍କ ତାଙ୍କ ହାତ ଧରିଛନ୍ତି ପାଣିଗ୍ରହଣ ପୂର୍ବ ପରେ ସ୍ୱାମୀ ଆଳୟର ବିହିତ ଶୟନ କକ୍ଷକୁ ଶାଶୁଘର ଲଳନାଙ୍କ ଦ୍ୱାରା ବନ୍ଦନା କରାଯାଇ ଯାଇଛନ୍ତି। ସେହିଦିନୁ ସେ ତାଙ୍କ ଘରର ଗୃହଲକ୍ଷ୍ମୀ, ମାତ୍ର ମୋ ସ୍ୱାମୀ ମୋ ସ୍ତ୍ରୀ ଭାବରେ ଏବେ ଏବେ ‘ମ’ କାର ପାଚେରୀ, ମରେ ମଦନ, ମରେ ମଦ, ମରେ ମନି, ସ୍ୱାମୀର କାର୍ଯ୍ୟାବଳୀରେ ସନ୍ଦେହ ଆସିଲେ କିଛି ପ୍ରଶ୍ନ ସ୍ୱାମୀକୁ ପଚାରିଲେ, ଆସେ ମ ରେ ମାଡ଼ ତତ୍ତ୍ୱ ତାପରେ ନାରୀର ଆମେ ମରେ ମାତୃଆଳୟ ପ୍ରତ୍ୟାଗମନ। ଏଥିରେ ମୋ ଦାବିଟା ପାଣିଚିଆ ହୋଇଯାଉଛି। ଛାତ୍ର ଜୀବନର ସାଥୀମେଳର ଆମ ସମ୍ବନ୍ଧ ଗୁଡ଼ାକ ପରବର୍ତ୍ତୀ ଜୀବନରେ ବିଲୁପ୍ତ ହୋଇଯାଏ। ମୋ ଦନ୍ତ ଉପୁଡ଼ା ହେଲେ ସମ୍ବନ୍ଧ ସରେ ଏହିପରି ପ୍ରିୟ ଜିନିଷ ପୁରୁଣା ଜୀର୍ଣ୍ଣ ହେଲେ ଶେଷ। ମଲାପରେ ମୋ ଶବ, ମୋ ଦେହ, କେହିହେଲେ ନଥାଏ, ଶବ ଏବେ ରୋଜଗାରର ଏକ ଉତ୍ସ, ଲୋକ ମରିଛି ମାତ୍ର ଡାକ୍ତର ସାର୍ଟିଫିକେଟ ନ ହେଲେ ତାହା ମାନ୍ୟତା ନୁହେଁ, ବଡ଼ ବଡ଼ ଚିକିତ୍ସାଳୟରେ ରୋଗୀ ମରିଗଲା ପରେ ଶବ ଅଟକାଇ ପାଉଣା ଆଦାୟ କରାଯାଉଛି। କଥା କହୁଥିଲେ ଶବ କହନ୍ତା ମୋ ଶବ ପ୍ରତି ଏ ଅନ୍ୟାୟ କାହିଁକି।

**ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଓଡ଼ିଆ ଭାଷା ଏକ ପରିଚିତ ଭାଷା

**ଡକ୍ଟର ଲକ୍ଷ୍ମଣ ସାହୁ**



ଭାଷା ସାଧାରଣତଃ ମନର ଭାବ ପ୍ରକାଶ କରିବାର ଏକ ମାଧ୍ୟମ। ପ୍ରତ୍ୟେକ ବ୍ୟକ୍ତି ନିଜ ମନର ଭାବନାକୁ ଯେକୌଣସି ଭାଷାରେ ବ୍ୟକ୍ତ କରିପାରେ। ବକ୍ତା ଯାହା କହେ ଶ୍ରୋତାର ସେହି ଭାଷା ଉପରେ ଦଖଲ ଥିଲେ ଉଭୟଙ୍କ ମଧ୍ୟରେ ଭାବ ବିନିମୟ ଘଟିଥାଏ। ଆଲୋଚ୍ୟ ଓଡ଼ିଆ (ଇଂରାଜୀ ଭାଷାରେ ODIA /ODIA /ə'DI:ə/ OR ORIYA /ɒ'RI:ə/,) ଇଣ୍ଡୋ-ଇଉରୋପୀୟ ଭାଷାଗୋଷ୍ଠୀ ଅନ୍ତର୍ଗତ ଏକ ଇଣ୍ଡୋ-ଆର୍ଯ୍ୟ ଭାରତୀୟ ଭାଷା। ଏହା ଭାରତର ଓଡ଼ିଶାରେ ସର୍ବାଧିକ ବ୍ୟବହୃତ ଓ ମୁଖ୍ୟ ସ୍ଥାନୀୟ ଭାଷା ଓ ୯୧.୮୫% ଲୋକଙ୍କଦ୍ୱାରା କଥିତ ହେଉଛି। ଓଡ଼ିଶା ସମେତ ଏହା ପଶ୍ଚିମ ବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ ଓ ଗୁଜରାଟ (ମୂଳତଃ ସୁରଟ[୩])ରେ କୁହାଯାଇଥାଏ। ଏହା ଓଡ଼ିଶାର ସରକାରୀ ଭାଷା। ଏହା ଭାରତର ସମ୍ବିଧାନ ସ୍ୱିକୃତୀପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଗୋଟିଏ ଓ ଝାଡ଼ଖଣ୍ଡର ୨ୟ ପ୍ରଶାସନିକ ଭାଷା।ପ୍ରଭାବିତ ହୋଇ ନ ଥିବା ଭାଷା ଭାବରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି।

ଭାରତ ଓ ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସାଉଦି ଆରବ, ବର୍ମା, ମାଲେସିଆ, ସିଙ୍ଗାପୁର, ସିଂହଳରେ ବସବାସ କରୁଥିବା ଓଡ଼ିଆ ଅଞ୍ଚଳ ଗୁଡ଼ିକ ମଧ୍ୟରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ କେତେକାଂଶରେ ଚାଲିଛି। ତେଣୁ ଭାରତରେ ଓଡ଼ିଆ ଭାଷୀ ଲୋକଙ୍କ ଅବସ୍ଥାନ ଦେଖିବାକୁ ଗଲେ ସାରା ପୃଥିବୀରେ ଓଡ଼ିଆଭାଷୀ ଲୋକଙ୍କ ଅବସ୍ଥାନ ରହିଛି। ଏପରିକି ଗଗନ ଅନେକ ରାଜ୍ୟରେ କୁହାଯାଏ। ପଶ୍ଚିମବଙ୍ଗର ମେଦିନୀପୁର ସମେତ ଆହୁରି ଅନେକ ଅଞ୍ଚଳ, ଝାଡ଼ଖଣ୍ଡର ସିଂହଭୂମି ଜିଲ୍ଲା, ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ, ବିଜୟନଗର ଓ ବିଶାଖାପଟନମ ଜିଲ୍ଲା, ଛତିଶଗଡ଼ର ପୂର୍ବ ଜିଲ୍ଲା ଓ ନାଗପୁର ଅଞ୍ଚଳରେ ବହୁଳ ଭାବରେ କୁହାଯାଏ। ଗୁଜରାଟର ସୁରଟ ଭାରତର ଦ୍ୱିତୀୟ ଓଡ଼ିଆ ଭାଷା ବହୁଳ ଅଞ୍ଚଳ। ଏହାଛଡ଼ା ବେଙ୍ଗାଲୁରୁ, ହାଇଦ୍ରାବାଦ, ପଣ୍ଡିଚେରୀ, ଚେନ୍ନାଇ, ଗୋଆ, ମୁମ୍ବାଇ, ଜାମସେଦପୁର, ବରୋଦା, ରାୟପୁର, ଅହମଦାବାଦ, ଦିଲ୍ଲୀ, କଲିକତା, ଖଡ଼ଗପୁର, ଗୁଆହାଟୀ, ପୁନେ ଓ ସିଲଭାସା ଆଦି ସହରରେ ଓଡ଼ିଆ ଭାଷାଭାଷୀ ଲୋକ ଦେଖାଯାନ୍ତି।

ଅନ୍ୟ ପକ୍ଷରେ ଓଡ଼ିଆଭାଷାର ମୂଳ ଉତ୍ସ ହେଉଛି ଗୁମ୍ଫାଲେଖା। ୨୦ହଜାର ବର୍ଷ ତଳେ କଳାହାଣ୍ଡିର ଗୁଡହାଣ୍ଡିରୁ ମିଳିଥିବା ଚିତ୍ର , ନୂଆପଡାର ଯୋଗୀମଠରୁ ୧୦ହଜାର ବର୍ଷ ତଳର ମିଳିଥିବା ଚିତ୍ରଲିପି ଓ ଝାରସୁଗୁଡାର ବିକ୍ରମଖୋଲରୁ ମିଳିଥିବା ୩୫୦୦ବର୍ଷ ତଳ ଗୁମ୍ଫାଲିପି ହେଉଛି ଓଡ଼ିଆଭାଷାର ମୂଳ ଆଧାର। ଯୋଗୀମଠର ଚିତ୍ରଲିପିରେ ନାଲଙ୍ଗୀ ରଙ୍ଗରେ ଲିଖିତ “ଠ” ଲିପି ଆଜି ପର୍ଯ୍ୟନ୍ତ ଓଡ଼ିଆ ସମେତ ସମସ୍ତ ଭାରତୀୟ ଲିପିମାଳାରେ ଅବିକଳ ଭାବରେ ବ୍ୟବହୃତ ହୋଇଥାଏ।

ଇତିହାସ ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଏକ ଭାରତୀୟ ଭାଷା। ମୂଳ ଓଡ଼ିଆ ଭାଷା ପାଲି ଓ ଔଡ୍ରୀ ପ୍ରାକୃତରୁ ସିଧା ସୃଷ୍ଟି ହୋଇଥିବା ଭାଷା ବିଜ୍ଞାନୀମାନେ ପ୍ରମାଣ ଦିଅନ୍ତି। ସମ୍ଭବତଃ ଏହି ଭାଷା ଭାରତରରେ ୨,୫୦୦ ବର୍ଷରୁ ଅଧିକ ବର୍ଷ ଆଗରୁ କୁହାଯାଉଥିଲା। ଏହା ବୌଦ୍ଧ ଧର୍ମର ତିପିଟକ ଓ ଜୈନ ଧର୍ମଗ୍ରନ୍ଥର ମୂଳ ଭାଷା ଥିଲା। ଓଡ଼ିଆ ବାକି ଭାରତୀୟ ଭାଷାମାନଙ୍କ ତୁଳନାରେ ଖୁବ କମ ପାରସୀ ଓ ଆରବୀ ଭାଷାଦ୍ୱାରା ପ୍ରାଭାବିତ ହୋଇଛି।

ଏସଂପର୍କରେ ଇଂଲଣ୍ଡର କୁଇନଟେସେନସିଆଲଙ୍କ ଭାଷା ବିଭାଗର ମତରେ ଧଉଳିଠାରୁ ମିଳିଥିବା ଅଶୋକଙ୍କ ସମୟର ଶିଳାଲେଖ, ଜଉଗଡ଼ର ଶିଳାଲେଖ ଆଉ ଖାରବେଳଙ୍କ ବେଳରେ ତିଆରି ଖଣ୍ଡଗିରି ଓ ହାତୀଗୁମ୍ଫାର ଶିଳାଲେଖ ଓଡ଼ିଆ ଭାଷାର ମୂଳ ଇତିହାସ ଉପରେ ସୂଚନା ଦେଇଥାଏ । ହାତିଗୁମ୍ଫାର ଶିଳାଲେଖରୁ ଜଣା ଯାଏ ଯେ ଆଧୁନିକ ଓଡ଼ିଆ ଭାଷାର ମୂଳ ପାଳି ଭାଷାରୁ। ହାତିଗୁମ୍ଫାର ଶିଳାଲେଖରେ ଲେଖା ଭାଷା ହେଉଛି ପାଲି ଆଉ ଲିପି ହେଉଛି ବ୍ରାହ୍ମୀ, ତେବେ ଏହି ଶିଳାଲେଖ ହିଁ ପ୍ରମାଣ କରିଦିଏ ଯେ ଓଡ଼ିଆ ଭାଷା ଅନ୍ୟ ଭାଷାଠାରୁ ବହୁ ପୁରାତନ ଙ୍ଗା ସଂସ୍କୃତ ଭାଷାର ପ୍ରଭାବରେ ପୁରୁଣା ପାଳି ଭାଷାରେ ଅନେକ ଜାଗାରେ ଶବ୍ଦ ସବୁ ବଦଳି ଯାଇଛି। ତେବେ ଓଡ଼ିଆରେ ବିଦେଶୀ ଭାଷାର ପ୍ରଭାବ ଖୁବ କମ ଦେଖାଯାଏ ଯାହାକି ଅନ୍ୟ ଭାରତୀୟ ଭାଷାଠାରୁ ଖୁବ ଗୌଣ। ପ୍ରଫେସର ଓଲଡେନବର୍ଗଙ୍କ ମତରେ ପାଲି ଭାଷା ହିଁ ଓଡ଼ିଆ ଭାଷାର ମୂଳ ବୋଲି ଦର୍ଶାଇଛନ୍ତି।

ଓଡ଼ିଆ ଶବ୍ଦର ବ୍ୟବହାର ୭ମ ଶତାବ୍ଦୀର ତାଳପତ୍ରରେ ଦେଖିବାକୁ ମିଳେ। ବିଶେଷକରି ନେପାଳ ରାଜଦରବାରରୁ ସଂଗୃହୀତ ବୌଦ୍ଧ ଆଚାର୍ଯ୍ୟଙ୍କଦ୍ୱାରା ରଚିତ ଚର୍ଯ୍ୟାସାହିତ୍ୟ ହେଉଛି ପ୍ରାଚୀନ ଓଡ଼ିଆ ଶବ୍ଦାବଳୀର ଗନ୍ତାଘର। ସେହିପରି ଭଦ୍ରକରୁ ପ୍ରାପ୍ତ ମହାରାଜ ଗଣଙ୍କ ୯ମ ଶତାବ୍ଦୀରେ ଲିଖିତ ଶିଳାଲେଖରେ 'ଦେବ କହି ଭକତି କରୁଣ ବୋଲନ୍ତି ଭୋ କୁମାର ଶେଣ' ହେଉଛି ଓଡ଼ିଆ ଭାଷାରେ



ରଚିତ ସ୍ୱୟଂସଂପୂର୍ଣ୍ଣ ଓଡ଼ିଆ ଶବ୍ଦ। ଓଡ଼ିଆ ଶବ୍ଦ କୁମ୍ଭାର /KUMBHA:Rɔ/ର ବ୍ୟବହାର ତମ୍ବାପଟାରେ ଲେଖାଥିବାର ଦେଖିବାକୁ ମିଳେ। ସେମିତି ୯୯୧ ସନର ଲେଖା ଓ ୭୧୫ ସନର ଲେଖାରେ ଓଡ଼ିଆ ଶବ୍ଦ ଭିତୁରୁ /BHITURU/ ଆଉ ପନ୍ଦର /BHITURU/ ପ୍ରଭୃତିର ବ୍ୟବହାର ଦେଖିବାକୁ ମିଳେ।

ବିଶେଷ କରି୨୦୧୪ ଫେବୃଆରୀ ୨୦ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତା ଦେଇଥିଲେ ଓ ମାର୍ଚ୍ଚ ୧୧ତାରିଖ ଦିନ, ଏ ନେଇ ଗାଜେଟ ନୋଟିଫିକେସନ ଜାରି କରାଯାଇଥିଲା। ଏହି ମାନ୍ୟତା ପାଇବାରେ ଓଡ଼ିଆ ହେଲା ଷଷ୍ଠ ଭାଷା। ଏହା ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ ଓ ମାଲାୟାଲମକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିସାରିଛି। କେନ୍ଦ୍ର କ୍ୟାବିନେଟ୍ ଫେବୃଆରୀ ୨୦ ତାରିଖରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଲେ। ୨୦୧୩ ମସିହା ଜୁଲାଇ ୨୩ ତାରିଖରେ ଭାଷାବିଶେଷଜ୍ଞ କମିଟି ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ଶାସ୍ତ୍ରୀୟ ଭାଷା ହେବା ଫଳରେ ଓଡ଼ିଆ ଭାଷାରେ ଉଲ୍ଲେଖନୀୟ ଅବଦାନ ସକାଶେ ପ୍ରତିବର୍ଷ ଆଠଟି ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯିବା ଏହାଛଡ଼ା ଓଡ଼ିଆ ଭାଷା ପାଇଁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ସ୍ଥାପନ କରିବାକୁ ସୁଯୋଗ ମିଳିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଶିକ୍ଷାବିତମାନେ ନିଯୁକ୍ତିର ସୁଯୋଗ ପାଇପାରିବେ। ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ଦିନ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତାପାଇଁ ରାଜପତ୍ର ବିଜ୍ଞପ୍ତି ଜାରି କରାଯାଇଥିବାରୁ ୨୦୧୫ ମସିହାରୁ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ରୂପେ ପାଳନ କରିବାପାଇଁ ଓଡ଼ିଶା ସରକାର ନିଷ୍ପତି ନେଇଛନ୍ତି।

ବର୍ତ୍ତମାନ କମ୍ପ୍ୟୁଟର ଯୋଗେ ଓଡ଼ିଆ ଟାଇପ କରିବା ସହଜ ହୋଇଯାଇଛି। କମ୍ପ୍ୟୁଟରରେ ଓଡ଼ିଆ ଭାଷା ଟାଇପ କରିବାପାଇଁ ଯଥେଷ୍ଟ ସଂଖ୍ୟାରେ ବିଭିନ୍ନ ଆପ୍ଲିକେସନ ଉପଲବ୍ଧ। ସେଥିମଧ୍ୟରୁ ଲିପି, ଆକୃତି ଆଦି ପୂର୍ବରୁ ଥିବା ବେଳେ ମାଇକ୍ରୋସଫ୍ଟଦ୍ୱାରା ଇଣ୍ଡିକ ଇନ୍ପୁଟ ଭାରତୀୟ ଭାଷାରେ ଉପଲବ୍ଧ, ଯାହାଦ୍ୱାରା ଓଡ଼ିଆ ଲିପିରେ ସହଜରେ ଯେ କୌଣଶି ଆପ୍ଲିକେସନରେ ଓଡ଼ିଆରେ ଟାଇପ କରାଯାଇ ପାରୁଛି। ଏହା ଭିନ୍ନ ୱେବରେ ଅନେକ ପରିମାଣରେ ଓଡ଼ିଆ ଅଭିଧାନ, ଇଂରେଜୀରୁ ଓଡ଼ିଆକୁ ଅନୁବାଦ କରିବା ପାଇଁ ବହୁତ ସୁବିଧା ପ୍ରଦାନ କରୁଛି।

ଓଡ଼ିଆ ଭାଷାର ସରକାରୀକରଣ ପାଇଁ ଓଡ଼ିଶା ବିଧାନ ସଭାରେ ୧୯୫୪ ମସିହା ଓଡ଼ିଆ ଭାଷାର ସରକାରୀ ସ୍ତରରେ ବ୍ୟବହାର ପାଇଁ ଆଇନ ହେଇଥିଲା। ଏହା ଅନୁସାରେ ସରକାରୀ ସ୍ତରରେ ସମସ୍ତ କାର୍ଯ୍ୟ ଓଡ଼ିଆରେ ହେବାପାଇଁ ସ୍ଥିରୀକୃତ ହୋଇଥିଲା। ମାତ୍ର ଉଦ୍ୟମର ଅଭାବ ଓ ଓଡ଼ିଆ ଟାଇପ ରାଇଟରରେ ଓଡ଼ିଆ ଟାଇପ କରିବାର ଅସୁବିଧାଗତ କାରଣରୁ ଏହା ବାସ୍ତବିକ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ପାରିନଥିଲା। ତେବେ ବର୍ତ୍ତମାନ ସରକାରଙ୍କଦ୍ୱାରା ପୁନର୍ବାର ତାକୁ କାର୍ଯ୍ୟକାରୀ କରିବାକୁ ଦୃଢ଼ ନିଷ୍ପତ୍ତି ନିଆଯାଇ ତାହାକୁ ଲାଗୁ କରାଯାଇଛି। ଏଥିପାଇଁ ରାଜ୍ୟର ଭାଷା ସଚେତନ ନାଗରିକମାନେ ମଧ୍ୟ ଅନେକ ଥର ଦାବି କରିଆସିଛନ୍ତି। ଭାଷା ହେଉଛି ଯୋଗାଯୋଗର ଜଟିଳ ପ୍ରଣାଳୀକୁ ଶିଖିବା ଓ ବ୍ୟବହାର କରିବା ପାଇଁ ଥିବା ମନୁଷ୍ୟର ସାମର୍ଥ୍ୟ ଓ ଗୋଟିଏ ଭାଷା ହେଉଛି ଏହି ଜଟିଳ ଯୋଗାଯୋଗ ପ୍ରଣାଳୀର ଏକ ଉଦାହରଣ। ପୃଥିବୀରେ ସର୍ବମୋଟ କେତେ ଭାଷା ଅଛି ଏକଥା ସଠିକ ଭାବେ କହିବା ସମ୍ଭବ ନୁହେଁ। ଏହି ସଂଖ୍ୟା ଭାଷା (LANGUAGE) ଓ ଲୋକଭାଷା (DIALECTS) ମଧ୍ୟରେ ସୂକ୍ଷ୍ମ ପ୍ରଭେଦ ଉପରେ ନିର୍ଭର କରେ। ତଥାପି ଆକଳନ କରାଯାଇଛି ଯେ ଏହି ସଂଖ୍ୟା ୬୦୦୦ରୁ ୭୦୦୦ ହେବ। ମେକ୍ସିକୋର ଟିଓଟିହୁଆକାନରେ ଏକ ମୂର୍ତ୍ତି (ଖ୍ରୀଷ୍ଟପୂର୍ବ 200 ଖ୍ରୀଷ୍ଟାବ୍ଦ) ଜଣେ ବ୍ୟକ୍ତିଙ୍କ ମୁଖରୁ ଏକ ବକ୍ତବ୍ୟ ସ୍କ୍ରୋଲ୍ ନିର୍ଗତ କରୁଥିବା ଚିତ୍ରଣ କରିଥାଏ, ଯାହା ବକ୍ତବ୍ୟର ପ୍ରତୀକ କ୍ୟୁନିଫର୍ମ ହେଉଛି ଲିଖିତ ଭାଷାର ପ୍ରଥମ ଜଣାଶୁଣା ରୂପ, କିନ୍ତୁ କଥିତ ଭାଷା ଅତିକମରେ ଦଶହଜାର ବର୍ଷ ଲେଖାକୁ ପୂର୍ବାନୁମାନ କରେ। ଆମେରିକୀୟ ସଙ୍କେତ ଭାଷା ଶିଖୁଥିବା ଦୁଇ ଯୁବକ ଯୁବତୀ ବ୍ରେଲି ଲେଖା ଭାଷାକୁ ଏକ କୌଶଳ ରୂପରେ ପ୍ରତିନିଧିତ୍ୱ କରେ।

ମଣିଷ ଭାଷା ପୃଥିବୀ ପୃଷ୍ଠରେ ଥିବା ସମସ୍ତ ସର୍ଜୀବଙ୍କ ମଧ୍ୟରେ ସ୍ୱତନ୍ତ୍ର। ଏହାର ଜଟିଳ ଗଠନ ଶୈଳୀ ଭାବ ପ୍ରକାଶ ପାଇଁ ଏକ ବୃହତ୍ତର କ୍ଷେତ୍ର ଯୋଗାଇଥାଏ। ଯାହାକି ବର୍ତ୍ତମାନ ସୁଦ୍ଧା ଜଣାଥିବା ସମସ୍ତ ପ୍ରାଣୀମାନଙ୍କ ଯୋଗାଯୋଗ ପ୍ରଣାଳୀ ଅପେକ୍ଷା ଉତ୍କୃଷ୍ଟ। ଏହି ପ୍ରାଣୀ-ଯୋଗାଯୋଗ ପ୍ରଣାଳୀ ସାଧାରଣତଃ ମନୁଷ୍ୟ ଭଳି ସାମାଜିକ ନହୋଇ ଅନୁବଂଶୀୟ ହୋଇଥାଏ।

ତେଣୁ ସଂଜ୍ଞା ପ୍ରକରଣରେ ମନୁଷ୍ଯର ମୁଖନିଃସୃତ ସାର୍ଥକ ଧ୍ୱନିମାନଙ୍କ ସମାହାରକୁ ଭାଷା କୁହାଯାଏ। ମୂଳ ପ୍ରସଙ୍ଗଗୁଡ଼ିକ ଅନୁଧାନ କଲେ ତନ୍ମଧ୍ୟରେ ଭାଷା ବିଜ୍ଞାନ ଓ ଭାଷା ବିଜ୍ଞାନର ଇତିହାସ ବା ଐତିହାସିକ, ତୁଳନାତ୍ମକ, ବର୍ଣ୍ଣନାତ୍ମକ, ବ୍ୟାବହାରିକ, ବ୍ୟାକରଣଗତ କିମ୍ବା ଅର୍ଥଗତ ଭାଷା ସମ୍ବନ୍ଧୀୟ ଯେକୌଣସି ଆଲୋଚନାକୁ ଭାଷାତତ୍ତ୍ୱର ଅନ୍ତର୍ଗତ ବୋଲି ଧରି ନିଆଯାଇପାରେ। ଭାଷା ଆଲୋଚନା କ୍ଷେତ୍ରରେ ଇଂରାଜୀ ଭାଷାରେ ଫିଲଲଜି ଓ ଲିଙ୍ଗୁଇଷ୍ଟିକସ୍ ବୋଲି ଦୁଇଟି ଶବ୍ଦ ପ୍ରଚଳିତ। ପୂର୍ବରୁ ସେସବୁ ସେମାନଙ୍କଦ୍ୱାରା ସୂଚିତ ଅର୍ଥରେ ବିଶେଷ ବ୍ୟବଧାନ ଥିବା ପରି ମନେହେଉନଥିଲା। ଅନ୍ତତଃ ଭାରତବର୍ଷରେ ସମସ୍ତେ ଦୁଇଟିଯାକ ଶବ୍ଦକୁ ଏକପ୍ରକାର ଅର୍ଥରେ ବ୍ୟବହାର କରୁଥିଲେ। ଏବେ କିନ୍ତୁ ସେମାନଙ୍କୁ ଦୁଇଟି ସ୍ୱତନ୍ତ୍ର ଅର୍ଥରେ ବ୍ୟବହାର କରାଯାଉଛି ସେଥିପାଇଁ ଓଡ଼ିଆ ଭାଷାରେ "ଫିଲଲଜି" ପାଇଁ "ଭାଷାଜ୍ଞାନ" ଓ "ଲିଙ୍ଗୁଇଷ୍ଟିକସ୍" ପାଇଁ "ଭାଷାବିଜ୍ଞାନ" ଶବ୍ଦ ରଖିବା ଆବଶ୍ୟକ ହୋଇଛି...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪, ମୋବାଇଲ୍: ୯୦୪୦ ୧୫୧୪୭୫**

# ବିଶ୍ୱ ଦେଖିବ ବିଶ୍ୱଯୁଦ୍ଧ



**ଚିତ୍ତରଞ୍ଜନ ପୃଷ୍ଟି**

ବିଶ୍ୱର ପ୍ରତ୍ୟେକ ଦେଶ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି।ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ର ଭାବରେ ଉଭା ହେବାପାଇଁ ପ୍ରତ୍ୟେକ ଦେଶ ନିଜର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି।ପ୍ରତ୍ୟେକ ରାଷ୍ଟ୍ର ନିଜର ପରମାଣୁ ଶକ୍ତି ବଢ଼ାଇ ବିଶ୍ୱରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ପରିଚୟ ସୃଷ୍ଟି କରିବାପାଇଁ ଚାହୁଁଛନ୍ତି।ବୃହତ୍ତ ଶକ୍ତିମାନଙ୍କର ସାମ୍ରାଜ୍ୟବାଦୀ ମନୋଭାବ ଯୋଗୁଁ ବିଶ୍ୱରେ ଅଶାନ୍ତି ଦେଖାଦେଇଛି।ରାଷ୍ଟ୍ର ରାଷ୍ଟ୍ର ଭିତରେ ବଢ଼ିଚାଲିଛି ଉତ୍ତେଜନା।ପ୍ରତି ମୁହୂର୍ତ୍ତରେ ଲାଗି ରହିଛି ଯୁଦ୍ଧ ଆଶଙ୍କା।ଯାହାଦ୍ୱାରା ସମଗ୍ର ମାନବ ସମାଜର ପତନ ନିଶ୍ଚିନ୍ତ।ଅଧିକାଂଶ ରାଷ୍ଟ୍ର ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।ଯାହାଫଳରେ ସେମାନେ ଯୁଦ୍ଧଭଳି କୂଟନୀତିକୁ ଆପଣେଇ ନେଉଛନ୍ତି।ଯାହାଦ୍ୱାରା ସମଗ୍ର ବିଶ୍ୱରେ ଅଶାନ୍ତ ବାତାବରଣ ଦେଖାଦେଇଛି।ଯୁଦ୍ଧ, ହିଂସା, ରକ୍ତପାତ ସାରା ବିଶ୍ୱକୁ ଅଶାନ୍ତ କରିଦେଇଛି।ଯାହାଦ୍ୱାରା ସମଗ୍ର ବିଶ୍ୱର ଅର୍ଥନୀତି ଏବେ ବିପନ୍ନ ଅବସ୍ଥାରେ।ସାରବିଶ୍ୱ ଏବେ ବିପଦ ବଳୟରେ କବଳିତ।ଅଶାନ୍ତ ବାତାବରଣ ବିଶ୍ୱ ଭାତୃତ୍ୱ ରୂପକ ସାଗରରେ ଭୟର ଜୁଆର ସୃଷ୍ଟି କରିଛି।ଏଥିପାଇଁ ସାରା ବିଶ୍ୱ ଏବେ ଚିନ୍ତିତ।

ମାନବ ଜାତିର ଇତିହାସରେ ପ୍ରଥମ ବିଶ୍ୱଯୁଦ୍ଧ ଥିଲା ସବୁଠାରୁ ଭୟାବହ ଓ ବର୍ବର। ଏହି ଯୁଦ୍ଧ ୧୯୧୪ରୁ ଆରମ୍ଭ ହୋଇ ଦୀର୍ଘ ଚାରିବର୍ଷ ବିଶ୍ୱରେ ମୃତ୍ୟୁର ତାଣ୍ଡବ ରଚନା କରିଥିଲା ଓ ମାନବ ସଭ୍ୟତାର ଅଶେଷ କ୍ଷତି କରିଥିଲା। ହେଲେ ପ୍ରଥମ ବିଶ୍ୱଯୁଦ୍ଧରୁ ବିଶ୍ୱବାସୀ କିଛି ଶିକ୍ଷା କରିପାରିନଥିଲେ, ଯେଉଁଥିପାଇଁ ଏହାର କୋଡ଼ିଏ ବର୍ଷ ପରେ ଅର୍ଥାତ ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ନରସଂହାରକାରୀ ଯୁଦ୍ଧକୁ ବିଶ୍ୱକୁ ସାମନା କରିବାକୁ ପଡ଼ିଲା। ଦୁଇ ଦୁଇଟା ବିଶ୍ୱଯୁଦ୍ଧରେ ବିଶ୍ୱବାସୀ ଆତଙ୍କିତ ହୋଇ ପଡ଼ିଲେ। ଏହି ଦୁଇଟି ବିଶ୍ୱଯୁଦ୍ଧର ଭୟାବହକୁ ସାରାବିଶ୍ୱ ଏବେ ମଧ ଭୁଲିନାହିଁକିନ୍ତୁ କେତେକ ରାଷ୍ଟ୍ର ପୂର୍ବ କଥାକୁ ଭୁଲି ସାମ୍ରାଜ୍ୟବାଦ ନୀତିକୁ ଆପଣାଇନେଇଛନ୍ତି।ଯାହାଦ୍ୱାରା ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଛି ଅଶାନ୍ତର ବାତାବରଣ।ସମଗ୍ର ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି



ସୃଷ୍ଟି ହୋଇଛି।ସମଗ୍ର ବିଶ୍ୱ ଏବେ ବାରୁଦ ଗଦା ଉପରେ ବସିଛି।ଯେକୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ।

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା, ରୁଷ ଏବଂ ଚୀନ ଯୁଦ୍ଧରେ ସାମିଲ ହୋଇ ଭୟଙ୍କର ରୂପ ଧାରଣ କରିପାରନ୍ତି।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁଅନ୍ତୁ ଅବା ଭ୍ଲାଦିମିର ପୁଟିନ୍, ଜିନପିଙ୍ଗ୍ କି ମଧ୍ୟପ୍ରାଚ୍ୟର ନେତା, କେହି କାହାକୁ କମ୍ ନୁହନ୍ତି।ନିଜକୁ ସର୍ବଶକ୍ତିମାନ ଦେଖାଇବାକୁ ସାରା ପୃଥିବୀକୁ ଏବେ ଯୁଦ୍ଧର ଚକ୍ରବ୍ୟୂହକୁ ଠେଲି ଦେଇଛନ୍ତି। ଧୀରେ ଧୀରେ ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇଛି। ନିଜ ଦେଶର ସୁରକ୍ଷା ଅପେକ୍ଷା ଆମେରିକା ସେନା ଅନ୍ୟ ଦେଶ ଉପରେ ଆକ୍ରମଣ ସହ ଦଖଲ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଚୀନ୍ ତାଇୱାନକୁ ଦଖଲ କରିବାକୁ କଳ, ବଳ କୌଶଳ ବିନିଯୋଗ କରୁଛି। ସାମରିକ ଅଭ୍ୟାସ ଆଳରେ ତାଇୱାନକୁ ଜବରଦଖଲ ଚୀନ୍ ର ଏକମାତ୍ର ଲକ୍ଷ୍ୟ।ଇତିହାସ ସାକ୍ଷୀ, ବିଶ୍ୱଯୁଦ୍ଧ ହଠାତ୍ ହୋଇନଥିଲା। ବର୍ଷ ବର୍ଷ ଯୁଦ୍ଧ ଲାଗିରହି ଶେଷରେ ବିଶ୍ୱଯୁଦ୍ଧର ତାଣ୍ଡବ ଦେଖିଥିଲା ପୃଥିବୀ। ଏବେ ଲାଗି ରହିଥିବା ଛୋଟ ଛୋଟ ଯୁଦ୍ଧରୁ ହେବ କି ବିଶ୍ୱଯୁଦ୍ଧ? ପୁଣି ପୃଥିବୀ ଦେଖିବ କି ବିନାଶର ସଂହାରଲୀଳା? ଏହିଭଳି ଆଶା ଆଶଙ୍କାରେ ରହିଛନ୍ତି ବିଶ୍ୱବାସୀ।ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ କରି ଏହାର ରାଷ୍ଟ୍ରପତିଙ୍କୁ ବନ୍ଦୀ କରିନେବା ପରେ ବିଶ୍ୱ ଅସ୍ଥିରତାର ଯେଉଁ ଆଭାସ ମିଳିଥିଲା ତାହା ଏବେ ବାସ୍ତବତା ଆଡକୁ ଗତି କରୁଥିବା ମନେ ହୋଇଛି।ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ପରେ ରୁଷ୍ ଓ ଆମେରିକା ଭଳି ଦୁଇ ମହାଶକ୍ତି ଆଗାମୀ ଦିନରେ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇବାର ଆଶଙ୍କା ରହିଛି। ଯାହା ସମଗ୍ର ବିଶ୍ୱକୁ ବଡ ଅସ୍ଥିରତା ଆଡକୁ ମଧ ଟାଣିନେବ।ଯୁଦ୍ଧ ମୁହାଁ ପୃଥିବୀର ଦୁଇ ମହାମେରୁ ଆମେରିକା ଏବଂ ରୁଷା ଭେନେଜୁଏଲା ତୈଳ ଭଣ୍ଡାରକୁ ନେଇ ଦୁଇ ମହାଶକ୍ତି ମୁହାଁମୁହିଁ।

ଶୁଭିଲାଣି ମହାବିନାଶର ପଦଧ୍ୱନି। ନିଜ ସ୍ୱାର୍ଥ ପାଇଁ ଆମେରିକା ଯେ କେଉଁ ସ୍ତରକୁ ଯାଇପାରେ ତାହାକୁ ନେଇ ସବୁଠି ଚର୍ଚ୍ଚା। ‘ଟାରିଫ ପ୍ରହାର’ ଜରିଆରେ ବିଶ୍ୱ ଅର୍ଥନୀତିକୁ ମାଟି କାମୁଡ଼େଇଥିବା ଆମେରିକା ଏବେ ଅଶାନ୍ତି ଓ ଯୁଦ୍ଧର ମଞ୍ଜି ପୋତୁଛି। ଚୀନ୍, ରୁଷ ଭଳି ମହାଶକ୍ତି କିନ୍ତୁ ମେଳି ବାନ୍ଧିଲେଣି। ଉତ୍ତର କୋରିଆ ରାଷ୍ଟ୍ରପତି ଆମେରିକାକୁ ଖୋଲା ଧମକ ଦେଲେଣି।ନିଜକୁ ମହାଶକ୍ତି ଭାବୁଥିବା ଆମେରିକା ପାଇଁ ପୃଥିବୀ ଦେଖିପାରେ ‘ତୃତୀୟ ବିଶ୍ୱଯୁଦ୍ଧ’।ବର୍ଷ ଆରମ୍ଭରୁ ଆମେରିକା-ଭେନେଜୁଏଲା, ରୁଷିଆ-ୟୁକ୍ରେନ ଏହି ଅନେକ ଦେଶ ପରସ୍ପର ଭିତରେ ଯୁଦ୍ଧ ଆଭିମୁଖ୍ୟ ରଖି ଆଗକୁ ବଢୁଛନ୍ତି।ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଶତ୍ରୁତା।ଭେନେଜୁଏଲା ଉପରେ ଆକ୍ରମଣ ପରେ ଆମେରିକା ବର୍ତ୍ତମାନ ଗ୍ରୀନଲାଣ୍ଡ, କଲମ୍ବିଆ ଭଳି ଦେଶକୁ ବାରମ୍ବାର ଧମକ ଦେଉଛି। ଇରାନ୍ ସହ ମଧ ଏହାର ବିବାଦ ଚରମ ସୀମାରେ ପହଞ୍ଚିଛି। ଆଗକୁ ବଡ଼ ଯୁଦ୍ଧର ସୂତ୍ରପାତ ହେବା ଆଶଙ୍କା କରାଯାଉଛି। ଇରାନ ପ୍ରସଙ୍ଗରେ ଚୀନ୍ ମୁହଁ ଖୋଲିଛି। ଚୀନ୍ କହିଛି ଇରାନର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଆନ୍ତର୍ଜାତିକ ହସ୍ତକ୍ଷେପ ଠିକ୍ ନୁହେଁ। ଇରାନରେ ଲାଗି ରହିଥିବା ବିଦ୍ରୋହକୁ ନିୟନ୍ତ୍ରଣ ପୂର୍ବକ ଶାନ୍ତି ପ୍ରତିଷ୍ଠା ଆମର କାମନା ହେବା ଦରକାର। ଏଥିରେ କୌଣସି ବାହ୍ୟ ରାଷ୍ଟ୍ର ହସ୍ତକ୍ଷେପ କରିବା ଉଚିତ୍ ନୁହେଁ। ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବ।ଅନ୍ୟପଟେ ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବାର ସମ୍ଭାବନା ରହିଛି। ଏହାର କାରଣ ହେଉଛି ସୀମାପାର ଆତଙ୍କବାଦୀ ଆକ୍ରମଣ ବୃଦ୍ଧି।

ତୃତୀୟ ବିଶ୍ୱଯୁଦ୍ଧ ହେଲେ ପରମାଣୁ ବୋମାର ପ୍ରୟୋଗରେ ପୃଥିବୀରେ ମାନବ ଜାତିର ଚିହ୍ନବର୍ଣ୍ଣ ରହିବ ନାହିଁ। ଭୟଙ୍କର ପରିସ୍ଥିତି ଭୋଗିବ ବିଶ୍ୱ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜଳୁଥିବା ଯୁଦ୍ଧର ନିଆଁ ବୃହତ ଶକ୍ତି ମାନଙ୍କ ମଧ୍ୟରେ ବଢୁଥିବା ତିକ୍ତତା ମହାବିନାଶର ସଂକେତ ଦେଉଥିବା ଅନୁମାନ କରାଯାଉଛି। ଇତିହାସ ସାକ୍ଷୀ ଅଛି ଯୁଦ୍ଧ କେବେ ଶାନ୍ତି ଅଣେନାହିଁ ବରଂ ବିନାଶ ଆଡକୁ ଟାଣିନିଏ।ବିଶ୍ୱର ନେତୃତ୍ୱ ନେଉଥିବା ଦେଶଗୁଡିକ ମଧ୍ୟରେ ଥିବା ତିକ୍ତତାକୁ କୂଟନୀତି ଓ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପଡ଼ିବ। ବର୍ତ୍ତମାନ ସମଗ୍ର ବିଶ୍ୱକୁ ଏଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିବ। ନଚେତ ଏ ସବୁଜ ସୁନ୍ଦର ପୃଥିବୀ ଅକାଳେ ଧ୍ୱଂସ ପାଇଯିବ। ସମଗ୍ର ବିଶ୍ୱକୁ ହିଂସାର ମାର୍ଗକୁ ଛାଡି ଶାନ୍ତିର ମାର୍ଗକୁ ଆପଣେଇବାକୁ ପଡ଼ିବ। ମାନବ ଜାତିକୁ ବଞ୍ଚାଇବାପାଇଁ ଶାନ୍ତି ହିଁ ଏକମାତ୍ର ବିକଳ୍ପ।

**ନିମାପଡା, ପୁରୀ, ମୋବାଇଲ୍: ୯୭୭୮୧୭୭୫୦୧**

### କମ୍ପିବ ବଜେଟ ଅଧିବେଶନ

# ମନରେଗା ଓ ଏସ୍‌ଆଇଆର୍ ବିରୋଧୀଙ୍କ ମୁଖ୍ୟ ପ୍ରସଙ୍ଗ



**ନୂଆଦିଲ୍ଲୀ,୨୮।୧ :** ଚଳିତ ଥର ବଜେଟ ଅଧିବେଶନ ବେଳେ କମ୍ପିବ ଗୃହ। ମନରେଗାର ପୁନଃ ପ୍ରଚଳନ ଲାଗି ବିରୋଧୀ ଦଳଗୁଡ଼ିକ ଅଣ୍ଟା ଭିଡିଲେଣି। ଏଥିସହ ଏସ୍‌ଆଇଆର୍ ପ୍ରସଙ୍ଗ ମଧ ଉଠାଯିବ। ବୁଧବାର ବିରୋଧୀ ଦଳ ବୈଠକରେ ଏନେଇ ଆଲୋଚନା କରାଯାଇଛି। ଏନେଇ ଗୃହରେ ଗଣତାନ୍ତ୍ରିକ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି। ବିଭିନ୍ନ ବିରୋଧୀ ଦଳର ନେତାମାନେ ଏନେଇ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ରାହୁଲ ଗାନ୍ଧୀ, ଜୟରାମ ରମେଶ, କେସି ଭେଣୁଗୋପାଲ, ଡିଏମକେ ନେତା ଟିଆର ବାଲୁ, ଶିବସେନା ନେତା ଅରବିନ୍ଦ ସାୱନ୍ତ, ଆରଜେଡିର ପ୍ରେମଚାନ୍ଦ ଗୁପ୍ତା, ଏସ୍‌ପିର ଜାଭେଦ ଅଲ୍ଲୀ ଖାନ, ସିପିଏମର ଜନ ବ୍ରିଟାସ, ସିପିଆଇର ପି ସାନ୍ଦୋଶ, ଆରଏସପିର ଏନକେ ପ୍ରେମଚନ୍ଦ୍ରନ ପ୍ରମୁଖ ସାମିଲ ଥିଲେ। ହେଲେ ଏହି ବୈଠକରେ ଆପ୍ ଓ ଟିଏମସି ନେତାଙ୍କ ଦେଖା ମିଳିନଥିଲା। ଡିବେଟ ଓ ବଜେଟ ଉପସ୍ଥାନ ବେଳେ ସେମାନେ ବିକ୍ଷୋଭ କରିବେ ବୋଲି ଜଣାପଡ଼ିଛି। ଏଭଳି ଘଟଣାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଦେଶ ପାଇଁ ଲଜ୍ଜାର ବିଷୟ ବୋଲି କହିଛନ୍ତି।

### ସତ ମାନିଲେ ଆମେରିକୀୟ ସିନେଟର

# ଭାରତ-ପାକ୍ ସଂଘର୍ଷ ବନ୍ଦ କରିନଥିଲେ ଟ୍ରମ୍ପ



**ୱାଶିଂଟନ,୨୮।୧:** ପ୍ରଭାବଶାଳୀ ଆମେରିକୀୟ ସେନେଟର ଓ ସେନେଟ ଇଣ୍ଟେଲିଜେନ୍ସ କମିଟିର ଅଧକ୍ଷ ମାର୍କ ୱାର୍ଣ୍ଣର, ୨୦୨୫ ମେ' ମାସରେ 'ଅପରେସନ ସିନ୍ଦୂର' ସମୟରେ ଭାରତ ଓ ପାକିସ୍ତାନ ସଂଘର୍ଷକୁ ରୋକିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିର ପର୍ଦ୍ଦାଫାସ କରିଛନ୍ତି। ୱାର୍ଣ୍ଣର କହିଛନ୍ତି, ଭାରତ ଓ ପାକିସ୍ତାନ ମଧରେ ଉତ୍ତେଜନାକୁ ହ୍ରାସ କରିବାରେ ଆମେରିକାର ଭୂମିକା ଅତିରଞ୍ଜିତ ହୋଇଥିଲା। ସତ କଥା ହେଉଛି ଯେ, ଦୁଇ ଦେଶ ନିଜ ନିଜ ସମସ୍ୟାର ସମାଧାନ କରିଥିଲେ।

ମାର୍କ ୱାର୍ଣ୍ଣର ଚେତାବନୀ ଦେଇଛନ୍ତି, ଏହି ସମ୍ବେଦନଶୀଳ ସମୟରେ ଏପରି ମନ୍ତବ୍ୟ କୂଟନୈତିକ ବାତାବରଣକୁ ବିପର୍ଯ୍ୟସ୍ତ କରିବା ସହିତ ଆଞ୍ଚଳିକ ଉତ୍ତେଜନାକୁ ଆହୁରି ବଢ଼ାଇବାର ଯଥେଷ୍ଟ ଆଶଙ୍କା ଥିଲା। ଟ୍ରମ୍ପ ଦୁଇଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାର ସମାଧାନ କରିନଥିଲେ। ଭାରତ ସରକାର, ଗୁପ୍ତଚର ତଥ୍ୟ ତଥା ଆମେରିକୀୟ ଗୁପ୍ତଚର କମିଟିର ସଦସ୍ୟମାନଙ୍କଠାରୁ ମୁଁ ଯାହା ଶୁଣିଛି ଓ ପଢ଼ିଛି, ତାହା ସ୍ପଷ୍ଟ ଯେ, ଏହି ସମସ୍ୟା ଭାରତ ଓ ପାକିସ୍ତାନ ମଧ୍ୟରେ ସମାଧାନ ହୋଇଥିଲା। ମାର୍କ ୱାର୍ଣ୍ଣର ଟ୍ରମ୍ପଙ୍କ ସିଧାସଳଖ ହସ୍ତକ୍ଷେପ ଦାବିକୁ ସେ ଖଣ୍ଡନ କରିଛନ୍ତି। ଟ୍ରମ୍ପ ପ୍ରାୟତଃ ଫଳାଫଳକୁ ଅତିରଞ୍ଜିତ କରିଥାନ୍ତି। ଏପରି ଭାଷାରେ କିଛି କହିବାର କୂଟନୈତିକ ପରିଣାମ ମଧ୍ୟ ଅଛି। ଏହା ଦ୍ୱାରା ୱାଶିଂଟନ ଓ ନୂଆଦିଲ୍ଲୀ ମଧ୍ୟରେ ସମ୍ପର୍କରେ ବାଧା ସୃଷ୍ଟି ହେଉଛି। ୱାର୍ନର ଚେତାବନୀ ଦେଇଛନ୍ତି, ଆମେରିକାର ଭୂମିକାକୁ ଅତିରଞ୍ଜିତ କରିବା ଦ୍ୱାରା ଆଞ୍ଚଳିକ ସନ୍ତୁଳନ ଅଧିକ ଜଟିଳ ହୋଇପାରେ। ଏହା ଭାରତ-ଆମେରିକା ସମ୍ପର୍କକୁ ପ୍ରଭାବିତ କରିବାର ଆଶଙ୍କା ମଧ୍ୟ ରହିଛି।

### ସଂସଦର ଉଭୟ ସଦନକୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ସରକାରଙ୍କ ସଫଳତାର ରିପୋର୍ଟ ଦେଲେ ଦ୍ରୌପଦୀ

- ସରକାର ଦୁଃସାଧ୍ୟ ରୋଗ ବିରୋଧରେ ଲଢ଼ିଛନ୍ତି
- 'ଆୟୁଷ୍ମାନ ଭାରତ' ଯୋଜନାକୁ ପ୍ରଶଂସା
- ଇୟୁ ସହ ଏଫ୍‌ଟିଏ ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ଦେବ
- କୋଟିକୋଟି ନାଗରିକଙ୍କୁ ବୀମା କଭରେଜ ମିଳିଛି
- ପ୍ରଯୁକ୍ତିବିଦ୍ୟା ଓ ଏଆଇ ନିରନ୍ତର ଭାବେ ବିକଶିତ ହେଉଛି



**ନୂଆଦିଲ୍ଲୀ, ୨୮।୧:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଜେଟ ଅଧିବେଶନର ପ୍ରଥମ ଦିନ ବୁଧବାର ସଂସଦର ଉଭୟ ସଦନକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ, ମୋ ସରକାର ବଡ଼ ଓ ଦୁଃସାଧ ରୋଗ ବିରୋଧରେ ନିର୍ଣ୍ଣାୟକ ଲଢେଇ ଲଢିଛନ୍ତି। ଏଥିରେ ଜାପାନୀ ଏନସେଫେଲାଇଟିସ୍ ଭଳି ରୋଗ ଉପରେ ପ୍ରଭାବୀ ନିୟନ୍ତ୍ରଣ ପାଇପାରିଛନ୍ତି। ସେହିପରି ସିକିଲସେଲ ଏନିମିୟା ଉନ୍ମୁଳନ ମିସନରେ ସାଢେ ୬ କୋଟିରୁ ଅଧିକ ନାଗରିକଙ୍କୁ ସ୍କ୍ରିନିଂ କରାଯାଇଛି। ଏହାଦ୍ୱାରା ଦେଶର ଜନଜାତୀୟ ଅଞ୍ଚଳରେ ରୋଗକୁ ରୋକିବାରେ ସହାୟତା ମିଳିଛି।

ରାଷ୍ଟ୍ରପତି ପାଖାପାଖି ଏକ ଘଣ୍ଟାର ଭାଷଣରେ କହିଛନ୍ତି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭାରତକୁ ଆଖି ସଂକ୍ରମଣ ଟ୍ରେକୋମା ମୁକ୍ତ ଘୋଷଣା କରିଛନ୍ତି। ଏହା ବାସ୍ତବିକ ଆମ ଲାଗି ଏକ ଗର୍ବର ବିଷୟ। ଭାରତ ସରକାର ଦ୍ୱାରା ଗରିବ ଲୋକଙ୍କ ଚିକିତ୍ସା ନିମନ୍ତେ ଆରମ୍ଭ କରିଥିବା 'ଆୟୁଷ୍ମାନ ଭାରତ' ଯୋଜନାରେ ଗତବର୍ଷ ପର୍ଯ୍ୟନ୍ତ ଦେଶର ବିଭିନ୍ନ ହସ୍ପିଟାଲରେ ୧୧ କୋଟିରୁ ଅଧିକ ଲୋକ ମାଗଣା ଚିକିତ୍ସା ସେବା ପାଇ ପାରିଛନ୍ତି ଓ ଏହା ପୂର୍ବବର୍ଷ ଅଢେଇକୋଟି ଲୋକେ ମାଗଣା ଚିକିତ୍ସିତ ହୋଇଥିଲେ। ସେହିପରି ଗତ ଦେଢବର୍ଷ ହେଲା ୧ କୋଟି ବୟସ୍କ ନାଗରିକଙ୍କ ନିମନ୍ତେ ବୟ ବନ୍ଦନା କାର୍ଡ ଜାରି କରାଯାଇଛି। ଏହା ସହାୟତାରେ ୮ ଲକ୍ଷରୁ ଅଧିକ ବୟସ୍କ ଲୋକେ ହସ୍ପିଟାଲରେ ଭର୍ତ୍ତି ହେବା ସହ ନିଜର ନିଶୁଳ୍କ ଚିକିତ୍ସା କରାଇଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ୟୁରୋପୀୟ ସଂଘ ସହିତ ଏଫ୍‌ଟିଏ ସେବା ଓ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ ତଥା ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସରକାର ଦୁର୍ନୀତି ଓ ସ୍କାମ୍ ମୁକାବିଲା କରିବାରେ ସଫଳ ହୋଇଛନ୍ତି। ସାର୍ବଜନୀନ ପାଣ୍ଠିର ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରାଯାଇଛି। ସରକାର ଦଳିତ, ଅବହେଳିତ, ପଛୁଆ ବର୍ଗ ଓ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ରହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଭାରତ ସରକାର ଷ୍ଟାର୍ଟ-ଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି, ସେସବୁ ସଫଳତାର ସହିତ କାର୍ଯ୍ୟ କରୁଛି। ଏକ ଦଶନ୍ଧି ପୂର୍ବରୁ ଦେଶରେ ମାତ୍ର ୫୦୦ ଷ୍ଟାର୍ଟ-ଅପ୍ ଥିଲା। କିନ୍ତୁ ଏବେ ଏହି ସଂଖ୍ୟା ହଜାର ହଜାର ସଂଖ୍ୟାରେ ପହଞ୍ଚିଛି। ପ୍ରଯୁକ୍ତିବିଦ୍ୟା ଓ ଏଆଇ ନିରନ୍ତର ଭାବେ ବିକଶିତ ହେଉଛି। ସରକାର ଓ ଯୁବପିଢ଼ିଙ୍କ ମିଳିତ ପ୍ରୟାସ ଯୋଗୁ ଦେଶରେ କ୍ରୀଡ଼ାର ବିକାଶ ଧାରା ଜାରି ରହିଛି। ସରକାର ଖେଲୋ ଇଣ୍ଡିଆ ଭଳି ପଦକ୍ଷେପ ଆରମ୍ଭ କରିଛନ୍ତି ତଥା କ୍ରୀଡ଼ା ବିଭାଗଗୁଡ଼ିକରେ ସ୍ୱଚ୍ଛତା ଆଣିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ, ମୋ ସରକାର ପ୍ରତ୍ୟେକ ନାଗରିକଙ୍କୁ ବୀମା ସୁରକ୍ଷା ପ୍ରଦାନ ନିମନ୍ତେ ମଧ୍ୟ ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ପିଏମ ସୁରକ୍ଷା ବୀମା ଯୋଜନାର ଏଥିରେ ବଡ଼ ଭୂମିକା ରହିଛି। ଏହି ସବୁ ଯୋଜନାରେ ଦେଶର କୋଟିକୋଟି ନାଗରିକଙ୍କୁ ବୀମା କଭରେଜ ମିଳିଛି। ଏହି ବୀମା ବାବଦରେ ୨୪ ହଜାର କୋଟିରୁ ବି ଅଧିକ କ୍ଲେମ ହୋଇଛି। ଏହି ଯୋଜନା ସଂକଟ କାଳରେ ଗରୀବଙ୍କ ନିମନ୍ତେ ସମ୍ବଳ ହୋଇଛି।

# ଉତ୍ତର କୋରିଆର ପୁନଃ ମିସାଇଲ୍ ପରୀକ୍ଷଣ

- ଜାପାନ ଓ ଦକ୍ଷିଣ କୋରିଆର ଚିନ୍ତା ପ୍ରକଟ



**ପ୍ୟୋଙ୍ଗୱାଙ୍ଗ, ୨୮।୧:** ପୁଣି ଚିନ୍ତା ବଢ଼ାଇଲା ଉତ୍ତର କୋରିଆ। ସମୁଦ୍ରରେ ମିସାଇଲ୍ ପରୀକ୍ଷଣ କରି ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି। ଉତ୍ତର କୋରିଆ ସମୁଦ୍ର ଆଡ଼କୁ ଏକ ସନ୍ଦିଗ୍ଧ ବାଲିଷ୍ଟିକ୍ ମିସାଇଲ୍ ନିକ୍ଷେପ କରିଛି। ଯାହାକୁ ନେଇ ପଡ଼ୋଶୀ ଦେଶ ଜାପାନ ଏବଂ ଦକ୍ଷିଣ କୋରିଆ ଚିନ୍ତା ପ୍ରକାଶ କରିଛନ୍ତି। ଜାପାନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଉତ୍ତର କୋରିଆରୁ ସମ୍ଭାବ୍ୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି। ସେପଟେ ଦକ୍ଷିଣ କୋରିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ବି ସମାନ କଥା କହିଛି। ଏହା ଏପରି ସମୟରେ ଆସିଛି ଯେତେବେଳେ ଉତ୍ତର ଏବଂ ଦକ୍ଷିଣ କୋରିଆ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି। ଉତ୍ତର କୋରିଆ ଦକ୍ଷିଣ କୋରିଆକୁ ତାଙ୍କ ଅଞ୍ଚଳ ଭିତରେ ନିରୀକ୍ଷଣ ଡ୍ରୋନ୍ ଉଡ଼ାଇବାର ଅଭିଯୋଗ କରିଛି। ଉତ୍ତର କୋରିଆ ଅନୁଯାୟୀ, ଗୋଟିଏ ଡ୍ରୋନ୍ ଜାନୁଆରୀରେ ଏବଂ ଅନ୍ୟଟି ସେପ୍ଟେମ୍ବରରେ ତାଙ୍କ ଅଞ୍ଚଳରେ ପ୍ରବେଶ କରିଥିଲା। ଏହାର ଜବାବରେ, ଉତ୍ତର କୋରିଆ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲା। ଅନ୍ୟପଟେ, ଦକ୍ଷିଣ କୋରିଆ ସରକାର ଏହି ଅଭିଯୋଗଗୁଡ଼ିକୁ ପ୍ରତ୍ୟାଖାନ କରିଛନ୍ତି ଏବଂ କହିଛନ୍ତି, ସେହି ତାରିଖରେ କୌଣସି ସରକାରୀ ଡ୍ରୋନ୍ ଉଡ଼ାଯାଇ ନଥିଲା।

### ଆମେରିକାକୁ ବଡ଼ ଝଟକା

# ଲଞ୍ଚପ୍ୟାଡ୍ ଲାଗି ମନାକଲେ ସାଉଦି ଆରବ-ୟୁଏଇ



**ୱାଶିଂଟନ,୨୮।୧:** ଇରାନ ଓ ଆମେରିକା ମଧରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଦୁଇଦେଶ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଥିବା କୁହାଯାଉଛି। ଉଭୟ ଦେଶ ମଧରେ ସାମରିକ, ରାଜନୈତିକ ଓ ରଣନୈତିକ ମୁକାବିଲା ଜାରି ରହିଛି। ଇରାନ ବିରୋଧରେ ପରମାଣୁ କାର୍ଯ୍ୟକ୍ରମ ଉଲ୍ଲଂଘନ, ଆଞ୍ଚଳିକ ମିଲିସିଆକୁ ସମର୍ଥନ ତଥା ମାନବାଧିକାର ଉଲ୍ଲଂଘନ କରିବା ଭଳି ଅଭିଯୋଗ ଆମେରିକା ଆଣିଛି। ତେବେ ଆମେରିକା ମଧପ୍ରାଚ୍ୟରେ ହସ୍ତକ୍ଷେପ ଓ କଟକଣା ମାଧ୍ୟମରେ ଇରାନର ଅର୍ଥନୀତିକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ କରାଯାଉଛି। ଗତ କିଛି ମାସ ମଧରେ, ଆମେରିକା ଉପସାଗରୀୟ ଅଞ୍ଚଳରେ ବିମାନ ବାହକ, ଯୁଦ୍ଧଜାହାଜ ଓ ଲଢୁଆ ବିମାନ ମୁତୟନ କରିଛି। ଜବାବରେ, ଇରାନ ଚେତାବନୀ ଦେଇଛି ଯେ, ଆମେ ଯେକୌଣସି ଆକ୍ରମଣକୁ ଏକ ପୂର୍ଣ୍ଣ-ସ୍ତରର ଯୁଦ୍ଧ ଭାବରେ ଗ୍ରହଣ କରିବୁ। ଦୁଇ ଦେଶ ମଧ୍ୟରେ ବୟାନବାଜି, ସାମରିକ ପ୍ରସ୍ତୁତି, କଟକଣା, ସାଇବର ଓ ଗୁପ୍ତଚର କାର୍ଯ୍ୟ ପ୍ରଭୃତି ସ୍ଥିତିକୁ ଅଧିକ ଜଟିଳ କରୁଛି।

ଆମେରିକାର ଏହି ପଦକ୍ଷେପ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଇରାନ କହିଛି। ଇରାନ ୟୁଏଇ ସହିତ ଆଲୋଚନା କରିଥିଲା। ଯାହା ପରେ ୟୁଏଇ ସ୍ପଷ୍ଟ ଭାବରେ କହିଥିଲା ଯେ, ଆମର ଆକାଶ ସୀମା, ସ୍ଥଳ କିମ୍ବା ଜଳକୁ କୌଣସି ଆକ୍ରମଣାତ୍ମକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ସାଉଦି ଆରବ ସହିତ ମଧ୍ୟ ଇରାନ ସମାନ ଆଲୋଚନା କରିଛି। ଆମେରିକାକୁ ଏକ ଝଟକା ଦେଇ ସାଉଦି ଆରବ କହିଛି ଯେ, ଆମେ ତେହେରାନ ବିରୋଧରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମର ଆକାଶ ସୀମା କିମ୍ବା ଭୂମି ବ୍ୟବହାର କରିବାକୁ ଦେବୁ ନାହିଁ। ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଇରାନ ରାଷ୍ଟ୍ରପତି ମାସୁଦ ପେଶକିୟାନଙ୍କ ସହିତ ଆଲୋଚନା ପରେ ଏହି ବିବୃତି ଦେଇଛନ୍ତି। ଉଭୟ ଦେଶ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ସେମାନଙ୍କ ଦେଶକୁ କୌଣସି ସାମରିକ ଆକ୍ରମଣ ପାଇଁ ଲଞ୍ଚପ୍ୟାଡ୍ ହେବାକୁ ଦେବେ ନାହିଁ।

### ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ

# ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରାଜି




**ନୂଆଦିଲ୍ଲୀ,୨୮।୧:** ୟୁଜିସିର ଜାତିଭିତ୍ତିକ ଭେଦଭାବ ରୋକିବା ସଂକ୍ରାନ୍ତ ନୂଆ ନିୟମକୁ ଦେଶ ସାରା ସବର୍ଣ୍ଣ ବର୍ଗ ପକ୍ଷରୁ ବିରୋଧ ଚାଲିଛି। ତେବେ ୟୁଜିସିର ନୂଆ ନିୟମକୁ ଚାଲେଞ୍ଜ କରି ହୋଇଥିବା ଜନସ୍ୱାର୍ଥ ମାମଲାକୁ ତୁରନ୍ତ ତାଲିକାଭୁକ୍ତ କରିବା ପାଇଁ ବୁଧବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମ୍ମୁଖରେ ଏହି ଆବେଦନ ରଖାଯାଇଥିବା ବେଳେ ନୂଆ ନିୟମ ସାଧାରଣବର୍ଗର ଛାତ୍ରଛାତ୍ରୀଙ୍କ ବିରୋଧରେ ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ କ'ଣ ଘଟୁଛି, ସେ ବିଷୟରେ ଅବଗତ ଥିବା ଖଣ୍ଡପୀଠ କହିବା ସହିତ ଜନସ୍ୱାର୍ଥ ମାମଲାରେ ରହିଥିବା ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଛନ୍ତି।

# ବ୍ରହ୍ମପୁତ୍ରରେ ଡଙ୍ଗା ବୁଡ଼ି ୬ ନିଖୋଜ



**ଦିସପୁର,୨୮।୧ :** ଆସାମ ବାରପେଟା ଜିଲ୍ଲାରେ ବ୍ରହ୍ମପୁତ୍ର ନଦୀରେ ଏକ ଡଙ୍ଗା ବୁଡ଼ି ଛଅ ଜଣ ନିଖୋଜ ହୋଇଥିବା ଖବର ମିଳିଛି। ୨୨ ଜଣ ଏକ ଡଙ୍ଗାରେ ବ୍ରହ୍ମପୁତ୍ର ନଦୀରେ ଯାଉଥିବା ବେଳେ ବୁଡ଼ିଯାଇଥିଲା। ଏନଡିଆରଏଫ ଓ ଏସଡିଆରଏଫଙ୍କ ସହ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦ୍ୱାରା ଅନେକଙ୍କ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୬ ଜଣ ନିଖୋଜ ରହିଛନ୍ତି। ଆସାମ ବାରପେଟା ଜିଲ୍ଲାର ବରିଷ୍ଠ ପୁଲିସ ଅଧୀକ୍ଷକ ସୁଶାନ୍ତ ବିଶ୍ୱ ଶର୍ମା ଗଣମାଧ୍ୟମକୁ କହିଛନ୍ତି ଯେ, ଏନଡିଆରଏଫ, ଏସଡିଆରଏଫ ଦଳ ଏବଂ ପୁଲିସ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅନ୍ୟପକ୍ଷରେ, ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ଯେ, ଡଙ୍ଗାରେ ଲାଇଫ ଜ୍ୟାକେଟ୍ ନଥିଲା। ନଦୀର ପ୍ରବଳ ସ୍ରୋତ ଯୋଗୁଁ ଭଉଁରୀରେ ପଡିଯାଇଥିଲା। ଫଳରେ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏନଡିଆରଏଫ ଓ ଏସଡିଆରଏଫଙ୍କ ସହ ସ୍ଥାନୀୟ ମତ୍ସ୍ୟଜୀବୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି।

- ଟଳିଗଲା ଆଉ ଏକ ବିମାନ ଦୁର୍ଘଟଣା

# ଅଳ୍ପକେ ବର୍ତ୍ତିଲେ ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ




**ଜୟପୁର,୨୮।୧ :** ଆଜି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ବିମାନ ଦୁର୍ଘଟଣା ପରେ ପୂର୍ବତନ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ଏବଂ ରାଜସ୍ଥାନ କଂଗ୍ରେସ ପ୍ରଭାରୀ ସୁଖଜିନ୍ଦର ସିଂ ରନ୍ଧାୱାଙ୍କୁ ନେଇ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଜୟପୁରରେ ଲ୍ୟାଣ୍ଡିଂ କରିପାରିନଥିଲା। ଏୟାର ଇଣ୍ଡିଆର ବିମାନଟି ଦିଲ୍ଲୀରୁ ଜୟପୁର ଯାତ୍ରା କରୁଥିଲା। ସୂଚନାନୁଯାୟୀ, ଏୟାର ଇଣ୍ଡିଆର ପ୍ଲେନ୍ ପ୍ରାୟ ୧ ଟା ୫ ମିନିଟରେ ଜୟପୁର ଏୟାରପୋର୍ଟରେ ଲ୍ୟାଣ୍ଡିଂ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ଅବତରଣ ବିଫଳ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଏହାର କାରଣ ବୋଲି କୁହାଯାଉଛି। ପ୍ରଥମ ଚେଷ୍ଟାରେ ଅସ୍ଥିରତା ଦେଖା ଦେବାରୁ ବିମାନ ଅବତରଣ କରିପାରିନଥିଲା। ପାଇଲଟ୍ ରନୱେରେ ପହଞ୍ଚିବା ମାତ୍ରେ ପ୍ଲେନ୍ ଘୁରିବା ଆରମ୍ଭ କରିଥିଲା। ୧୦ ମିନିଟ୍ ଆକାଶରେ ଘୁରିବା ପରେ ଦ୍ୱିତୀୟ ଚେଷ୍ଟାରେ ସୁରକ୍ଷିତ ଭାବେ ଲ୍ୟାଣ୍ଡିଂ କରିଥିଲା। ବର୍ତ୍ତମାନ ସୁଖଜିନ୍ଦର ସିଂ ରନ୍ଧାୱା ସୁରକ୍ଷିତ ଥିବା ଜଣାପଡିଛି। ଏଥିସହ ଯଦି ପାଇଲଟ୍ ଲ୍ୟାଣ୍ଡିଂକୁ ଅସୁରକ୍ଷିତ ବୋଲି ମନେ କରନ୍ତି ତେବେ ସେ ଗୋ ଆରାଉଣ୍ଡ ନିଷ୍ପତ୍ତି ନେଇପାରିବେ ବୋଲି ଏୟାରପୋର୍ଟ ସୂତ୍ରରୁ ସୂଚନା ମିଳିଛି।

# ବେଲି ଲ୍ୟାଣ୍ଡିଂ କଲା ନାସାର ଗବେଷଣା ବିମାନ

### ଲାଗିଗଲା ନିଆଁ, ସମସ୍ତେ ସୁରକ୍ଷିତ



**ହ୍ୟୁଷ୍ଟନ,୨୮।୧:** ଆମେରିକାର ହ୍ୟୁଷ୍ଟନର ଏଲିଂଟନ୍ ବିମାନବନ୍ଦରରେ ନାସାର ଏକ ଗବେଷଣା ବିମାନର ଲ୍ୟାଣ୍ଡିଂ ଗିଅର ବିନା ଜରୁରୀକାଳୀନ ବେଲି ଲ୍ୟାଣ୍ଡିଂ କରିଥିଲା। ଅବତରଣ ସମୟରେ, ବିମାନଟି ରନୱେ ଉପରେ ଖସିପଡ଼ିଥିଲା। ରନୱେରେ ଘର୍ଷଣ ଯୋଗୁ ବିମାନର ପଛ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା। ତେବେ ଏହି ଘଟଣାରେ କୌଣସି କୁ ସଦସ୍ୟ ଆହତ ହୋଇ ନାହାନ୍ତି। ରିପୋର୍ଟ ଅନୁଯାୟୀ, ବିମାନଟି ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେବା ପରେ ପାଇଲଟଙ୍କୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା। ସୋସିଆଲ ମିଡିଆରେ ପ୍ରସାରିତ ଏକ ଭିଡିଓରେ ଦେଖାଯାଉଛି ଯେ, ବିମାନର ଚକ ବାହାରି ନଥିଲା। ବିମାନଟି ସିଧାସଳଖ ରନୱେରେ ତଳ ଅଂଶ ବା ବେଲିରେ ଅବତରଣ କରିଥିଲା। ଅବତରଣ କରିବା ପରେ, ବିମାନଟି ବହୁତ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯିବା ପରେ ଶେଷରେ ଅଟକି ଯାଇଥିଲା। ବିମାନବନ୍ଦରରେ ଥିବା ଜରୁରୀକାଳୀନ ଦଳ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଓ ନିଆଁକୁ ଆୟତ୍ତ କରିଥିଲେ। ହ୍ୟୁଷ୍ଟନ ବିମାନବନ୍ଦର ପ୍ରଶାସନ ଅନୁଯାୟୀ, ଘଟଣାଟି ସ୍ଥାନୀୟ ସମୟ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଘଟିଥିଲା। ବିମାନଟି ରନୱେ ୧୭ଆର୍-୩୫ଏଲ୍‌ରେ ଅବତରଣ କରୁଥିଲା।

### ସୁପ୍ରିମକୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ କରାଯାଉ

# ବିମାନ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର: ମମତା



**କୋଲକାତା,୨୮।୧:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାରଙ୍କ ବୁଧବାର ସକାଳେ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଦେହାନ୍ତ ହୋଇଛି। ପାୱାରଙ୍କ ସମେତ ବିମାନର ପାଇଲଟ ତଥା ତାଙ୍କ ସୁରକ୍ଷାକର୍ମୀଙ୍କ ସହିତ ମୋଟ ୫ ଜଣଙ୍କର ମୃତ୍ୟୁ ହୋଇଛି। ପାୱାର ସକାଳ ୮ଟାରେ ମୁମ୍ବାଇରୁ ବାରାମତି ଯାଉଥିବାବେଳେ ଅବତରଣ ସମୟରେ ତାଙ୍କ ଚାଟାର୍ଡ଼ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଜିତ ପାୱାରଙ୍କର ଦେହାନ୍ତ ଖବର ଆସିବା ପରେ ବିଭିନ୍ନ ମହଲରୁ ଶୋକ ବାର୍ତ୍ତା ଆସିବାରେ ଲାଗିଛି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି , ଅଜିତ ପାୱାରଙ୍କ ଆକସ୍ମିକ ବିୟୋଗରେ ମୁଁ ଗଭୀର ଭାବରେ ମର୍ମାହତ ଏବଂ ସ୍ତବ୍ଧ ବୋଲି ପ୍ରକାଶ କରିଛନ୍ତି। ପାୱାର ପରିବାର ପ୍ରତି ମମତା ଗଭୀର ସମବେଦନା ଜଣାଇବା ସହିତ ବିମାନ ଦୁର୍ଘଟଣାର ତଦନ୍ତ ଦାବି କରିଛନ୍ତି। ମମତା କହିଛନ୍ତି, ଅଜିତ ପାୱାର ମହାଯୁତି ମେଣ୍ଟ ଛାଡ଼ିବାକୁ ଚାହୁଥିଲେ। ତେଣୁ ତାଙ୍କ ବିମାନ ଦୁର୍ଘଟଣା ନେଇ ଷଡ଼ଯନ୍ତ୍ରର ସମ୍ଭାବନା ରହିଥିବା ଅଭିଯୋଗ କରି ସୁପ୍ରିମକୋର୍ଟଙ୍କ ନିରୀକ୍ଷଣରେ ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

### ହାତ ଘଣ୍ଟା ଦେଖି ଚିହ୍ନଟ ହେଲା ମୃତଦେହ

**ବାରାମତି:** ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ହୋଇଛି। ସେ ମୁମ୍ବାଇରୁ ବାରାମତି ଯାତ୍ରା କରୁଥିବା ବେଳେ ତାଙ୍କ ଚାର୍ଟାଡ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେ ବାରାମତିରେ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ଏକ ନିର୍ବାଚନୀ ରାଲିରେ ଯୋଗଦେବାକୁ ଯାଉଥିଲେ। ହେଲେ ଅବତରଣ ପୂର୍ବରୁ ତାଙ୍କ ବିମାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

ଦୁର୍ଘଟଣା ପରେ ସମସ୍ତ ୫ଜଣଙ୍କର ମୃତ୍ୟୁ ହୋଇଛି। ବିମାନଟି ପୂରା ଜଳିଯିବା ସହ ଭିତରେ ଥିବା ଯାତ୍ରୀ ମଧ୍ୟ ଜଳିଯାଇଥିଲେ। ଏହା ଦ୍ୱାରା ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ମୁହଁ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ଅଜିତ୍ ହାତରେ ପିନ୍ଧିଥିବା ଘଣ୍ଟା ଦେଖି ତାଙ୍କୁ ପରିବାର ଲୋକେ ଚିହ୍ନିଥିଲେ। ବିଡ଼ମ୍ବନାର ବିଷୟ ହେଉଛି, ଏନସିପିର ସରକାରୀ ନିର୍ବାଚନ ପ୍ରତୀକ ହେଉଛି ଘଣ୍ଟା।

### ବିମାନ ଉଡ଼ାଉଥିଲେ ସମ୍ଭବୀ

**ବାରାମତି:** ଏକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ହୋଇଛି। ଏହି ବିମାନର ପାଇଲଟ ଥିଲେ ଶମ୍ଭବୀ ପାଠକ। ସେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ଏରୋନଟିକ୍ସ ଓ ବିମାନ ବିଜ୍ଞାନରେ ବିଏସ୍‌ସି. ଡିଗ୍ରୀ ହାସଲ କରିଥିଲେ। ପାଇଲଟ୍ ହେବା ପାଇଁ ୨୦୧୮-୧୯ ମସିହାରେ ନ୍ୟୁଜିଲାଣ୍ଡ ଇଣ୍ଟରନ୍ୟାସନାଲ୍ କମର୍ସିଆଲ୍ ପାଇଲଟ୍ ଏକାଡେମୀରୁ ବାଣିଜ୍ୟିକ ପାଇଲଟ୍ ତାଲିମ ନେଇଥିଲେ ସେ। ନ୍ୟୁଜିଲ୍ୟାଣ୍ଡ ସିଭିଲ୍ ଏଭିଏସନ୍ ଅଥରିଟିରୁ ସେ ତାଙ୍କର ବାଣିଜ୍ୟିକ ପାଇଲଟ୍ ଲାଇସେନ୍ସ ପାଇଥିଲେ।

ରିପୋର୍ଟ ଅନୁସାରେ, ବିମାନ ଉଡ଼ାଉଥିଲେ ଅଭିଜ୍ଞ କ୍ୟାପଟେନ ସୁମିତ ଓ ଫାଷ୍ଟ ଅଫିସର ଶମ୍ଭବୀ ପାଠକ। ଦୁର୍ଘଟଣା ପରେ ଉଭୟ ପାଇଲଟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପ୍ରାୟ ୯,୭୫୨ କିଲୋଗ୍ରାମ ଓଜନର ଏହି ବିମାନ ଉଡ଼ାଉଥିବା ଫାଷ୍ଟ ଅଫିସର ଶମ୍ଭବୀ ପାଠକ ୨୦୨୨ ମସିହାରୁ ଭିଏସ୍‌ଆର୍ ଭେଞ୍ଚର୍ସରେ କାର୍ଯ୍ୟ କରୁଥିଲେ। ସେ ଜଣେ ଅତ୍ୟନ୍ତ ପ୍ରତିଭାଶାଳୀ ଓ ଦୃଢ଼ ଇଚ୍ଛାଶକ୍ତି ବିଶିଷ୍ଟ ପାଇଲଟ୍ ଭାବରେ ଜଣାଶୁଣା ଥିଲେ।

### ଇୟୁ ସହ ଚୁକ୍ତିକୁ ନେଇ ବର୍ଷିଲା କଂଗ୍ରେସ

# କୋହଳ ନୀତି ଟ୍ରେଡ୍ ଡେଫିସିଟ୍‌କୁ ପ୍ରଭାବିତ କରିବ



**ନୂଆଦିଲ୍ଲୀ ୨୮।୧:** ଭାରତ ଓ ୨୭ ଦେଶଙ୍କ ୟୁରୋପୀୟ ସଂଘ (ଇୟୁ) ମଧରେ ହୋଇଥିବା ଫ୍ରି ଟ୍ରେଡ ଏଗ୍ରିମେଣ୍ଟ (ଏଫଟିଏ) କୁ ନେଇ କଂଗ୍ରେସ ମୋଦି ସରକାରଙ୍କୁ ଟାର୍ଗେଟ୍ କରିଛି। କଂଗ୍ରେସ ଏହି ରାଜିନାମା ଉପରେ ପ୍ରଶ୍ନ ଉଠାଇଛି। କହିଛି ଯେ, ଟାରିଫରେ କରାଯାଇଥିବା ହ୍ରାସ ଯୋଗୁ ଭାରତର ଟ୍ରେଡ ଡେଫିସିଟ୍ ଉପରେ ପଡିବାକୁ ଥିବା ପ୍ରଭାବ ଉପରେ କଡ଼ା ନଜର ରଖିବାକୁ ପଡିବ।

ପାର୍ଟି ସାଧାରଣ ସମ୍ପାଦକ ଜୟରାମ ରମେଶ ବୁଧବାର କହିଛନ୍ତି ଯେ, କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜିମ (ସିବିଏଏମ) ରେ ଭାରତର ଆଲୁମିନିୟମ ଓ ଷ୍ଟିଲ ନିର୍ମାତାଙ୍କୁ ରିହାତି ଦେବାରେ ମୋଦି ସରକାର ବିଫଳ ହୋଇଛନ୍ତି, ଯାହା କଂଗ୍ରେସ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ। ଏ ନେଇ ଜୟରାମ ରମେଶ ଏକ୍ସ ରେ ଏକ ପୋଷ୍ଟ କରିଛନ୍ତି ଓ କହିଛନ୍ତି ଯେ, ବହୁ ପ୍ରଚାରିତ ଏଫଟିଏରେ ଭାରତ ସରକାର ଇୟୁ ପ୍ରତି ଅବଲମ୍ବନ କରୁଥିବା କୋହଳ ନୀତି ସବୁଠୁ ବଡ଼ ବ୍ୟାପାରିକ ଢିଲା। ଏହାଦ୍ୱାରା ଇୟୁରୁ ଭାରତର ଆମଦାନୀ ଦୁଇଗୁଣ ହେବ ବୋଲି ଅନୁମାନ କରାଯାଉଛି। ଏହାର ପରିଣାମ ସ୍ୱରୂପ ଭାରତର ଟ୍ରେଡ ଡେଫିସିଟ ଉପରେ ପଡିବାକୁ ଥିବା ପ୍ରଭାବ ଉପରେ ନଜର ରଖିବାକୁ ପଡିବ।

ଭାରତରୁ ଇୟୁକୁ ଆଲୁମିନିୟମ ଓ ଷ୍ଟିଲ ରପ୍ତାନୀ ୭ ବିଲିୟନ ଡଲାରରୁ ହ୍ରାସ ହୋଇ ଏବେ ୫ ବିଲିୟନ ଡଲାରକୁ ପହଞ୍ଚିଛି। ଏଥିରେ ସିବିଏଏମ କାରଣରୁ ଚଳିତ ବର୍ଷ ଏହା ଆହୁରି ହ୍ରାସ ହେବ ବୋଲି ରମେଶ କହିଛନ୍ତି। ସେ କହିଛନ୍ତି ଯେ, ସମୟ ସହିତ ସିବିଏଏମର ପରିସର ଭାରତର ଅନ୍ୟ ଔଦ୍ୟୋଗିକ ରପ୍ତାନୀ ଉପରେ ମଧ୍ୟ ପଡିବ, ଏଥିରେ ଏଫଟିଏରୁ ଭାରତକୁ ମିଳିବାକୁ ଥିବା ଲାଭକୁ ସମାପ୍ତ କରାଯାଇପାରେ। ରମେଶ ଏହା ମଧ୍ୟ କହିଛନ୍ତି ଯେ, ଇୟୁର କଡ଼ା ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ରହିଛି, ଯାହା ଏଫଟିଏ ପରେ ବି ଭାରତୀୟ ରପ୍ତାନୀ ଉପରେ ଲାଗୁ ରହିବ। ଇୟୁ ସହିତ ଏଫଟିଏରେ ଅଟୋମୋବାଇଲ ସେକ୍ଟରକୁ ଖୋଲିବା ନିଷ୍ପତ୍ତିକୁ ନେଇ କଂଗ୍ରେସ ମୋଦି ସରକାରଙ୍କୁ ସତର୍କ କରିଛି। ଜୟରାମ ରମେଶ କହିଛନ୍ତି ଯେ, ଇଲେକ୍ଟ୍ରିକ ବାହାନ (ଇଭି) ଏକବିଂଶ ଶତାବ୍ଦୀରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲଜି ମଧ୍ୟରେ ଅନ୍ୟତମ। ଏଥିରେ ଏଫଟିଏ ଯୋଗୁ ଭାରତର ଇଭି ଉଦ୍ୟୋଗ ଯେପରି ପଛେଇ ନ ଯାଏ ଏଥିପାଇଁ ସବୁଠୁ ଅଧିକ ସାବଧାନତା ଅବଲମ୍ବନ କରିବାକୁ କହିଛନ୍ତି।

# ଚତୁର୍ଥ ମୁକାବିଲାରେ ଅଟକିଲା ବିଜୟ ରଥ

- ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ
- ଭଲ ଲଢ଼ିଲେ ଶିବମ ଦୁବେ




**ବିଶାଖାପାଟଣା,୨୮।୧:** ଭାରତର ବିଜୟ ରଥ ଅଟକିଛି। ବୁଧବାର ଦିନ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡ ହାତରୁ ୫ମ୍ୟାଚ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଚତୁର୍ଥ ମୁକାବିଲାରେ ଭାରତ ପରାସ୍ତ ହୋଇଛି। ବିଶାଖାପାଟଣାସ୍ଥିତ ଡ. ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଭାରତ ୨୧୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ୧୮.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଛି। ଏଥି ସହିତ ଚଳିତ ଶୃଙ୍ଖଳା ୩-୧ରେ ପହଞ୍ଚିଛି। ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୩୧ ତାରିଖରେ ତିରୁଅନ୍ତପୁରମରେ ଖେଳାଯିବ।

ଏହି ମ୍ୟାଚ୍‌ରେ ଭାରତୀୟ ଯୁବ ବ୍ୟାଟର ଶିବମ ଦୁବେ ଚମତ୍କାର ଖେଳିଥିଲେ। ଦଳକୁ ବିଜୟ ଦେବାକୁ ବଡ଼ ଉଦ୍ୟମ କରିଥିଲେ। ଏକଦା ସେ ୩୦୦ ଷ୍ଟ୍ରାଇକ୍ ରେଟ୍‌ରେ ଖେଳୁଥିଲେ। ମାତ୍ର ୨୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୭ଟି ଛକା ବଳରେ ୬୫ ରନ୍ ସଂଗ୍ରହ କରିଥିଲେ। ଦୁବେ ଆଉଟ୍ ହେଲା ପରେ ଭାରତର ବିଜୟ ଆଶା ଏକପ୍ରକାର ମଉଳି ଯାଇଥିଲା ଏବଂ ତାହା ହିଁ ହେଲା।

ବୁଧବାର ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଶୃଙ୍ଖଳା ହାତଛଡ଼ା କରିବା ପରେ ନ୍ୟୁଜିଲାଣ୍ଡ୍ ପାଇଁ କିନ୍ତୁ ଏହାର ପ୍ରାରମ୍ଭିକ ଯୋଡ଼ି ଡେଭନ୍ କନ୍‌ୱେ ଓ ଟିମ୍ ସେଫର୍ଟ ବିସ୍ଫୋରକ ଆରମ୍ଭ କରିଥିଲେ। ଉଭୟ ପାୱାର ପ୍ଲେ' ୬ ଓଭରରୁ ୭୧ ରନ୍ ଆଦାୟ କରିଥିଲେ ବିନା କ୍ଷତିରେ। କନ୍‌ୱେ ୨୩ ବଲ୍‌ରୁ ୪୪ ରନ୍ ଏବଂ ସେଫର୍ଟ ୩୬ ବଲ୍‌ରୁ ୬୨ ରନ୍ ସଂଗ୍ରହ କରିଥିଲେ। ଦୁଇଜଣ ଯାକ ଆକ୍ରମଣାତ୍ମକ ବ୍ୟାଟିଂ କରିବାରୁ ନ୍ୟୁଜିଲାଣ୍ଡ୍ ୮.୧ ଓଭରରେ ୧୦୦ ରନ୍ ମଧ ପୂରଣ କରି ନେଇଥିଲା। କିନ୍ତୁ ପରବର୍ତ୍ତୀ ବଲ୍‌ରେ ହିଁ କନ୍‌ୱେଙ୍କୁ ଆଉଟ୍ କରି କୁଲଦୀପ ଯାଦବ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହା ପରଠାରୁ ଭାରତୀୟ ବୋଲର୍ ନିୟମିତ ବ୍ୟବଧାନରେ ୱିକେଟ୍ ବାହାର କରିଥିଲେ ମଧ ନ୍ୟୁଜିଲାଣ୍ଡ୍ ଓଭର ପିଛା ୧୦ ରନ୍ ହାରାହାରିକୁ ତଳକୁ ଖସିବାକୁ ଦେଇନଥିଲା। ଟିମ୍ ସେଫର୍ଟଙ୍କୁ ଅର୍ଶଦୀପ ଆଉଟ୍ କରିଥିଲେ। ରାଚିନ ରବୀନ୍ଦ୍ର (୨)ଙ୍କୁ ବୁମ୍‌ରା କଟ୍ ଆଣ୍ଡ୍ ବୋଲ୍ଡ କରି ଦେଇଥିବାବେଳେ ଗ୍ଲେନ୍ ଫିଲିପ୍ସ (୨୪)ଙ୍କୁ ଦ୍ୱିତୀୟ ଶିକାର କରିଥିଲେ କୁଲଦୀପ। ୬ ନମ୍ବରରେ ଆସିଥିବା ଡାରିଲ୍ ମିଚେଲ୍ (୧୮ ବଲ୍‌ରୁ ୧୯* ରନ୍) ଦ୍ରୁତ ଖେଳିବା ଫଳରେ ନ୍ୟୁଜିଲାଣ୍ଡ୍ ୨୦୦ ଅତିକ୍ରମ କରିଯାଇଥିଲା। ଶେଷ ଦୁଇ ଓଭରରୁ ନ୍ୟୁଜିଲାଣ୍ଡ୍ ୩୩ ରନ୍ ଯୋଡ଼ିଥିଲା। ଉନ୍ନବିଂଶତମ ଓଭର ବୋଲିଂ କରିଥିବା ଯଶପ୍ରୀତ୍ ବୁମ୍‌ରା ୧୯ ରନ୍ ଏବଂ ବିଂଶତମ ଓଭର ବୋଲିଂ କରିଥିବା ହର୍ଷିତ ରାଣା ୧୪ ରନ୍ ବ୍ୟୟ କରିଥିଲେ। ବୁମ୍‌ରାଙ୍କ ପାଇଁ ଟ୍ୱେଣ୍ଟି-୨୦ରେ ଏହା ଦ୍ୱିତୀୟ ସର୍ବାଧିକ ମହଙ୍ଗା ଓଭର ଥିଲା। ୨୦୧୭ ମସିହାରେ ଇଂଲଣ୍ଡ ବିପକ୍ଷ କାନପୁର ଟ୍ୱେଣ୍ଟି-୨୦ରେ ସେ ୨୦ ରନ୍ ବ୍ୟୟ କରିଥିଲେ।

ଜବାବରେ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା ବିଦାୟ ନେବାଠାରୁ ଭାରତ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ସଂଜୁ ସାମସନ୍ ବି ପୁଣି ଏକ ସୁଯୋଗ ହାତଛଡ଼ା କରିଥିଲେ। ସୂର୍ଯ୍ୟ ଓ ହାର୍ଦ୍ଦିକଙ୍କ ବ୍ୟାଟ୍ ଶାନ୍ତ ପଡ଼ିଯାଇଥିଲା। କେବଳ ୪ ନମ୍ବରରେ ଆସିଥିବା ରିଙ୍କୁ ସିଂହ (୩୦ରୁ ୩୯ ରନ୍) ଏବଂ ଦୁବେ (୨୩ ବଲ୍‌ରୁ ୬୫ ରନ୍) ଲଢ଼ିଥିଲେ। ଈଶ୍ ସୋଢ଼ୀଙ୍କ ଗୋଟିଏ ଓଭରରୁ ଦୁବେ ୨୯ ରନ୍ ଆଦାୟ କରି ଆଶା ଦେଖାଇଥିଲେ ମଧ ଏହା ଯଥେଷ୍ଟ ହୋଇନଥିଲା। ସେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହେବା ସହ ଭାରତର ଶେଷ ଆଶା ମଉଳିଯାଇଥିଲା।

- ଆମେରିକୀୟ ଥିଙ୍କ ଟ୍ୟାଙ୍କର ଦାବି

## ରୁଷ- ୟୁକ୍ରେନ ଯୁଦ୍ଧରେ ୨୦ ଲକ୍ଷ ମୃତାହତ

**ନୂଆଦିଲ୍ଲୀ,୨୮।୧:** ରୁଷ ଓ ୟୁକ୍ରେମ ମଧରେ ଜାରି ଯୁଦ୍ଧକୁ ଚାରିବର୍ଷ ପୂରିବାକୁ ଯାଉଛି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଏହି ସମୟରେ, ଏକ ସାମ୍ପ୍ରତିକ ରିପୋର୍ଟ ବିଶ୍ୱ ସମ୍ମୁଖରେ ଏହି ଯୁଦ୍ଧର ଭୟଙ୍କର ସ୍ଥିତିକୁ ଦର୍ଶାଉଛି। ଆମେରିକୀୟ ଥିଙ୍କ ଟ୍ୟାଙ୍କ ଦାବି କରିଛି ଯେ, ଫେବୃଆରୀ ୨୦୨୨ ଠାରୁ ଚାଲିଥିବା ଏହି ଯୁଦ୍ଧରେ ରୁଷ ଏବଂ ୟୁକ୍ରେନ ଉଭୟ ଦେଶର ପ୍ରାୟ ଦୁଇ ଲକ୍ଷ ସୈନିକ ନିହତ ହୋଇଛନ୍ତି।

ୟୁକ୍ରେନରେ ରୁଷର ନିରନ୍ତର ଆକ୍ରମଣ ଯୋଗୁଁ ଦୁଇ ଦେଶ ମଧରେ ପ୍ରାୟ ଦୁଇ ନିୟୁତ ଲୋକ ମୃତାହତ ହୋଇଛନ୍ତି। ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍ ଜାଣିବାକୁ ପାଇଛି ଯେ, ମସ୍କୋର ସାମରିକ ବାହିନୀ ସର୍ବାଧିକ କ୍ଷତି ସହିଛି। ସିଏସଆଇଏସ୍ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଏହି ଯୁଦ୍ଧରେ ରୁଷକୁ ବହୁତ କ୍ଷତି ସହିବାକୁ ପଡିଛି। ପ୍ରାୟ ଚାରିବର୍ଷ ପୂର୍ବେ ୟୁକ୍ରେନ ଆକ୍ରମଣ କରିବା ପରଠାରୁ ପ୍ରାୟ ୧୨ ଲକ୍ଷ ମୃତାହତଙ୍କ ମଧ୍ୟରୁ ୩,୨୫,୦୦୦ ଜଣଙ୍କର ମୃତ୍ୟୁ ହୋଇଛି। ରିପୋର୍ଟରେ ଏହା ମଧ କହିଛି ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ କୌଣସି ବଡ଼ ଶକ୍ତି କୌଣସି ଯୁଦ୍ଧରେ ଏତେ କ୍ଷତି କିମ୍ବା ମୃତ୍ୟୁବରଣ କରିନାହିଁ। ଥିଙ୍କ ଟ୍ୟାଙ୍କ୍ କହିଛି ଯେ, ଫେବୃଆରୀ ୨୦୨୨ରୁ ଡିସେମ୍ବର ୨୦୨୫ ମଧରେ ୟୁକ୍ରେନୀୟ ସେନାର ପ୍ରାୟ ୬ ଲକ୍ଷ ମୃତାହତ ହୋଇଥିବା ରିପୋର୍ଟ କରାଯାଇଛି।

## ସ୍ତ୍ରୀ ଏବଂ ଦୁଇ ଝିଅଙ୍କୁ ହତ୍ୟା ପରେ ବାପାର ଆତ୍ମହତ୍ୟା

**କୋଲକାତା,୨୮।୧(ସଂଚାର ବ୍ୟୁରୋ):** ଭଗବାନଗୋଲା ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟା ମାମଲା ସାମ୍ନାକୁ ଆସିଛି। ଜଣେ ଫଳ ବ୍ୟବସାୟୀ ତାଙ୍କ ଦୁଇ ଝିଅ ଏବଂ ସ୍ତ୍ରୀଙ୍କ ଗଳା କାଟି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାମ ମାଣିକ ବେପାରୀ। ବୁଧବାର ସକାଳେ ସେ ରହୁଥିବା ଭଡା ଘରୁ ଦୁର୍ଗନ୍ଧ ଆସୁଥିବା ଦେଖି ପଡ଼ୋଶୀମାନେ ସନ୍ଦେହ କରିଥିଲେ। ସୂଚନା ପାଇ ଭଗବାନଗୋଲା ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଘର ଭିତରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ଝିଅଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ, ମାଣିକ ବେପାରୀ ବେକରେ ରଶି ଲଗାଇ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲେ। ପୁଲିସର ପ୍ରାରମ୍ଭିକ ଆକଳନ ଅନୁଯାୟୀ ଫଳ ବ୍ୟବସାୟୀ ଜଣକ ତାଙ୍କ ସ୍ତ୍ରୀ ଏବଂ ଝିଅମାନଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ପ୍ରାୟ ଦଶ ମାସ ପୂର୍ବରୁ ସେ ସେହି ଅଞ୍ଚଳରେ ଏକ ଘର ଭଡା ନେଇ ରହିବା ଆରମ୍ଭ କରିଥିବାର ଜଣାପଡିଛି। ଭଗବାନଗୋଲା ଥାନାର ପୁଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ

**କୋଲକାତା,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ, କୁଳପତି ଚୟନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସେହି କମିଟି ଦ୍ୱାରା ଆଠଟି ବିଶ୍ୱବିଦ୍ୟାଳୟ ଚୟନ ପାଇଁ ରାଜଭବନ ଏବଂ ଶିକ୍ଷା ବିଭାଗ ସହମତ ହୋଇଥିଲେ। ତେବେ, ରାଜ୍ୟପାଳ ସୁପ୍ରିମକୋର୍ଟଙ୍କ ଅନୁମୋଦନ କ୍ରମେ ସେମାନଙ୍କ ମଧରୁ ତିନୋଟିରେ କୁଳପତି ନିଯୁକ୍ତି କରିଛନ୍ତି।

ରାଜଭବନ ସୂତ୍ର ଅନୁସାରେ, ଅରୁଣାଶିଷ ଗୋସ୍ୱାମୀ 'ବାବା ସାହେବ ଆମ୍ବେଦକର' ବିଶ୍ୱବିଦ୍ୟାଳୟର କୁଳପତି ହୋଇଛନ୍ତି, ଦେବବ୍ରତ ବସୁ 'ଉତ୍ତର ବଙ୍ଗ କୃଷି ବିଶ୍ୱବିଦ୍ୟାଳୟ'ର ନୂତନ କୁଳପତି ଏବଂ ଦେବବ୍ରତ ମିତ୍ର ପଶ୍ଚିମବଙ୍ଗ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପଦବୀ ଗ୍ରହଣ କରିଛନ୍ତି। ତେବେ, ରାଜଭବନ ଦ୍ୱାରା ପସନ୍ଦ କରାଯାଇଥିବା ତିନି ଜଣ କୁଳପତି ଏହି ପଦବୀରେ ଯୋଗ ଦେଇଥିଲେ ମଧ, ଶିକ୍ଷା ବିଭାଗ ଦ୍ୱାରା ପସନ୍ଦ କରାଯାଇଥିବା ପାଞ୍ଚ ଜଣଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନାହିଁ। ପୂର୍ବରୁ ମତ ପାର୍ଥକ୍ୟ ଯୋଗୁଁ ଆଉ ତିନୋଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ବିଚାରାଧୀନ ରହିଛି।

## ଦକ୍ଷିଣ କୋରିଆର ପୂର୍ବତନ ଫାଷ୍ଟ ଲେଡିଙ୍କୁ ଜେଲ

ସିଓଲ, ୨୮।୧: ଦକ୍ଷିଣ କୋରିଆର ଏକ କୋର୍ଟ ବୁଧବାର ପୂର୍ବତନ ଫାଷ୍ଟ ଲେଡି କିମ୍ କିଓନ ହିଙ୍କୁ ୧ ବର୍ଷ ଓ ୮ ମାସ ଜେଲ ଦଣ୍ଡାଦେଶ କରିଛନ୍ତି। ୟୁନିଫିକେସନ ଚର୍ଚ୍ଚରୁ ବ୍ୟବସାୟରେ ଲାଭ ନିମନ୍ତେ ଅତି ମୂଲ୍ୟବାନ ଉପହାର ସ୍ୱୀକାର କରିଥିବା କୋର୍ଟରେ ସାବ୍ୟସ୍ତ ହୋଇଛି। କିମ୍ କିଓନ ହି ପଦବୀରୁ ବହିଷ୍କୃତ ପୂର୍ବତନ ରାଷ୍ଟ୍ରପତି ୟୁନ ସୁକ୍ ୟେଓଲଙ୍କ ପତ୍ନୀ। ୟେଓଲଙ୍କ ଉପରେ ୨୦୨୪ ମସିହାରେ ମାର୍ଶଲ ଲ ଲାଗୁ ଉଦ୍ୟମ ସମ୍ପର୍କିତ ବିଦ୍ରୋହ ଅଭିଯୋଗରେ ମାମଲା ଜାରି ରହିଛି। ସିଓଲ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ କୋର୍ଟ କିମ୍‌ଙ୍କୁ କମ ଦଣ୍ଡାଦେଶ କରିଛନ୍ତି ଓ ତାଙ୍କୁ ଷ୍ଟକ୍ ପ୍ରାଇସ ଏପଟସେପଟ କରିବା ମାମଲାରେ ସାମିଲ ଥିବା ଓ ରାଜନୈତିକ ଫଣ୍ଡସ୍ ଆକ୍ଟର ଉଲ୍ଲଂଘନ ଅଭିଯୋଗରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି।

## ୩୦ରୁ ଉତ୍କଳ ମଣ୍ଡପରେ ମୟୂରଭଞ୍ଜ ଉତ୍ସବ




**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୩୦ ରୁ ୧ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପଠାରେ ତିନିଦିନିଆ ଚିତ୍ତାକର୍ଷକ 'ମୟୂରଭଞ୍ଜ ଉତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ମୟୂରଭଞ୍ଜ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ଏହି ସମ୍ମିଳନୀରେ ସୁକାନ୍ତ ରଥ, ମୟୂରଭଞ୍ଜ ସାଂସ୍କୃତିକ ସଙ୍ଗଠନର ସାଧାରଣ ସମ୍ପାଦକ, ରଜନୀକାନ୍ତ ବିଶ୍ୱାଳ, ଚିନ୍ମୟ ଦାସ ପଟ୍ଟନାୟକ, ସ୍ୱରୂପ ଦାସ, ଗୋକୁଳ ଚରଣ ଦାସ ଏବଂ ସଞ୍ଜୀବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଅଧିବାସୀମାନଙ୍କୁ ନେଇ ବେଶ୍ କିଛି ଆଞ୍ଚଳିକ ସଂଘ ଅଛି ଏବଂ ଏହି ସଂଘଗୁଡ଼ିକ ନିଜ ନିଜ ଅଞ୍ଚଳର ଲୋକମାନଙ୍କ ପାଇଁ କାର୍ଯ୍ୟକ୍ରମ କରିଥାଆନ୍ତି, କିନ୍ତୁ 'ମୟୂରଭଞ୍ଜ ସାଂସ୍କୃତିକ ସଂସଦ' ଭୁବନେଶ୍ୱରର ବୋଧହୁଏ ପ୍ରଥମ ଆଞ୍ଚଳିକ ସଂଘ ଯାହାଦ୍ୱାରା କି କେବଳ ମୟୂରଭଞ୍ଜର ଅଧିବାସୀମାନଙ୍କ ପାଇଁ ନୁହେଁ ବରଂ ସମସ୍ତ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ରଖାଯାଇଛି । ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ଏଥିପାଇଁ କଳାକାରମାନଙ୍କୁ ବଛାଯାଇଛି । ମୟୂରଭଞ୍ଜର ପ୍ରସିଦ୍ଧ ଛଉନାଚ, ଝୁମର ସଂଗୀତ, ପଲ୍ଲୀନୃତ୍ୟ, ପାରମ୍ପରିକ ଆଦିବାସୀ ନୃତ୍ୟ ସହିତ ମୟୂରଭଞ୍ଜର ସିନେମା ଓ ଟେଲିଭିଜନ୍‌ର କଳାକାରମାନଙ୍କୁ ନେଇ ସମ୍ପୂର୍ଣ୍ଣ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ଦର୍ଶକମାନେ ମୟୂରଭଞ୍ଜର ପ୍ରସିଦ୍ଧ ବ୍ୟଞ୍ଜନ ମୁଢ଼ି - ମାଂସର ମଧ ମଜା ନେଇପାରିବେ ବୋଲି ଆୟୋଜକ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି ।

- ଖଣି ବିଭାଗର ଚଢ଼ାଉ

## ଦୁଇ ମାଟି ବୋଝେଇ ଟ୍ରାକ୍ଟର ଜବତ

**କୋରେଇ,୨୮।୧(ସଂଚାର ବ୍ୟୁରୋ):** ଯାଜପୁର ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ଚୋରି ଉପରେ ଚଢ଼ାଉ ଜାରି ରହିଛି। ବାଲି ଚୋରି ପରେ ଏବେ ମାଟି ଚୋରି ଆରମ୍ଭ ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଠାରୁ ମାଟି ଚୋରା ଚାଲାଣର ଖବର ପାଇ ଖଣି ବିଭାଗ ଚଢ଼ାଉ କରିଥିଲା। ବେଆଇନ ଭାବେ ଦୁଇ ଟ୍ରାକ୍ଟରେ ମାଟି ଚାଲାଣ ହେଉଥିବା ଦେଖି ଖଣିବିଭାଗ ଅଧିକାରୀ ବିଶ୍ୱଜିତ ସ୍ୱାଇଁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ମାଟି ବୋଝେଇ ଟ୍ରାକ୍ଟର ଦୁଇଟି କୌଣସି କାଗଜାଦି ନଥିବାରୁ ଉକ୍ତ ଦୁଇ ଟ୍ରକାଟରକୁ ପାଣିକୋଇଲି ପୁଲିସ ଜିମା ଦିଆଯାଇଛି। ପୁଲିସ ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରହିଛି।

## ନନ୍ଦିଗ୍ରାମକୁ ନୂତନ ରେଳଲାଇନ

- ଭୋଟ ପୂର୍ବରୁ ରେଳମନ୍ତ୍ରୀ ଦେଲେ ଖୁସି ଖବର
- ତାଲିକାରେ ଆହୁରି ୧୧ଟି ସ୍ଥାନ: ଶୁଭେନ୍ଦୁ

**କୋଲକାତା,୨୮।୧(ସଂଚାର ବ୍ୟୁରୋ):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମଗ୍ର ପଶ୍ଚିମବଙ୍ଗରେ ଏକାଧିକ ରେଳ ଲାଇନ ନିର୍ମାଣ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। ରେଳମନ୍ତ୍ରୀଙ୍କ ଚିଠିକୁ ଉଦ୍ଧୃତ କରି ବିରୋଧୀ ଦଳ ନେତା କହିଛନ୍ତି ଯେ, ତାଙ୍କ ପୂର୍ବ ଅନୁରୋଧର ଜବାବରେ, ଭାରତୀୟ ରେଳବାଇ ଏବେ ବଙ୍ଗଳାର ହୃଦୟରେ ଏକାଧିକ ରେଳଲାଇନ ନିର୍ମାଣ ପ୍ରକଳ୍ପ ହାତକୁ ନେଉଛି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ମୁଁ ବଙ୍ଗଳାର ଜନସାଧାରଣଙ୍କ ସହ ଏହି ଖୁସିର ଖବର ବାଣ୍ଟି ବହୁତ ଖୁସି ଯେ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୋର ପୂର୍ବ ଅନୁରୋଧର ଜବାବରେ ପଶ୍ଚିମବଙ୍ଗରେ ନୂତନ ରେଳ ଲାଇନ ପ୍ରକଳ୍ପ ନିର୍ମାଣ ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି। ରେଳ ମନ୍ତ୍ରଣାଳୟ ପଶ୍ଚିମବଙ୍ଗରେ ନିମ୍ନଲିଖିତ ନୂତନ ରେଳ ଲାଇନ ପ୍ରକଳ୍ପଗୁଡ଼ିକର ନିର୍ମାଣ ଆରମ୍ଭକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ହେଉଛି: କାନ୍ଥୀ - ଏଗରା ନୂତନ ରେଳ ଲାଇନ। ନନ୍ଦକୁମାର - ବଲାଇପଣ୍ଡା ନୂତନ ରେଳ ଲାଇନ। ନନ୍ଦିଗ୍ରାମ - କେନ୍ଦାମାରି (ନୟାଚର) ନୂତନ ରେଳ ଲାଇନ। ବୋୟାଇଚଣ୍ଡି - ଆରାମବାଗ ଏବଂ ବୋୟାଇଚଣ୍ଡି - ଖାନା ଠାରୁ ନୂତନ ରେଳ ଲାଇନ। ବାଙ୍କୁଡା (କାଳାଭାଟୀ) ରୁ ନୂତନ ରେଳ ଲାଇନ - ହୁରା ଦେଇ ପୁରୁଲିଆ। ରାୟଗଞ୍ଜ - ଡାଲଖୋଲା ଏବଂ 'ରାୟଗଞ୍ଜ - ଇଟାହାର ଗଜଲ। ଏଥିସହ ଦକ୍ଷିଣବଙ୍ଗ ଏବଂ ଉତ୍ତରବଙ୍ଗର ଅନେକ ନୂତନ ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

## ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ

**ଦୋକାନବଜାର ବନ୍ଦ ସହ ଗାଡ଼ି ଚଳାଚଳ ପ୍ରଭାବିତ**



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ବିଭିନ୍ନ ଦାବି ନେଇ ଆଜି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ପାଳନର ରାଜ୍ୟର ବିଭିନ୍ନ ସ୍ଥାନରେ ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଛି। ବିଭିନ୍ନ କାର୍ଯ୍ୟାଳୟ ସ୍ୱାଭାବିକ ଥିବା ବେଳେ ରାସ୍ତାରେ କାଁଭାଁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ସଂଗଠନ ପକ୍ଷରୁ ବନ୍ଦ ପାଳନ ପାଇଁ ପ୍ରମୁଖ ଜାତୀୟ ରାଜପଥ ଓ ଛକଗୁଡ଼ିକରେ ପିକେଟିଂ କରାଯାଇଥିଲା। ଫଳତଃ ଦୋକାନବଜାର ପ୍ରାୟତଃ ସକାଳ ବେଳା ବନ୍ଦ ରହିଥିଲା। ଭୁବନେଶ୍ୱର ଉପକଣ୍ଠ ଉତ୍ତରା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱର ସହ କଟକ, ବ୍ରହ୍ମପୁର ଓ ବଲାଙ୍ଗୀର ସହରରେ ବନ୍ଦ ପାଳନ ପରିପ୍ରେକ୍ଷୀରେ ସକାଳୁ ସକାଳୁ ଗାଡ଼ି ମୋଟର ଚଳାଚଳ ପ୍ରଭାବିତ ହୋଇଥିଲା। ଗାଡ଼ି ମଟର ବନ୍ଦ ଥିବାରୁ ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ସଂଗଠନର ସଦସ୍ୟମାନେ ରେଳ ଷ୍ଟେସନରେ ମଧ ପିକେଟିଂ କରି ରେଳ ଧାରଣା ଉପରେ ବସି ରେଳରୋକ କରିଥିଲେ। ସେହିପରି ବଲାଙ୍ଗିରରେ ବନ୍ଦର ପ୍ରଭାବ ଦେଖାଯାଇଛି। ବଲାଙ୍ଗିର ଜିଲ୍ଲା ମିଳିତ କୃଷକ ସଂଘ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦ ପାଳନ ଯୋଗୁଁ କେତେକ ସ୍ଥାନରେ ସ୍କୁଲ୍ ଓ କଲେଜ ବନ୍ଦ ରହିଥିଲା। ରାଜ୍ୟରେ ଧାନକିଣାରେ ଅବ୍ୟବସ୍ଥା ସହ ଟାଟା ପାୱାର୍‌ର ଜୁଲୁମ୍ ଓ ଅନ୍ୟାନ୍ୟ କେତେକ ଦାବି ନେଇ ଏହି ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ଏହାକୁ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ମଧ ସମର୍ଥନ ଦେଇଥିଲେ। ତେବେ ମୋଟାମୋଟି ଭାବେ ଆଜିର ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍କୁଲ୍...

ଛାତ୍ରଛାତ୍ରୀଙ୍କ ପାଇଁ ତାହା ଏକ ସ୍ୱତନ୍ତ୍ର ମୋବାଇଲ ଆପ୍‌ରେ ଉପଲବ୍ଧ କରାଯିବ। ଏଥିସହ ବିଭିନ୍ନ ସ୍କୁଲରେ ଦିଆଯାଉଥିବା ଶିକ୍ଷାଦାନ ଉପରେ ନଜର ମଧ ରଖିବାକୁ ଯୋଜନା କରାଯାଉଛି।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଓକାକକୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ସମସ୍ତ ୫୩୭୦ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଆଇ କ୍ୟାମେରା ସହ ଭର୍ଚୁଆଲ କ୍ଲାସରୁମ ଓ ଆଭାସୀ ମାଧମରେ ତାଲିମ ପାଇଁ ଓକାକ ପକ୍ଷରୁ ଆଗ୍ରହୀ ସଂସ୍ଥାଠାରୁ ଆବେଦନ ଆହ୍ୱାନ କରାଯାଇଛି। ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ରହୁଥିବା ସ୍କୁଲଗୁଡ଼ିକରେ ଇଣ୍ଟରନେଟ ସମସ୍ୟା ରହିପାରେ ବୋଲି ଓକାକ ପକ୍ଷରୁ କୁହାଯାଇଛି। ତେଣୁ ହାରାହାରି ୫୦ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ କିମ୍ବା ଫାଇବର ଅପଟିକ୍ ଉପଲବ୍ଧ ହେବ। ସେହିପରି ଯେଉଁଠି ଇଣ୍ଟରନେଟ ସମସ୍ୟା ରହିବ, ସେସବୁ ସ୍କୁଲକୁ ସାଟେଲାଇଟ୍ ଦ୍ୱାରା ସଂଯୋଗ କରାଯିବ।

ଏହି କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ରାଜ୍ୟରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୪ଟି ଜୋନରେ ୮ଟି ଆଞ୍ଚଳିକ ଷ୍ଟୁଡିଓ ପ୍ରତିଷ୍ଠା କରାଯିବ। ଏହିସବୁ ଷ୍ଟୁଡିଓରୁ ବିଶେଷଜ୍ଞ ଓ ଶିକ୍ଷାବିତମାନେ ଛାତ୍ରଛାତ୍ରୀଙ୍କୁ ସମୟୋପଯୋଗୀ ତାଲିମ ପ୍ରଦାନ କରିବେ। ଶିକ୍ଷାର୍ଥୀମାନେ ମଧ ବିଶେଷଜ୍ଞ ସହ ଶ୍ରେଣୀଗୃହରୁ କଥା ହୋଇପାରିବା ଭଳି ବ୍ୟବସ୍ଥା ରହିବ। ସବୁ ଷ୍ଟୁଡିଓ କ୍ଲାସରୁମ ଇଣ୍ଟରନେଟ୍ କିମ୍ବା ସାଟେଲାଇଟ ଦ୍ୱାରା ଯୋଡ଼ି ହେବେ। ଶିକ୍ଷକମାନେ ଚାହିଁଲେ ସେମାନଙ୍କ ମୋବାଇଲ, ଡେକ୍ସଟପ କିମ୍ବା ଲ୍ୟାପଟପରୁ ଭର୍ଚୁଆଲ କ୍ଲାସ ଚଳାଇପାରିବେ। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏହି ପଦ୍ଧତିରେ ତାଲିମ ଦିଆଯିବ। ଏପରିକି ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ମଧ ଏହା ଜରିଆରେ ନଜର ରଖାଯିବ।

## ଗଲାଣି...

ୱାଇ. ରାଜଶେଖର ରେଡ୍ଡୀ ଆନ୍ଧ୍ର ପ୍ରଦେଶର ନାଲାମାଲା ଅଞ୍ଚଳ ଦେଇ ଯାତ୍ରା କରୁଥିବା ସମୟରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ନକ୍ସଲମାନେ ତାଙ୍କ ହେଲିକପ୍ଟରକୁ ଗୁଳି କରି ଖସାଇ ଦେଇଥିବା ଦାବି ହୋଇଥିଲେ ପରେ ଏହାକୁ ଖାରଜ କରାଯାଇଥିଲା।

- ୨୦୧୧ରେ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଦୋର୍ଜି ଖାଣ୍ଡୁ ମଧ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସେତେବେଳେ ୫୬ ବର୍ଷୀୟ ଖାଣ୍ଡୁ ତୱାଙ୍ଗରୁ ରାଜଧାନୀ ଇଟାନଗର ଅଭିମୁଖେ ଯାତ୍ରା କରୁଥିଲେ।
- ଗତବର୍ଷ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦରୁ ଉଡ଼ାଣ ଭରିବା ପରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମୃତ୍ୟୁବରଣ କରିଥିଲେ। ସେତେବେଳେ ରୂପାନୀ ତାଙ୍କ ପରିବାରକୁ ଭେଟିବା ପାଇଁ ଲଣ୍ଡନ ଯାତ୍ରା କରୁଥିଲେ।

## ଗୋଟିଏ...

ତାଙ୍କୁ ରାଜ୍ୟ ନେତୃତ୍ୱ ଦେବାରେ କିଛି ସମସ୍ୟା ନାହିଁ ବୋଲି ଦିବ୍ୟଶଙ୍କର କହିଥିଲେ। ସେପଟେ, କଳିକେଶ ଏହା ଭବିଷ୍ୟତ କଥା କହି ଏଡାଇ ଦେଇଥିଲେ। ସବୁବେଳେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଗଠିତ ହୋଇ କାମ ହେବ। ତେଣୁ ସମସ୍ତେ ମିଶି କେମିତି ବଲାଙ୍ଗିର, ପଶ୍ଚିମ ଓଡ଼ିଶା ଏକ ଏବଂ ଓଡ଼ିଶାର ବିକାଶ କରିବା ସେଥିପ୍ରତି ବେଶୀ ଚିନ୍ତା କରିବା କଥା ବୋଲି ସେ କହିଥିଲେ।

ସେପଟେ ରାଜନୈତିକ ସମୀକ୍ଷକଙ୍କ ମତରେ ଏହି ପ୍ରାୟୋଜିତ ଦାବିରେ ନବୀନ ଉପକୂଳିଆ ନେତାଙ୍କ ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ସାଧାରଣ ଭାବେ ରାଜ୍ୟ ରାଜନୀତିକୁ ଉପକୂଳ ଜିଲ୍ଲାର ନେତାମାନେ ନିୟନ୍ତ୍ରଣ କରିଥାନ୍ତି। ତେଣୁ ନବୀନଙ୍କ ପରେ ପ୍ରଣବ ପ୍ରକାଶ ଦାସଙ୍କ ପରି ଉପକୂଳ ଜିଲ୍ଲାର ନେତାମାନେ ଦଳର ମଙ୍ଗ ଧରିବେ ବୋଲି ଚର୍ଚ୍ଚା ହେଉଥିଲା। ଏପରିକି ଏହି ନେତାମାନେ ଦଳରେ ନବୀନଙ୍କ ଚଳନ୍ତି ପ୍ରତିମା ଭଳି କାମ କରୁଥିଲେ। ଦଳ ଭିତରେ ସବୁବେଳେ ହାକିମାତି ଚଳାଇଥିଲେ। ଏବେ ମଧ ବିଜେଡିରେ ସୃଷ୍ଟି ହୋଇଥିବା କନ୍ଦଳରୁ ସେମାନେ କ୍ଷମତା ନିଜ ହାତକୁ ନେବାକୁ ଚକ୍ରାନ୍ତ କରୁଥିଲେ। ଏଭିତରେ ନବୀନ ଯେଉଁ ଗୁଗଲି ଖେଳିଛନ୍ତି ତାହା ଉପକୂଳ ନେତାଙ୍କ ଅକଲ ଗୁଡୁମ କରିଦେଇଛି। ରାଜେନ୍ଦ୍ର ନାରାୟଣଙ୍କ ନାତି ଭାବେ କଳିକେଶଙ୍କ ପ୍ରତି ରାଜ୍ୟରେ ଗ୍ରହଣୀୟତା ମଧ ରହିବ। ଏମିତି ବି ଏୟୁ ଓ କଳିକେଶ ରାଜ୍ୟ ରାଜନୀତିରେ ବେଶ ଚର୍ଚ୍ଚିତ ଚେହେରା। କଳିକେଶ ସବୁଠୁ ଯୁବ ବିଧାୟକ ଭାବେ ଏକଦା ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଜାତୀୟ ରାଜନୀତିରେ ମଧ ତାଙ୍କ ଖାତିର ରହିଛି।

ସେପଟେ ଦିବ୍ୟଶଙ୍କରଙ୍କ ଦାବି ପରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଉତ୍ତରାଧିକାରୀ ନେଇ ଆଲୋଚନା ହେବା ଅନୁଚିତ। କାରଣ ଏହା ଏକ ସାମନ୍ତବାଦୀ ଚିନ୍ତାଧାରା। ଦଳରେ ବରିଷ୍ଠ ନେତାଙ୍କ ଅନୁଭୂତି ଓ ଅଭିଜ୍ଞତାର ଯେତିକି ଆବଶ୍ୟକତା ରହିଛି, ଯୁବ ନେତାଙ୍କ ସାମର୍ଥ୍ୟ ମଧ ସେତିକି ଜରୁରୀ। ସେହିଭଳି ବିଧାୟକ ଗଣେଶ୍ୱର କହିଛନ୍ତି ଯେ ବିଜେଡିର ଉତ୍ତରାଧିକାରୀ କିଏ ହେବ ସେ ନିଷ୍ପତ୍ତି ନବୀନ ନେବେ। ସଭାପତି ଏବେ ସଫଳ ଓ ସକ୍ଷମ, ତେଣୁ ଉତ୍ତରାଧିକାରୀ ଚର୍ଚ୍ଚା ଆସିଲା କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଗୁପଚୁପ୍...

ସେମାନେ ଆଖପାଖ ଅଞ୍ଚଳରେ ଜଗନ୍ନାଥଙ୍କ ଖୋଜିଥିଲେ। ଶେଷରେ ସେମାନେ ଜଗନ୍ନାଥଙ୍କ ରକ୍ତ ଜୁଡୁବୁଡୁ ମୃତଦେହ କୁଚିଣ୍ଡା ବନାଞ୍ଚଳରେ ରାସ୍ତାକଡ଼ରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଜଗନ୍ନାଥଙ୍କ ମୃତଦେହ ଉଦ୍ଧାର କରିବା ସହ ପୋଷ୍ଟମର୍ଟମ୍ ବ୍ୟବସ୍ଥା କରିଛି। ତେବେ ଏହି ମାମଲାରେ ପୁଲିସ୍ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଅଜିତ୍...

ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଭିଟି-ଏସ୍‌ଏସ୍‌କେ ନମ୍ବରଯୁକ୍ତ ବିମାନଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ପାଇଲଟ କ୍ୟାପ୍ଟେନ ସୁମିତ କାପୁର ତୁରନ୍ତ ଏନେଇ ବିମାନ ଟ୍ରାଫିକ ନିୟନ୍ତ୍ରଣକୁ ସୂଚନା ଦେଇଥିଲେ। ପାଇଲଟ ଜଣଙ୍କ ଦ୍ୱିତୀୟ ଅବତରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏଥିରେ ସେ ସଫଳ ହେବା ପୂର୍ବରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ପାଇଲଟ ଶ୍ରୀ କାପୁର 'ମେ ଡେ'କୁ ଫୋନ କରି ଜରୁରୀକାଳୀନ ଅବତରଣ ଫଇଁ ଅନୁମତି ମାଗିଥିଲେ। ଏଟିସିଠାରୁ ଅନୁମତି ପାଇବା ପରେ ପାଇଲଟ ଜରୁରୀକାଳୀନ ଅବତରଣ ପାଇଁ ଉଦ୍ୟମ କରୁଥିଲେ। ତେବେ ଏହି ଦୁର୍ଘଟଣାର ଯାଞ୍ଚ କରିବା ସକାଶେ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରପୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଦୁର୍ଘଟଣାର ନିରପେକ୍ଷ ଯାଞ୍ଚ ଏଏଆଇବି ଦ୍ୱାରା କରାଯିବ। ବିମାନଟି ପ୍ରାତଃ ୮ଟା ୪୮ ମିନିଟ୍ ସମୟରେ ଅବତରଣ କରୁଥିଲେ ହେଁ ସେତେବେଳେ ଦୃଶ୍ୟମାନତା ଦୁର୍ବଳ ଥିବାରୁ ଏହା ଏକ ପ୍ରମୁଖ କାରଣ ହୋଇପାରେ ବୋଲି ପ୍ରାଥମିକ ଭାବେ କୁହାଯାଇଛି।

ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନଟି ଗତ ୨୦୧୦ରେ ନିର୍ମିତ ହୋଇଥିବା ବେଳେ ଏହାର ସମସ୍ତ ଆବଶ୍ୟକୀୟ ଉଡ଼ାଣ ଓ ବିମାନ ଉଡ଼ାଣ ପ୍ରମାଣପତ୍ର ମଧ ବୈଧ ଥିଲା। ନିକଟରେ ମଧ ବିମାନର ଆବଶ୍ୟକ ଯାଞ୍ଚ ଓ ସମୀକ୍ଷା କରାଯାଇଥିଲା। ତା'ଛଡ଼ା ଏହି ବିମାନ ଉଡ଼ାଣ ଦାୟିତ୍ୱରେ ଥିବା ଉଭୟ କ୍ରିଉ ମେମ୍ବରଙ୍କ ପାଖରେ ଯଥେଷ୍ଟ ଉଡ଼ାଣ ଅଭିଜ୍ଞତା ବି ରହିଥିଲା।

ଦୃଶ୍ୟମାନ ଉଡ଼ାଣ ପାଇଁ ପାଗ ଅନୁମୋଦିତ ବୋଲି ରିପୋର୍ଟ କରାଯାଇଥିଲା। କିନ୍ତୁ ଦୃଶ୍ୟମାନ୍ୟତା ପ୍ରାୟ ୩ ହଜାର ମିଟର ଥିଲା। ବିମାନଟି ପ୍ରଥମେ ରନୱେ ୧୧ରେ ଅବତରଣ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ରନୱେ ଦେଖାଯାଉ ନ ଥିବାରୁ ପାଇଲଟ୍ ଏହାକୁ ଅବତରଣ କରାଇପାରିନଥିଲେ। ଫଳତଃ ବିମାନଟି କିଛି ସମୟ ପାଇଁ ଆକାଶରେ ଘୂରିବୁଲୁଥିଲା। ଦ୍ୱିତୀୟ ଥର ପାଇଁ ଅବତରଣ ସକାଶେ ସେ ଉଦ୍ୟମ କରିଥିଲେ ହେଁ ରନୱେ ମଧ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିଲା। କିଛି ସମୟ ପରେ ପାଇଲଟ କହିଥିଲେ ଯେ ରନୱେ ଦୃଶ୍ୟମାନ ଥିଲା। ତେଣୁ ପ୍ରାତଃ ୮ଟା ୪୩ ମିନିଟ୍‌ରେ ବିମାନଟିକୁ ଅବତରଣ ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ସେତେବେଳେ ପାଇଲଟ୍‌ଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ପରେ ପ୍ରାତଃ ୮ଟା ୪୮ ମିନିଟ୍‌ରେ ରନୱେ ନିକଟରେ ବିମାନରେ ନିଆଁ ଲାଗିଯାଇଥିଲା। ବିମାନଟି ଜଳିପୋଡ଼ି ଛାରଖାର ହୋଇଯାଇଥିବାରୁ ମୃତକଙ୍କ ପରିଚୟ ମିଳିବା କଷ୍ଟକର ହୋଇପଡ଼ିଥିଲା। ଏନେଇ ଖବର ପାଇବା ପରେ ଜରୁରୀକାଳୀନ ସେବା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ରନୱେ ୧୧ର ବାମ ପାର୍ଶ୍ୱରେ ବିମାନର ଭଗ୍ନାବଶେଷ ମିଳିଥିଲା। ଅପରାହ୍ନରେ ପୁଣେର ପୁଣ୍ୟଶ୍ଳୋକ ଅହିଲ୍ୟା ଦେବୀ ସରକାରୀ ହସ୍ପିଟାଲ୍‌ରୁ ଶ୍ରୀ ପାୱାର୍‌ଙ୍କ ଦେହାବଶେଷ ତାଙ୍କ ବାସଭବନ ବିଦ୍ୟା ପ୍ରତିଷ୍ଠାନକୁ ନିଆଯାଇଛି, ଯେଉଁଠାରେ ତାଙ୍କର ଅନ୍ତିମ ଦର୍ଶନ ବ୍ୟବସ୍ଥା କରାଯାଇଛି।

ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଶ୍ରୀ ପାୱାର୍‌ଙ୍କର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତ୍ୟେଷ୍ଟି କ୍ରିୟ ସମ୍ପନ୍ନ ହେବ। ଏଥିସହ ରାଜ୍ୟରେ ତିନିଦିନିଆ ଶୋକ ପାଳନ କରାଯିବ ସକାଶେ ସରକାର ଘୋଷଣା କରିଛନ୍ତି। ତାଙ୍କ ଅନ୍ତିମ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଯୋଗଦେବେ ବୋଲି ଜଣାପଡ଼ିଛି।

ଶ୍ରୀ ପାୱାର୍‌ଙ୍କ ମୃତ୍ୟୁରେ ମହାରାଷ୍ଟ୍ର ରାଜନୀତିରେ ଏକ ବିଶାଳ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ବେଳେ ଏନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବୀସ୍, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିତିନ୍ ନବୀନ, ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଏକନାଶ ଶିନ୍ଦେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ଶ୍ରୀ ପାୱାର୍‌ଙ୍କ ବାସଭବନରେ ପ୍ରମୁଖ ନେତାମାନେ ପହଞ୍ଚି ପତ୍ନୀ ସୁନେତ୍ରାଙ୍କୁ ସାନ୍ତ୍ୱନା ଦେଇଛନ୍ତି। ଏହାଛଡ଼ା ଦୁର୍ଘଟଣା ଖବର ପାଇବା ପରେ ଜାତୀୟ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପାୱାର୍, ତାଙ୍କ ଝିଅ ସୁପ୍ରିୟା ସୁଲେ ବାସଭବନରେ ପହଞ୍ଚିଥିଲେ।

## ୮୮୦୦...

ସିମେଣ୍ଟ, ସେଲ, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର ବରିଷ୍ଠ ଅଧିକାରୀଙ୍କ ସହ ରାଉରକେଲା ଚ୍ୟାମ୍ବର ଅଫ କମର୍ସର ପଦାଧିକାରୀମାନେ ମଧ ଯୋଗଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ରୌପ୍ୟ ଜୟନ୍ତୀ ସମାରୋହ ଆମକୁ ନୂଆ ମାନସିକତାର ସହ ଆଗକୁ ବଢ଼ିବାର ଅନୁପ୍ରେରିତ କରୁଛି। ଆମେ ଶିଳ୍ପାୟନର ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବାକୁ ପ୍ରେରଣା ଦେଉଛି। ଆମେ ଶିଳ୍ପ ବିପ୍ଳବରେ ଶ୍ରେଷ୍ଠ ରାଜ୍ୟ ହେବା ଏବଂ ଆମେ ଶ୍ରେଷ୍ଠ ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବା। ଏହି ଆତ୍ମବିଶ୍ୱାସର ସହ ରାଜ୍ୟ ସରକାର ଆଗକୁ ବଢୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଚଳିତ ବର୍ଷ ସିଆଇଆଇ ଦ୍ୱାରା ଆୟୋଜିତ ଏଣ୍ଟରପ୍ରାଇଜ ଓଡିଶାର ବିଷୟ ବସ୍ତୁ ହେଉଛି:- ରହିବା, କାମ କରିବା ଓ ବ୍ୟବସାୟ ପାଇଁ ଓଡିଶା ସର୍ବୋତ୍କୃଷ୍ଟ ସ୍ଥାନ। ଅର୍ଥନୈତିକ ବିକାଶ ଓ ଜୀବନ ଧାରଣର ମାନରେ ଉନ୍ନତି ସମାନ୍ତରାଳ ଭାବେ ଆଗକୁ ବଢ଼ିବା ନେଇ ରାଜ୍ୟ ସରକାର ଦେଉଥିବା ନାରାକୁ ଆଜିର ବିଷୟବସ୍ତୁ ପ୍ରମାଣିତ କରୁଛି। ଶିଳ୍ପର ବିକାଶ ଅଧିକ ନିଯୁକ୍ତି ସୁଯୋଗ, ଜୀବନ ଧାରଣରେ ମାନରେ ଉନ୍ନତି ଓ ସହଜ ବ୍ୟବସାୟକୁ ସୁନିଶ୍ଚିତ କରିବା ଜରୁରୀ। ଶିଳ୍ପର ବିକାଶ ପ୍ରତ୍ୟେକ ରାଜ୍ୟବାସୀଙ୍କୁ ସୁରକ୍ଷିତ ଜୀବନଯାପନ ପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟ ସରକାରଙ୍କ ଶିଳ୍ପାୟନ ରଣନୀତି ନେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଫୋକସ ହେଉଛି ସବୁ ଅଞ୍ଚଳରେ କିଛି ବୃହତ ଶିଳ୍ପ ସହ ଏକାଧିକ ଏମଏସଏମଇ ଓ ଆନୁଷଙ୍ଗିକ ଶିଳ୍ପର ବିକାଶ। ଏହାଦ୍ୱାରା ଯୁବପିଢ଼ୀ ଚାକିରି ପାଇଁ ରାଜ୍ୟ ବାହାରକୁ ଯିବେନି। ବରଂ ସୁଯୋଗ ସେମାନଙ୍କ ପାଖରେ ପହଞ୍ଚିବ।

ଆଜି ୧୧ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏହି ୧୧ ପ୍ରକଳ୍ପରେ ୫ହଜାର ୭୦୮ କୋଟି ଟଙ୍କାର ନିବେଶ ସହ ୪୧୮୩ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଆଉ ୩୧୭୬ କୋଟି ଟଙ୍କାର ୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ୯ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୨୬୪୯ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଉରକେଲା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ରାଉରକେଲା ଚ୍ୟାମ୍ବର ଅଫ କମର୍ସ, ଓଡିଶା ସ୍ପଞ୍ଜ ଆଇରନ ଉତ୍ପାଦନ ସଂଘ ଏବଂ ରାଞ୍ଚି ଓ ରାୟପୁରରୁ ଆସିଥିବା ନିବେଶକଙ୍କ ସହ ତିନୋଟି ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ ବୈଠକ କରିଛନ୍ତି। ଏହି ରାଉଣ୍ଡ ଟେବୁଲ ଆଲୋଚନା ବେଳେ ସରକାର ୪୩ ହଜାର ୩୪୯ କୋଟିର ନିବେଶ ପାଇଁ ୨୨ଟି ଶିଳ୍ପ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ୨୨ ଶିଳ୍ପ ସଂସ୍ଥା ଦ୍ୱାରା ୧୮ହଜାର ୯୮୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ ଓଡିଶାରେ ନିବେଶ ପାଇଁ ଆଉ ୫ ନିବେଶକ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟରେ ଆଉ ୮୬୭୭ କୋଟି ଟଙ୍କା ନିବେଶ କରିବା ସହ ୧୪୪୨ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବେଦାନ୍ତ ଆଲୁମିନିୟମର ୩ ନିୟୁତ ଟନ ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟ ଓ ୪୯୦୦ ମେଗାଓ୍ୱାଟ କ୍ଷମତା ସମ୍ପନ୍ନ ନିଜସ୍ୱ ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ କାମାକ୍ଷାନଗରରେ ୧୪୪୭ ଏକର ୯୨୭ ଡିସିମିଲ ଜମି ହସ୍ତାନ୍ତର ମଂଜୁରୀପତ୍ର ପ୍ରଦାନ କରିଛନ୍ତି। ନିକଟରେ ଅନୁଷ୍ଠିତ ୪୧ ତମ ଉଚ୍ଚକ୍ଷମତା ସମ୍ପନ୍ନ କ୍ଲିଅରାନ୍ସ ଅଥୋରିଟି ବୈଠକରେ ଏହି ପ୍ରକଳ୍ପକୁ ମଂଜୁରୀ ମିଳିଥିଲା। ଆଉ ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଏହା ଏକ ବଳିଷ୍ଠ ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗକୁ ସବୁ ଶିଳ୍ପ ପ୍ରକଳ୍ପ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ତାହା ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କେନ୍ଦ୍ର ମନ୍ତ୍ରୀ...

ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ପରି ଏକ ଦୁଃଖଦ ସମୟରେ ଶ୍ରୀ ପାୱାରଙ୍କ ପରିବାର ପ୍ରତି ସମବେଦନା ଜଣାଉଛି। ଶ୍ରୀ ପାୱାରଙ୍କ ଅମର ଆତ୍ମାକୁ ପ୍ରଭୁ ସଦ୍‌ଗତି ଦିଅନ୍ତୁ ବୋଲି ଶ୍ରୀ ମାଝୀ କାମନା କରିଛନ୍ତି। ଏହାଛଡ଼ା ବିରୋଧୀ ଦଳ ନେତା ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି।

## କଟକରେ ନବନିର୍ମାଣ କୃଷକ ସଙ୍ଗଠନର ୮ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ



**କଟକ,୨୮।୧ (ସଂଚାର ବ୍ୟୁରୋ):** ନବନିର୍ମାଣ କୃଷକ ସଂଗଠନ ତରଫରୁ ଦିଆଯାଇଥିବା ୮ ଘଣ୍ଟିଆ ଓଡିଶା ବନ୍ଦର ପ୍ରଭାବ କଟକ ସହରରେ ଦେଖିବାକୁ ମିଳିଛି । ହେଲେ ସ୍ୱାଭାବିକ ହୋଇଛି ବନ୍ଦର ପ୍ରଭାବ କଟକରେ । ସକାଳୁ ଦୋକାନ ବଜାର ଖୋଲି ନ ଥିବା ବେଳେ ୯ଟା ପରଠାରୁ ଖୋଲିଚି ବଜାର। ଆଉ ରାସ୍ତାରେ ମଧ ଗାଡିଗୁଡିକ ଚଳାଚଳ କରୁଥିଲା। ସେହିପରି ଘରୋଇ ବସ ଯାତାୟାତ ସମ୍ପୂର୍ଣ ଠପ ହୋଇଯାଇଥିବା ବେଳେ ସରକାରୀ ଏବଂ ଆମ ବସ ଯାତ୍ରୀଙ୍କୁ ରାସ୍ତାରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ବାହାର ଜିଲ୍ଲାରୁ ଆସିଥିବା ଯାତ୍ରୀ ନାନା ପ୍ରକାର ଦୁର୍ଦ୍ଦଶା ଭୋଗିଥିବା ଦେଖିବାକୁ ମିଳିଛି। ଛକ ଛକରେ ପୋଲିସ ମୁତୟନ କରିଥିଲେ ବି ସଙ୍ଗଠନ ପକ୍ଷରୁ କୌଣସି ପ୍ରକାର ପିକେଟିଂ ବା ପ୍ରତିବାଦ ସଭାର କାର୍ଯ୍ୟକ୍ରମ ମାନ କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। କଟକ ରେଳଷ୍ଟେସନରେ ରେଳ ଚଳାଚଳ କରୁଥିଲେ ବି କୌଣସି ରେଳରୋକ କରାଯାଇ ନ ଥିଲା। ହେଲେ କଂଗ୍ରେସ ଏହି ବନ୍ଦକୁ ସମର୍ଥନ ଦେବ ବୋଲି ପୂର୍ବରୁ ଘୋଷଣା କରିଥିଲା। କଂଗ୍ରେସର ହାତ ଗଣତି କର୍ମୀ ଓ ନେତା ମାନେ ବିଭିନ୍ନ ଛକରେ ପିକେଟିଂ କରିଥିଲେ। ଆଉ ଡବଲ ଇଂଜିନ ସରକାରଙ୍କୁ ଭତ୍ସନା କରିଥିଲେ।

## ହିଞ୍ଜିଳିରେ ବନ୍ଦ ଡାକରା ପ୍ରଭାବଶୂନ୍ୟ

**ହିଞ୍ଜିଳିକାଟୁ,୨୮।୧ (ସଂଚାର ବ୍ୟୁରୋ):** ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ଆଳରେ ମାତ୍ରାଧିକ ଡଣ୍ଡ ଆଦାୟ, ଟାଟା କମ୍ପାନୀର ମନମାନି ବିରୋଧରେ ଆଜି ଓଡ଼ିଶା ବନ୍ଦ ଡାକରା ଦେଇଥିଲା ନବନିର୍ମାଣ କୃଷକ ସଂଗଠନ। ସକାଳ ୬ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ହେଲେ ହିଞ୍ଜିଳିକାଟୁ ଅଞ୍ଚଳରେ କୌଣସି ପ୍ରଭାବ ପଡ଼ି ନ ଥିବା ଜଣାପଡିଛି। ସକାଳେ କିଛି ସମୟ ଘରୋଇ ବସ୍ ନିଜ ଗନ୍ତବ୍ୟସ୍ଥଳକୁ ଗଡିନଥିବା ବେଳେ କିଛି ଯାତ୍ରୀ ପ୍ରଭାବିତ ହୋଇଥିଲେ କିନ୍ତୁ କିଛି ସମୟ ପରେ ବସ୍‌ଗୁଡ଼ିକ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଧର୍ମଘଟକୁ ହାଲୁକା ଭାବି ବସ୍, କାର୍, ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ଧରି ଯେ ଯାହା କର୍ମସ୍ଥଳକୁ ବାହାରି ଯାଇଥିଲେ। ସେହିପରି ସରକାରୀ ବସ ଗୁଡିକ ସମସ୍ତ ପଞ୍ଚାୟତ ହେଡ଼ କ୍ୱାର୍ଟରକୁ ଯାତାୟାତ କରୁଥିବା ଜଣାପଡିଛି। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବା ପାଇଁ ପୁଲିସ ସଜାଗ ରହିଥିଲା।

## ଓଡ଼ିଶା ବନ୍ଦରେ ଗୋପର ଚାଷୀମାନେ ସକ୍ରିୟ

### ଚାଷୀଙ୍କୁ ଅସମ୍ମାନ ବରଦାସ୍ତ କରାଯିବନି: କୃଷକ ନେତା




**ଗୋପ,୨୮।୧ (ସଂଚାର ବ୍ୟୁରୋ):** ଏବେ ରାଜ୍ୟରେ ନୂତନ ସରକାରଙ୍କ ଚାଷୀମାରଣ ନୀତିକୁ ଆଉ ବରଦାସ୍ତ କରାଯିବ ନାହିଁ। ସରକାର ଯଦି ଏହି ନୀତି ବନ୍ଦ ନକରନ୍ତି ଏବଂ ଚାଷୀଙ୍କ ସମସ୍ୟା ସମାଧାନ କ୍ଷେତ୍ର ଯତ୍ନବାନ ନହୁଅନ୍ତି ତେବେ ଆଗାମୀ ଦିନରେ ରାଜ୍ୟ ତଥା ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ତୀବ୍ରତର ହେବ । ସେଥିପାଇଁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ସମ୍ପର୍କ ଗୋପ ଠାରେ ଆୟୋଜିତ ଚାଷୀ ସମାବେଶରେ ରାଜ୍ୟ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଥିଲେ' ସେଥିପାଇଁ ୨୮ ତାରିଖ ବୁଧବାର ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଏହାର ଏକ ଝଲକ ଦେଖିବାକୁ ମିଳିଥିଲା । ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକରାର ପ୍ରଭାବ ପୁରୀ ଜିଲ୍ଲାର ଗୋପ ବ୍ଲକରେ ମଧ ଦେଖିବାକୁ ମିଳିଥିଲା । ଗୋପ ବଜାରର ଚାରିଛକ ଠାରେ ଉଭୟ ପାର୍ଶ୍ୱରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ଉକ୍ତ ବନ୍ଦକୁ ସ୍ୱତପ୍ରତ ଭାବେ ସମ୍ପର୍ଥନ କରିଥିଲେ ଗୋପ ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ସାଧାରଣ ଜନତା ଏବଂ କୃଷକ ସଂଗଠନ । ଏହାଦ୍ୱାରା ଗୋପ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ବନ୍ଦ ରହିଥିଲା ।

## ପାରାଦୀପ ଓ କୁଜଙ୍ଗରେ ବନ୍ଦ ଆନ୍ଦୋଳନ ପ୍ରଭାବଶୂନ୍ୟ



**ପାରାଦୀପ,୨୮।୧ (ସଂଚାର ବ୍ୟୁରୋ):** କୁଜଙ୍ଗ ବଜାରରେ ନବ ନିର୍ମାଣ କୃଷକ ସଂଗଠନର ଓଡିଶା ବନ୍ଦ ଆନ୍ଦୋଳନ ଦେଖିବାକୁ ମିଳିଛି। ଧାନ କିଣାରେ ଅବ୍ୟବସ୍ଥା, ବିଦ୍ୟୁତ ଶୁଳ୍କ ବୃଦ୍ଧି, ସ୍ମାଟ ମିଟର ବସାଇବା, ପ୍ରଦୂଷଣ ପ୍ରମାଣ ପତ୍ର ମାତ୍ରାଧିକ ଜୋରିମାନା ଆଦିକୁ ବିରୋଧ କରି ଆଜି ସଂଗଠନ ପକ୍ଷରୁ ଆଠ ଘଣ୍ଟା ଓଡିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ସଂଗଠନର କିଛି କର୍ମକର୍ତ୍ତା କୁଜଙ୍ଗ ବଜାର ନିକଟରେ ପାଲ ପାରି ବସିଥିଲେ। କଟକ ପାରାଦ୍ୱୀପ ମୁଖ୍ୟ ରାସ୍ତାର ଯାତାୟାତ ସ୍ୱାଭାବିକ ଥିବା ବେଳେ କିଛି ଦୋକାନ କୁ ଛାଡି ଦେଲେ ଅନ୍ୟ ସମସ୍ତ ଦୋକାନ ଖୋଲାଥିବା ଓ ପାରାଦ୍ୱୀପରେ ଏହି ଆନ୍ଦୋଳନ ପ୍ରଭାବ ଶୂନ୍ୟ ଥିବା ଦେଖିବାକୁ ମିଳିଛି।

# ପାଲଟପୁରରେ କର୍କଟ ଓ କିଡ୍‌ନୀ ରୋଗ ଆତଙ୍କ

### ● ୧୦ ବର୍ଷରେ ୧୨୦ରୁ ଅଧିକ ମୃତ ● ବିଷାକ୍ତ ଜଳ ସନ୍ଦେହରେ ୯୦ ନଳକୂପ ସିଲ୍

**ଯାଜପୁର,୨୮।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧୀନ ପାଲଟପୁର ପଞ୍ଚାୟତରେ ଦୀର୍ଘଦିନ ଧରି ଗୁରୁତର ରୋଗ ଆତଙ୍କ ଦେଖାଦେଇଛି। ସ୍ଥାନୀୟ ତଥ୍ୟ ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ କର୍କଟ ଓ କିଡନୀ ରୋଗରେ ୧୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଦାବି ହୋଇଛି। ବର୍ତ୍ତମାନ ମଧ ଅନ୍ୟୁନ ୧୨ ଜଣ ଗୁରୁତର ରୋଗୀ ଚିକିତ୍ସାଧୀନ ଅଛନ୍ତି ବୋଲି ଗ୍ରାମବାସୀ କହୁଛନ୍ତି।

ଏହି ଘଟଣା ଗଣମାଧମରେ ପ୍ରକାଶ ପାଇବା ପରେ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ସଚେତନ ହୋଇଥିଲେ। ପାନୀୟ ଜଳ ବିଭାଗ ପକ୍ଷରୁ ପଞ୍ଚାୟତର ୮୨୭ଟି ଘରୋଇ ଓ ସରକାରୀ ନଳକୂପରୁ ଜଳ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ମୁଖ୍ୟ ପରୀକ୍ଷାଗାରକୁ ପଠାଯାଇଥିଲା। ପ୍ରଥମ ପର୍ଯ୍ୟାୟ ରିପୋର୍ଟ ଆସିବା ପରେ ୧୬୦ଟି ନଳକୂପର ଜଳ ପରୀକ୍ଷାରୁ ୯୦ଟିକୁ ବିଷାକ୍ତ ତଥା ବ୍ୟବହାର ଅପଯୋଗୀ ବୋଲି ଚିହ୍ନଟ କରାଯାଇ ସେଗୁଡ଼ିକୁ ସିଲ୍ କରାଯାଇଛି। ବିଭାଗ ପକ୍ଷରୁ ସତର୍କ ସୂଚନା ଷ୍ଟିକର ଲଗାଇ ଏହି ପାଣି ପିଇବା କିମ୍ବା ରାନ୍ଧଣାରେ ବ୍ୟବହାର ନକରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି।

ସୂତ୍ର ଅନୁସାରେ ପରୀକ୍ଷା ରିପୋର୍ଟରେ କିଛି ନମୁନାରେ ଲିଡ୍, କ୍ୟାଡମିୟମ୍, ଆର୍ସେନିକ୍, ମାଙ୍ଗାନିଜ୍ ଓ ଆଇରନ୍ ପରି ହାନିକାରକ ଧାତୁ ମାତ୍ରା ଅଧିକ ଥିବା ଚିହ୍ନଟ ହୋଇଛି। ଏହିପରି ରାସାୟନିକ ଦୀର୍ଘଦିନ ଶରୀରରେ ପ୍ରବେଶ କଲେ କର୍କଟ, କିଡନୀ ରୋଗ ଓ ଅନ୍ୟାନ୍ୟ ଗୁରୁତର ରୋଗ ସୃଷ୍ଟି ହେବାର ସମ୍ଭାବନା ଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ଏପର୍ଯ୍ୟନ୍ତ ସମସ୍ତ ନଳକୂପର ରିପୋର୍ଟ ଆସିନଥିବାରୁ ପଞ୍ଚାୟତର ସମ୍ପୂର୍ଣ୍ଣ ସ୍ଥିତି ସ୍ପଷ୍ଟ ହୋଇନାହିଁ। ତଥାପି ୧୬୦ରୁ ୯୦ଟି ନଳକୂପର ଜଳ ବିଷାକ୍ତ ବୋଲି ଚିହ୍ନଟ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି। ଦୀର୍ଘ ବର୍ଷ ଧରି ଏହି ପାଣି ବ୍ୟବହାର କରୁଥିବା ଲୋକମାନେ ଏବେ ନିଜ ଓ ପରିବାରର ସ୍ୱାସ୍ଥ୍ୟ ନେଇ ଚିନ୍ତିତ। ଗ୍ରାମବାସୀମାନେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର ଓ ପୂର୍ଣ୍ଣାଙ୍ଗ ଚିକିତ୍ସା ତଦନ୍ତ ପାଇଁ ଦାବି ଉଠାଇଛନ୍ତି।



## ସରକାରୀ ଯୋଜନା ସାତସପନ ▶ ସାତବର୍ଷ ହେଲା ବିଛଣାରେ ରମେଶ ମୁଣ୍ଡା



**ଆନନ୍ଦପୁର,୨୮।୧(ସଂଚାର ବ୍ୟୁରୋ):** ଆଦିବାସୀଙ୍କ ପାଇଁ ଘୋଷିତ ଯୋଜନା କାଗଜରେ ବଡ଼, ଗାଁରେ ସପନ... ନିର୍ବାଚନ ବେଳେ ନେତାଙ୍କ ଭିଡ଼, ଏବେ ଲୋକଙ୍କ ଦୁଃଖ ଶୁଣିବାକୁ ନାହିଁ କାହାର ସମୟ। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଗଡ଼ ବାନ୍ଧଗୋଡ଼ା ପଂଚାୟତ ଅନ୍ତର୍ଗତ ବୁଧୁ ସାହି ଗ୍ରାମର ରମେଶ ମୁଣ୍ଡା ପିଛଲା ସାତ ବର୍ଷ ଧରି ବିଛଣାରେ ପଡ଼ି ରହିଛନ୍ତି। ଶରୀରିକ ପ୍ରତିବନ୍ଧକତା ନିମନ୍ତେ ଦିନକୁ ଦିନ ଅବସ୍ଥା ଅଧିକ ଗୁରୁତର ହେଉଛି।

ପତ୍ନୀ ମଞ୍ଜୁ ମୁଣ୍ଡା କହିବା ମୁତାବକ ଆମ ପାଇଁ ସରକାରୀ ଯୋଜନା ସାତ ସପନ, ରମେଶଙ୍କୁ ପ୍ରତିମାସ ଔଷଧ, ଚିକିତ୍ସା ଓ ଖାଦ୍ୟ ପାଇଁ ନିୟମିତ ଖର୍ଚ୍ଚ ହେଉଥିବା ସତ୍ତ୍ୱେ, ପରିବାରର ଆର୍ଥିକ ସାଧନ ନଥିବାରୁ ଜୀବନ ଦିନକୁ ଦିନ ବିପଦମୁଖୀ ହୋଇପଡ଼ିଛି। ଗାଁ ପଞ୍ଚାୟତ ଓ ଅନ୍ୟାନ୍ୟ ସ୍ଥାନୀୟ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷିତ କରୁଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ମିଳିନାହିଁ।

ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ସରକାରଙ୍କର କାଗଜରେ ଯୋଜନା ଅଛି, ଜୀବନରେ ନାହିଁ"। ପରିବାର ଲୋକଙ୍କ ନିକଟରୁ ଯାହା ଜଣାପଡ଼ିଛି ରମେଶ ମୁଣ୍ଡାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଅସକ୍ତଭତ୍ତା, ବିକଳାଙ୍ଗ ପେନ୍ସନ ଏ ପର୍ଯ୍ୟନ୍ତ ନାହିଁ। ଘର ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ଏବଂ ସ୍ଥାନୀୟ ସହାୟତା ମଧ ଅପର୍ଯ୍ୟାପ୍ତ। ଯେଉଁ ଯୋଜନା ଗରିବଙ୍କ ପାଇଁ, ସେଥିରେ ଗରିବ ଲୋକେ ଅନ୍ତତଃ କାହିଁକି ପାଇପାରୁ ନାହାନ୍ତି ବୋଲି ପ୍ରଶ୍ନ ଉଠିଛି।

ତେବେ ଆନନ୍ଦପୁର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା ସଂଗଠନର କର୍ମକର୍ତ୍ତା ପହଞ୍ଚି ରମେଶ ପାରିବାରଙ୍କୁ ଶୀତ ବସ୍ତ୍ର ପ୍ରଦାନ କରିଛନ୍ତି। ଏବଂ ଏହି ସମସ୍ୟା ବିଷୟରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ରମେଶ କୁ ଦିବ୍ୟଙ୍ଗ ଭତ୍ତା ଓ ଇଲେକ୍ଟ୍ରି ଟ୍ରାଏ ସାଇକେଲ ଯୋଗାଇ ଦେବା ପାଇଁ ମହାବୀର ସେବା ସଂଗଠନର କର୍ମକର୍ତ୍ତା ଦାବି କରିଛନ୍ତି।

## ଗୁଟଖା ବ୍ୟାନ୍‌ର ରିୟଲଟି ଚେକ୍

### ଚାଲିଛି କଳାବଜାରୀ, ମାଲାମାଲ ବ୍ୟବସାୟୀ

**ହିଞ୍ଜିଳିକାଟୁ,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଗୁଟଖା, ତମାଖୁ ବ୍ୟାନ କରାଯିବାକୁ ବିତିଗଲା ପ୍ରାୟ ୭ ଦିନ । ହେଲେ ଏବେ ବି ଖୁଲମଖୁଲା ଭାବେ ମିଳୁଛି ଗୁଟଖା। ଘୋଷଣା ଯେତେ ଜୋରଦାର ବାସ୍ତବ ଚିତ୍ର ସେତେ ଭୟଙ୍କର ପାଲଟିଛି। ନା ଚଢ଼ାଉ କରାଯାଉଛି, ନା ଯାଞ୍ଚ କରାଯାଉଛି । ଏପରିକି ତମାଖୁ ଭୟ ଯୋଗୁଁ କଳାବଜାରୀ ମଧ୍ୟ କରାଯାଉଛି। ତେବେ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖିପାଖ ଅଞ୍ଚଳରେ ଦୋକାନ ମାନଙ୍କରେ କଳାବଜାରୀ ଆରମ୍ଭ ହୋଇଯାଇଛି ।

ଗତ କିଛି ଦିନ ଧରି ବ୍ୟାନ୍ ହେବ ବୋଲି ଆଗରୁ ଆଭାସ ମିଳିଥିବାରୁ, କେତେକ ଦୋକାନୀ ଓ ବ୍ୟବସାୟୀ କୋଟି କୋଟି ଟଙ୍କାର ଗୁଟଖା- ତମାଖୁ ସାମଗ୍ରୀ ଷ୍ଟକ୍ କରି ରଖିଥିବା ଅଭିଯୋଗ ଆସୁଛି। ଯେଉଁ ଜିନିଷ ୨୦ ଟଙ୍କାରେ ୪ଟା ରହିଥିଲା, ତାହା ଏବେ ୨୦ ଟଙ୍କାରେ ୩ଟି ତମାଖୁ ମିଳୁଛି । ଏପରିକି ଲୋକମାନେ ଏବେ ଡହଳ ବିକଳ ହୋଇ ସେସବୁ କିଣୁଛନ୍ତି। ଗ୍ରାହକଙ୍କ ମତରେ, ଯେତେବେଳେ ଏକ ଅଭ୍ୟାସ ରହିଛି, ତାହା ଧୀରେ ଧୀରେ କମାଇବେ। ତେଣୁ ଯେଉଁଠି ମିଳୁଛି, ଯେତେ ଟଙ୍କା ଦେଇ ବି କିଣିବେ ।

ଏପଟେ ଦୋକାନୀଙ୍କ କହିବା ହେଲା ଯେ, "ଜଣେ ଲୋକ ୫ଟା ନେଉଥିଲା, ଏବେ ସେ ୨୦ଟା ନେଉଛି । କାଳେ ଆଉ ମିଳିବନି । ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେବେ, ତେଣୁ ଡର ଭୟରେ ଅଧିକ କିଣୁଛନ୍ତି ।

ତେବେ ପ୍ରଶ୍ନ ଉଠୁଛି , ଏହି ବ୍ୟାନ୍ ରେ ଫାଇଦା କାହାର ? ସାଧାରଣ ଲୋକଙ୍କର ? ନା କଳାବଜାରୀ କରୁଥିବା କିଛି ଚିହ୍ନଟ ଦୋକାନୀ ଓ ମାଫିଆଙ୍କର ?

## ଜିଲ୍ଲାପାଳଙ୍କ ଅଧକ୍ଷତାରେ ସତ୍ୟବାଦୀ ମହୋତ୍ସବ ସମନ୍ୱୟ ବୈଠକ



**ସତ୍ୟବାଦୀ,୨୮।୧ (ସଂଚାର ବ୍ୟୁରୋ):** ସତ୍ୟବାଦୀ ମହୋତ୍ସବ ଚଳିତ ବର୍ଷ ଫେବୃୟାରୀ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ।ଏହି ମହୋତ୍ସବ ର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ ତାରିଖ ଅପରାହ୍ନ ୪ ଘଟିକା ରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।ଗତକାଲି ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଏହି ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ସତ୍ୟବାଦୀ ବିଧାୟକ ତଥା ମହୋତ୍ସବ କମିଟି ର ସଭାପତି ଓମ ପ୍ରକାଶ ମିଶ୍ର ଯୋଗଦେଇଥିଲେ।ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତି ବର୍ଷ ପାଳିତ ହୋଇ ଆସୁଛି। ଏହି ମହୋତ୍ସବ ମାଧମରେ ଆମ ରାଜ୍ୟର ସମୃଦ୍ଧ କଳା ଓ ସାଂସ୍କୃତିକ ଚେତନାକୁ ଅଧିକ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଉଛି ବୋଲି କହିବା ସହ ଏହାକୁ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ଦ୍ଧାରିତ ସମୟ ମଧରେ ସମ୍ପୂର୍ଣ୍ଣ କରି ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ବିଷଦ ଆଲୋଚନା କରାଯାଇ ରାସ୍ତା ମରାମତି, ପାର୍କିଂ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପରିଷ୍କାର ପରିଚ୍ଛନ୍ନତାକୁ ସୁନିୟନ୍ତ୍ରିତ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଂସ୍କୃତି ବିଭାଗ ସହଯୋଗ ରେ ପ୍ରତି ସଂଧ୍ୟାରେ ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ।

## ତୃତୀୟ ଥର ପାଇଁ ସୁନୀଲ ପଟ୍ଟନାୟକ ପ୍ରେସ କ୍ଲବର ସଭାପତି

### ● ତ୍ରିନାଥ ସାହୁ ସମ୍ପାଦକ



**ଫୁଲବାଣୀ,୨୮।୧(ସଂଚାର ବ୍ୟୁରୋ):** ପ୍ରେସ କ୍ଲବର ଦୁଇ ବାର୍ଷିକ ନିର୍ବାଚନ ଆଜି ସମାପ୍ତ ହୋଇଛି। ପୂର୍ବତନ ସଭାପତି ସୁନୀଲ ପଟ୍ଟନାୟକ ତୃତୀୟ ଥର ପାଇଁ ପ୍ରେସ କ୍ଲବର ସଭାପତି ହୋଇଛନ୍ତି ଓ ତ୍ରିନାଥ ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

ଆଜି ଦିନ ୧୧ ଟା ବେଳେ ଦୁଇଜଣ ନିର୍ବାଚନ ଅଧିକାରୀ ସୁବାସ ପ୍ରଧାନ ଓ ଫିଲିମୋହନ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରେସ କ୍ଲବ ଠାରେ ମତଦାନ ଆରମ୍ଭ ହୋଇଥିଲା ଏବଂ ଦୁଇ ନିର୍ବାଚନ ଅଧିକାରୀଙ୍କୁ ଅଜିତ ମହାରଣା ଓ ଅଶୋକ ମହାନ୍ତି ସହାୟତା କରିଥିଲେ। ସମୁଦାୟ ୫ଟି ପଦବୀ ପାଇଁ ତଥା ସଭାପତି, ଉପସଭାପତି, କାର୍ଯ୍ୟକାରୀ ସଭାପତି, ସମ୍ପାଦକ ଓ ସହସମ୍ପାଦକ ପାଇଁ ନିର୍ବାଚନ ହୋଇଥିଲା। ପ୍ରେସ କ୍ଲବର ୪୦ ଜଣ ସଦସ୍ୟଙ୍କ ମଧ୍ୟରୁ ୩୮ ଜଣ ମତଦାନ କରିଥିଲେ। ଶେଷରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତି ରେ ବେଲେଟ ଗଣତି ହୋଇଥିଲା। ସଭାପତି ଭାବେ ସୁନୀଲ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଶାନ୍ତି ବେହେରା, ଉପସଭାପତି - ସୁଜିତ ବେହେରା ଓ ପ୍ରଶାନ୍ତି ପଣ୍ଡା, ସମ୍ପାଦକ ଭାବେ ତ୍ରିନାଥ ସାହୁ, ସହ ସମ୍ପାଦକ ଭାବେ ରମେଶ ପ୍ରଧାନ ଦୁଇ ବର୍ଷ ପାଇଁ ନିର୍ବାଚନ ହୋଇଛନ୍ତି।

## ଜାତୀୟ ଏମ୍‌ୱାଇଜିଏସ୍ ପ୍ରତିଯୋଗିତାରେ ଇଏମ୍‌ଆର୍‌ଏସ୍ ଓଡ଼ିଶା ଦ୍ୱିତୀୟ ସ୍ଥାନ ହାସଲ




**ନବରଙ୍ଗପୁର,୨୮।୧(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଦେଶବ୍ୟାପୀ ପ୍ରାୟ ୨୦୦ ଇଏମ୍‌ଆର୍‌ଏସ୍ ମଧ୍ୟରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ମଡେଲ ଯୁବ ଗ୍ରାମ ସଭା (ଏମ୍‌ୱାଇଜିଏସ୍) ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ଓଡ଼ିଶାର ହିରଲିସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ରାଜ୍ୟ ପାଇଁ ଗୌରବ ଆଣିଛି। ଏମ୍‌ୱାଇଜିଏସ୍ ଜାତୀୟ ପୁରସ୍କାର ସମାରୋହ ୨୮ ଜାନୁଆରୀ ୨୦୨୬ରେ ନୂଆଦିଲ୍ଲୀର ପ୍ରଗତି ମୈଦାନର ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପ୍ରଧାନଶିକ୍ଷକ ଏବଂ ଗାଇଡ୍ ଶିକ୍ଷକଙ୍କ ସହିତ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ମାନ୍ୟବର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଠାରୁ ୭୫ ଲକ୍ଷ ଟଙ୍କା ନଗଦ ପୁରସ୍କାର ଏବଂ ଏକ ସ୍ମାରକୀ ପାଇଥିଲେ। ଏହି ଉତ୍ସବରେ ଏନ୍‌ଇଏସ୍‌ଟିଏସ୍ ର ସଚିବ ଅଜିତ୍ ଶ୍ରୀବାସ୍ତବ ଡେପୁଟି କମିଶନର କୁମୁଦ କୁଶ୍ୱା ଉପସ୍ଥିତ ଥିଲେ। ଏହି ଉଲ୍ଲେଖନୀୟ ସଫଳତା ଇଏମ୍‌ଆର୍‌ଏସ୍, ଓଡ଼ିଶା ମଡେଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟି ଏବଂ ଓଡ଼ିଶା ରାଜ୍ୟ ପାଇଁ ଏକ ଗର୍ବର ମୁହୂର୍ତ୍ତ।

## ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସାମ୍ବତ୍ସରିକ ଉତ୍ସବ




**ଖୋର୍ଦ୍ଧା,୨୮।୧(ସଂଚାର ବ୍ୟୁରୋ):** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସାମ୍ବତ୍ସରିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାତ ମିତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ, ପ୍ରାଣନାଥ ମହାବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କର ରାଜନୈତିକ ଜୀବନ ଓ ଉତ୍ସର୍ଗିକୃତ ସେବାର ଭୂୟଅଶୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣନାଥ ପଟ୍ଟନାୟକଙ୍କ ପୁତ୍ର ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ନିଜର ଅଭିଭାଷଣରେ ନିଜପିତାଙ୍କର ଗରିମାମୟ ଇତିହାସକୁ ବର୍ଣ୍ଣନା କରିବା ସହ ପିଲାଟି ବେଳରୁ ସମସ୍ତ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରି ନିଜ ମାତୃଭୂମିର ହକ ପାଇଁ ଅହରହ ସଂଗ୍ରାମ କରି ପ୍ରାଣ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ । ଉତ୍ତର ଓଡିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରାଣନାଥ ବାବୁଙ୍କ ଜୀବନର ଅନେକ ସଂଘର୍ଷମୟ କାହାଣୀ ଉପରେ ଆଲୋକ ପାତ କରିଥିଲେ । ପୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ସାହିତ୍ୟିକ ଦାସ ବେନହୁର ନିଜର ଅଭିଭାଷଣରେ କହିଥିଲେ ପ୍ରାଣନାଥ ବାବୁ ଦେଖୁଥିବା ସ୍ୱପ୍ନକୁ ସାକାର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଦରକାର । କଲେଜର ଅଧକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ପ୍ରାଣନାଥ କଲେଜ ବିଷୟରେ ବିସ୍ତୃତ ଭାବରେ ବିବରଣୀ ପ୍ରଦାନ କରିଥିଲେ ।

ମହାବିଦ୍ୟାଳୟର ପୂର୍ବତନ ଦୁଇଜଣ ଅଧକ୍ଷ ଓ ଅଧକ୍ଷା ଡ.ପ୍ରଣବ କୁମାର ମହାନ୍ତି ଓ ଡ. ବିନୋଦିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ସଂସଦର ଆଠ ଜଣ ଛାତ୍ରଙ୍କୁ ତଥା ବରିଷ୍ଠ ସିନେ ସାମ୍ବାଦିକ ଦିଲ୍ଲିପ ହାଲିଙ୍କୁ ସମ୍ବଦ୍ଧିତ କରାଯାଇଥିଲା। ଅତିଥିମାନେ ଶ୍ରେଷ୍ଠ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କଳା, ବିଜ୍ଞାନ ଓ ବାଣିଜ୍ୟରେ ଶ୍ରେଷ୍ଠ ସ୍ନାତକ ମାନଙ୍କୁ ସ୍ୱର୍ଣ ପଦକ ପ୍ରଦାନ କରଯାଇଥିଲା।

## ସିପିଆଇ ନୀଳଗିରି ଅଞ୍ଚଳ କମିଟି ପକ୍ଷରୁ ବୈଠକ

**ନୀଳଗିରି,୨୮।୧(ସଂଚାର ବ୍ୟୁରୋ):** ବର୍ଷିଆନ କମ୍ୟୁନିଷ୍ଟ ନେତା ସୀତାରାମ ଦାଶଙ୍କ ସଭାପତିତ୍ୱରେ ଆଜି ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ମୁଖ୍ୟତ ପାର୍ଟିର ସଭ୍ୟ ପଦ ଓ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ପାଇଁ ଆଲୋଚନା କରାଯାଇଥିଲା। ପ୍ରସ୍ତାବିତ କୁଲଡିହା ଅଭ୍ୟାରଣ୍ୟ ଚତୁର୍ପାଶ୍ୱ ରେ




ଅବସ୍ଥିତ ନୀଳଗିରି, ସୋର, ଖଇରା ଔପଦା ଓ ମୟୁରଭଞ୍ଜର କପ୍ତିପଦା ତହସିଲକୁ ନେଇ ୨ଟି ଜିଲ୍ଲା ର ମୋଟ ୭ଟି ତହସିଲରେ ସମନ୍ୱୟ କମିଟି ଗଠନ କରାଯାଇଛି। କୃଷକ ମଞ୍ଚ ଆନ୍ଦୋଳନ ଜରିଆରେ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ଉଦ୍ୟମ ଜାରି ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ଗଣ ପାଣ୍ଠି ଆଦାୟ ଆଗାମୀ ୩୦ ତାରିଖ ରୁ ୭ ଦିନ ଧରି ବିଭିନ୍ନ ଶାଖା ମାନଙ୍କ ରେ ଆଦାୟ କରାଯିବା ନେଇ ନିଷ୍ପତି ଗ୍ରହଣ କରାଯାଇଥିଲା।

## ଟୋକନରେ କାଣ୍ଟଛାଣ୍ଟ, ଚାଷୀ ମୁଣ୍ଡରେ ଚଡ଼କ

# ବଳକା ଧାନ ବିକିବେ କେଉଁଠି ?



**କାକଟପୁର/ଅସ୍ତରଙ୍ଗ,୨୮।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳବାସୀଙ୍କ ମୁଖ୍ୟ ରୋଜଗାର ଧାନ ଚାଷ। ଅନେକ ଚାଷୀ ଅଛନ୍ତି ସଫଳ ଚାଷୀ ଭାବେ ସେ ଅଂଚଳରେ ବେଶ ଜଣାଶୁଣା। ଏ ବର୍ଷ ଭଲ ଧାନ ଅମଳ ହୋଇଛି। ୭୦କୁଇଣ୍ଟାଲରୁ ଅଧିକ ଧାନ ଅମଳ କରିଥିବା ସନ୍ତୋଷ ମଣ୍ଡିରେ ଧାନ ବିକିବାକୁ ୪ଏକର ଜମିର ପଟ୍ଟା ଦେଇ ପଞ୍ଜିକରଣ କରିଥିଲେ। ହେଲେ ତାଙ୍କ ପାଖକୁ ଟୋକନ ଆସିଛି ମାତ୍ର ୧୦କୁଇଣ୍ଟାଲ। ମୁଣ୍ଡରେ ଏବେ ଚଡକ। ଅବଶିଷ୍ଟ ଏତେ

### ପଞ୍ଜିକୃତ ଜମି ଅନୁଯାୟୀ ଆସୁନି ଟୋକନ

### ସାଟେଲାଇଟ୍ ସର୍ଭେ ଆଳରେ ମନଇଚ୍ଛା କାଟୁଛନ୍ତି

### ଅଭାବୀ ବିକ୍ରି ପାଇଁ ବାଟ ମୁକୁଳା

ଗୁଡ଼ାଏ ଧାନ ବିକିବେ କେଉଁଠି ? ଇଏ ହେଉଛି ଭାତ ହାଣ୍ଡିରୁ ଗୋଟିଏ। କେବଳ ସନ୍ତୋଷ ନୁହନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ସାରା ଚାଷୀ ଏମିତି ଟୋକନ କାଣ୍ଟଛାଣ୍ଟର ଶିକାର ହୋଇଛନ୍ତି। ଯେମିତି ଜମିରେ ଚାଷ କରିଥିଲେ ସେହି ଅନୁଯାୟୀ ଟୋକନ ଆସିନି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଅମଳ କରିଥିବା ଚାଷୀ କୁଳରେ ଏବେ ଭାଳେଣି ପଡିଛି। ଅସ୍ତରଙ୍ଗ ବ୍ଲକ ଅଂଚଳରେ ୧୦ଗୋଟି ପ୍ୟାକ୍ସ ଓ କାକଟପୁର ବ୍ଲକରେ ୧୫ଗୋଟି ପ୍ୟାକ୍ସରେ ସବୁଠି ଚାଷୀ ଟୋକନ କାଣ୍ଟଛାଣ୍ଟକୁ ନେଇ ସମାନ ଅଭିଯୋଗ ଆଣୁଛନ୍ତି। ଚାଷୀ ଠାରୁ ଅଧିକ ଧାନ ନ କିଣିବାକୁ ଏହା ଏକ ସୁଚିନ୍ତିତ ଫନ୍ଦି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ହେଲେ ସେମାନଙ୍କ ଗୁହାରି ଶୁଣିବାକୁ କେହି ନାହାଁ।

ସାଟେଲାଇଟି ସର୍ଭେ ଆଳ ଦେଖାଇ ପ୍ୟାକ୍ସ କର୍ତ୍ତୃପକ୍ଷ ହାତ ଟେକି ଦେଉଥିବା ବେଳେ ଚାଷ ହୋଇଥିବା ଜମିକୁ ସାଟେଲାଇଟି କେମିତି ସନ୍ଦିଗ୍ଧ ଦର୍ଶାଇଲା ବୋଲି ଅଭିଯୋଗ ହୋଇଛି। ସେପଟେ ଫିଲଡ ସର୍ଭେ କରିଥିବା ପ୍ୟାକ୍ସ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ଟୋକନରେ କାଣ୍ଟଛାଣ୍ଟ ଦ୍ୱାରା ବଳକା ଧାନ ବିକ୍ରି ନେଇ ଚାଷୀ କେବଳ ଚିନ୍ତାରେ ପଡିନି, ବରଂ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ଅଭାବୀ ବିକ୍ରି ପାଇଁ ବାଟ ମୁକୁଳା କରିଦେଇଛି। ଚାଷୀଙ୍କ ଠାରୁ କମ୍ ଧାନ କିଣିବାକୁ ସରକାର ଏଭଳି ସାଟେଲାଇଟିର ବାହାନା ଓ ଗାଇଡଲାଇନିକୁ ଅସ୍ତ୍ର କରିଥିବା ଅଭିଯୋଗ ହୋଇଛି। ଚାଷୀ ପଞ୍ଜିକରଣ ବେଳେ ଅଂଶୀଦାର ପ୍ରମାଣପତ୍ର ଓ ସ୍ୱୀକାର ପତ୍ର ଅଡୁଆ ସୃଷ୍ଟି କରିଥିଲା। ଯାବତୀୟ ଘଳିଆ ମଧ୍ୟରେ ଅନେକ ଚାଷୀ ସାଜି ପଟ୍ଟାକୁ ଦାଖଲ କରିପାରିନଥିଲେ। ସାଜି ଜମିରେ ଧାନ ଚାଷ କରିଥିଲେ ହେଁ ଉକ୍ତ ପ୍ଲଟ ପଞ୍ଜିକୃତ ହୋଇ ନ ପାରିବାରୁ ଧାନ ବିକ୍ରିରୁ ବାଦ ପଡିଥିଲା। ପରେ ସାଟେଲାଇଟି ସର୍ଭେ ଆଳରେ ମନଇଚ୍ଛା ପ୍ଲଟକୁ ସନ୍ଦିଗ୍ଧ ଦର୍ଶାଇ କଟାଯାଇଥିବା ଅଭିଯୋଗ ହୋଇଛି।

## ପ୍ରଗତି ଫାଉଣ୍ଡେସନ ପକ୍ଷରୁ ପଦ୍ମଶ୍ରୀ ଶରତ ପାତ୍ର ସମ୍ବର୍ଦ୍ଧିତ



**କଟକ,୨୮।୧ (ସଂଚାର ବ୍ୟୁରୋ):** ବାନ୍ଧବସ୍ତ୍ରର ଜନ୍ମଭୂମି ଡିଗିରିଆର ନୂଆପାଟଣାରେ ଜନ୍ମିତ ବିଶିଷ୍ଟ ବାନ୍ଧବୟନକାର ଓ ବାନ୍ଧ ବିଶେଷଜ୍ଞ ଶରତ କୁମାର ପାତ୍ର ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ ହୋଇ ସାରା ଭାରତରେ ଓ ବିଶ୍ୱ ସମ୍ମୁଖରେ କଟକ ଜିଲ୍ଲା ଡିଗିରିଆର ଗୌରବ ବୃଦ୍ଧି କରିଛନ୍ତି। ଏହି ଖବର ପାଇବା ପରେ ତାଙ୍କୁ ଆଜି ଓଡିଶାର ଦୁଇଟି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଫାଉଣ୍ଡେସନ ଓ ସଉରୀ ଚରଣ ପି ଆଣ୍ଡ ଟି ଟ୍ରଷ୍ଟ ପକ୍ଷରୁ ତାଙ୍କ ବାସଭବନରେ ପହଞ୍ଚି ସସ୍ନେହ ଅଭିନନ୍ଦନ ଜଣାଇବା ଏବଂ ଏହି ସୁସମ୍ମାନ ପାଇଁ ତାଙ୍କ ପ୍ରସ୍ତାବକ ଓ ଚୟନକର୍ତ୍ତାଙ୍କୁ ଆନନ୍ଦପରିପୂର୍ତ୍ତ ଧନ୍ୟବାଦ ଅର୍ପଣ କରିଛନ୍ତି। ତାସହ ତାଙ୍କୁ ଉତ୍ତରୀୟ ଓ ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistate, Basudevpur, dated 21.1.2026.

I, Prajnyasri Panda, formerly called Pragnyasree Panda Wife of Amaresh Chandra Panda permanent resident of Vill-Gobindabindha, Po- Beatada, P.s Basudevpur, Dist- Bhadrak, Odisha, Pin- 756168, currently residing at Vill-Gobindabindha, Po- Beatada, Ps- Basudevpur, Dist- Bhadrak, Odisha, Pin-756168. declare that I have changed my name from Pragnyasree Panda to Prajnyasri Panda. Henceforth, I shall be known as Prajnyasri Panda for all purposes.

**PRAJNYASRI PANDA**

# ଓମଫେଡ୍ ବୁଥରେ ଗୁଟଖା ବିକିଲେ ଲାଇସେନ୍ସ ବାତିଲ




● ନିଜସ୍ୱ ଆୟ ୩୦୦ କୋଟି, ସରକାରୀ ଅନୁଦାନରୁ ମିଳିବ ୭୫୦ କୋଟି

● ବିଏମ୍‌ସିର ୧୦୫୦ କୋଟି ଟଙ୍କାର ଚିଠା ବଜେଟ୍

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ) :** ଭୁବନେଶ୍ୱର ମହାନଗର ନିଗମ (ବିଏମସି) ର ୩୮ତମ ସ୍ୱତନ୍ତ୍ର ଚିଠା ବଜେଟ୍ ଉପସ୍ଥାପନ ବୈଠକ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାନଗରପାଳ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଫାଇନାନ୍ସ ଓ ଟାକ୍ସେସନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାଜକିଶୋର ଦାସ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା ମଞ୍ଚାସୀନ ଥିଲେ।

ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଇନ୍ଫୋସିଟିଠାରେ ହେବାକୁ ଥିବା ପଥ ଉତ୍ସବକୁ ଚିତ୍ତାକର୍ଷକ କରିବା ପାଇଁ ସମସ୍ତ କର୍ପୋରେଟଙ୍କର ସହଯୋଗ କାମନା କରିଥିଲେ କମିଶନର ଚଞ୍ଚଳ ରାଣା। ମେୟର ଶ୍ରୀମତୀ ଦାସ ତାଙ୍କ ଅଭିଭାଷଣରେ ବିଏମସିର ଆୟ ବୃଦ୍ଧିକରିବା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଏମସିର ଆୟ ଯେଉଁ ଅନୁପାତରେ ବୃଦ୍ଧି ପାଇବ, ସେହି ଅନୁପାତରେ ୧୫ ଓ ୧୬ ତମ ଫାଇନାନ୍ସ କମିଶନରଙ୍କ ଅନୁଦାନ ମିଳିବ। ତେଣୁ ବିଏମସିର ଆୟ ବୃଦ୍ଧିକରିବା ନିମନ୍ତେ ନିୟମ ଅନୁଯାୟୀ କାର୍ଯ୍ୟକରିବାକୁ ସମସ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି।

ଭଡାରେ ଚାଲିଥିବା ଅର୍ବାନ ହେଲ୍ଥ ଆଣ୍ଡ ୱେଲନେସ୍ ସେଣ୍ଟରକୁ ଏଣିକି ସରକାର ଭଡା ଦେବେନାହିଁ। ସରକାରୀ ଗୃହ କିମ୍ବା ନିଜସ୍ୱ ଗୃହରେ ଚଳାଇବାକୁ ସରକାର ନିର୍ଦ୍ଧେଶ ଦେଇଛନ୍ତି। ତେବେ ବିଏମସିର କୌଣସି ୟୁଏଚ୍ ଡବ୍ଲ୍ୟୁସିକୁ ବନ୍ଦ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ପାଣ୍ଡରା ନିକଟରେ ଅତ୍ୟାଧୁନିକ ମାଛ ମାର୍କେଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବର୍ଷା ଦିନ ପୂର୍ବରୁ ଇସ୍କନ ଓ ରସୁଲଗଡ ଡ୍ରେନ କାମ ବର୍ଷା ଋତୁ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରମୁଖ ଡ୍ରେନ ସହ ବିଭିନ୍ନ ଗଳିକନ୍ଦିରେ ଥିବା ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ମଧ ବର୍ଷାଋତୁ ପୂର୍ବରୁ ସାରିବା ପାଇଁ କୁହାଯାଇଛି। ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ନବୀକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ। ୧ ନମ୍ବର ହାଟପୋଡି ପ୍ରଭାବିତଙ୍କୁ ୩୦ ଦିନ ମଧ୍ୟରେ ଥଇଥାନ କରିବାକୁ ଆଲୋଚନା ହୋଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ୱାର୍ଡରେ ଅଫିସ ନିର୍ମାଣ କରିବାକୁ ମେୟର ପ୍ରସ୍ତାବ ଆଗତ କରିଥିଲେ। ଗୁଟଖା ବିକ୍ରି ବିଏମସି ଅଞ୍ଚଳରେ ସଂପୂର୍ଣ୍ଣ ନିଷେଧ ହେବ। ଭେଣ୍ଡିଂ ଜୋନ୍ ଓ ଓମଫେଡ୍ ବୁଥ୍ ରେ ଗୁଟଖା ବିକ୍ରି କଲେ ଲାଇସେନ୍ସ ବାତିଲ କରାଯିବ। ଗୁଟଖା ଏନଫୋର୍ସମେଣ୍ଟକୁ ଜୋରଦାର କରାଯିବ ବୋଲି କୁହାଯାଇଛି।

● କୃଷି ଗବେଷଣା ଓ ବିସ୍ତାର ଉପରେ ଗୁରୁତ୍ୱ

# ସିୟୁଓ ଏବଂ ଓୟୁଏଟି ମଧରେ ଐତିହାସିକ ଚୁକ୍ତି




**ଭୁବନେଶ୍ୱର, ୨୮।୧(ସଂଚାର ବ୍ୟୁରୋ):** କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ଓ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଓୟୁଏଟି) ମଧ୍ୟରେ କୃଷି ଏବଂ ସହଯୋଗୀ କ୍ଷେତ୍ରରେ ଗବେଷଣା, ନବୋନ୍ମେଷ ଓ ବିସ୍ତାର କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏକ ଐତିହାସିକ ସମ୍ମତି ପତ୍ର (ଏମଓୟୁ) ସ୍ୱାକ୍ଷର ଓ ଆଦାନ–ପ୍ରଦାନ କରାଯାଇଛି। ଏହି ଏମଓୟୁ ଭୁବନେଶ୍ୱରସ୍ଥିତ ଓୟୁଏଟିର କୁଳପତି ସମ୍ମେଳନ କକ୍ଷରେ ସମ୍ପନ୍ନ ହୋଇଥିଲା।

ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଦୁଇ ବିଶ୍ୱବିଦ୍ୟାଳୟର ବରିଷ୍ଠ କର୍ତ୍ତୃପକ୍ଷ ଓ ଅଧାପକମାନଙ୍କ ଉପସ୍ଥିତିରେ ଏହି ସମ୍ମତି ପତ୍ରରେ ସ୍ୱାକ୍ଷର କରିଥିଲେ। ସିୟୁଓ ପକ୍ଷରୁ କୃଷି ବିଭାଗ ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ, ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଓ କୁଳପତିଙ୍କ ବିଶେଷ କାର୍ଯ୍ୟାଧିକାରୀ ଡ଼. ଅନୁପମ ଡାକୁଆ ଉପସ୍ଥିତ ଥିଲେ। ଓୟୁଏଟି ପକ୍ଷରୁ ଗବେଷଣା ନିର୍ଦ୍ଦେଶକ ଡ଼. ନିରଞ୍ଜନ ପାଣ୍ଡା ଓ ଯୋଜନା, ନିରୀକ୍ଷଣ ଓ ମୂଲ୍ୟାୟନ ନିର୍ଦ୍ଦେଶକ (ଡିପିଏମଇ) ଡ଼. ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମତ ପ୍ରକାଶ କରି ପ୍ରଫେସର ଏନ୍. ସି. ପଣ୍ଡା କହିଥିଲେ ଯେ, ଏହି ଏମଓୟୁ ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁଣାତ୍ମକ ଶିକ୍ଷା ଓ ବୈଜ୍ଞାନିକ ସହଯୋଗର ନୂତନ ଦିଗ ଖୋଲିବ। ଏହା ମାଧ୍ୟମରେ ଛାତ୍ର-ଛାତ୍ରୀ, ବୈଜ୍ଞାନିକ ଓ ଅଧାପକମାନଙ୍କ ଆଦାନ–ପ୍ରଦାନ ସହିତ କାର୍ଯ୍ୟପଦ୍ଧତି, ପ୍ରଯୁକ୍ତି, ବୈଜ୍ଞାନିକ ଲେଖା ଓ ସୂଚନାର ସାମୂହିକ ବ୍ୟବହାର ସମ୍ଭବ ହେବ ବୋଲି ସେ କହିଥିଲେ। ଏପରି କାର୍ଯ୍ୟକ୍ରମଗୁଡ଼ିକ କୃଷି ଓ ସହଯୋଗୀ ବିଷୟରେ ବୈଜ୍ଞାନିକ ଜ୍ଞାନ ଓ ପ୍ରାୟୋଗିକ କୌଶଳକୁ ବଢ଼ାଇବା ସହ ଦୀର୍ଘକାଳୀନ ଭାବେ କୃଷକମାନଙ୍କ ଆର୍ଥିକ ଉନ୍ନତି ଓ ରାଜ୍ୟର ଅର୍ଥନୈତିକ ବିକାଶରେ ଅବଦାନ ରଖିବ। ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ଯେ, ଏହି ଏମଓୟୁ ତିନି ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ପାରସ୍ପରିକ ସହମତି ଓ କାର୍ଯ୍ୟଦକ୍ଷତା ଆଧାରରେ ଏହାକୁ ଆଗକୁ ବଢ଼ାଯାଇପାରିବ।

● 'ଓୟୁଏସ୍‌ଏସ୍ ସିଲେକ୍ସନ୍ କମିସନ ରୁଲ୍‌ସ କେବେ କାର୍ଯ୍ୟକାରୀ ହେବ

# ସତ୍ୟପାଠ ଦାଖଲ ଲାଗି ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ

**କଟକ, ୨୮।୧ (ସଂଚାର ବିରୋ):** ପୁଲିସ ନିଯୁକ୍ତି ପାଇଁ ସରକାର ପ୍ରଣୟନ କରିଥିବା ନୂଆ ନିୟମାବଳୀ 'ଓଡ଼ିଶା ୟୁନିଫାଏଡ୍ ସର୍ଭିସେସ୍ ଷ୍ଟାଫ ସିଲେକ୍ସନ୍ କମିସନ ରୁଲ୍‌ସ ୨୦୨୫' କେବେ କାର୍ଯ୍ୟକାରୀ ହେବ, ସେ ନେଇ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପୁଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିଲା। ୨୦୨୫, ଡିସେମ୍ବର ୫ରେ ସରକାର ନୂଆ ନିୟମାବଳୀ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଏହି ନୂଆ ନିୟମାବଳୀ ଅନୁସାରେ ସରକାର ଗଠନ କରିବାକୁ ଥିବା ଚୟନ କମିସନର ସଭାପତି ଓ ସଦସ୍ୟ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ନୂଆ ନିୟମାବଳୀ କାର୍ଯ୍ୟକାରୀ ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ଆଉ କେତେ ଦିନ ଲାଗିବ ବୋଲି ସରକାରଙ୍କୁ ହାଇକୋର୍ଟ ପ୍ରଶ୍ନ କରିଥିଲେ। ଏଥିପାଇଁ ସରକାର ସମୟ ଲୋଡ଼ିଥିବା ବେଳେ ଦୁଇ ସପ୍ତାହ ଭିତରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହିତ ଫେବ୍ରୁଆରି ୧୦କୁ ମାମଲର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନୂଆ ନିୟମାବଳୀ ଅନୁସାରେ ସରକାର ଓଡ଼ିଶା ୟୁନିଫାଏଡ୍ ସର୍ଭିସେସ୍ ଷ୍ଟାଫ ସିଲେକ୍ସନ୍ କମିସନ ଗଠନ କରିବେ। ଏଥିରେ ଅଧ୍ୟକ୍ଷ ଓ ଦୁଇ ଜଣ ସଦସ୍ୟ ରହିବେ। ସାଧାରଣ ପ୍ରଶାସନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଏହି କମିସନ କାର୍ଯ୍ୟ କରିବ। କମିସନ ମୁଖ୍ୟାଳୟ ଭୁବନେଶ୍ୱରରେ ହେବ। ବିଭିନ୍ନ ବିଭାଗ ତରଫରୁ ଗ୍ରୁପ-ସି ଓ ଡି'ରେ ଖାଲିଥିବା ଓ ଖାଲି ହେବାକୁ ଥିବା ପଦ ସଂକ୍ରାନ୍ତରେ କମିସନଙ୍କୁ ପ୍ରତିବର୍ଷ ଜାନୁଆରିରେ ଅବଗତ କରାଯିବ।

## ମାସକରେ ୧୨ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ

**ରାୟଗଡା,୨୮।୧(ସଂଚାର ବ୍ୟୁରୋ):** ରାୟଗଡା ସହର ଇନ୍ଦିରା ନଗର ଷଷ୍ଠ ଲେନ, କସ୍ତୁରୀ ନଗର ପ୍ରମଥ ଲେନ ଏବଂ କତୁରୁ ବସ୍ତିରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତ ମାସରେ ୧୨ ଜଣ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ସୂଚନାରୁ ଜଣାପଡିଛି। ପରବର୍ତ୍ତି ସମୟରେ କିଛି ବ୍ୟକ୍ତିଙ୍କ ଆଖି ହଳଦିଆ ହେବା ସହ ଜଣ୍ଡିସର ଅନ୍ୟ ଲକ୍ଷଣ ଦେଖାଯିବାରୁ ଘରୋଇ ଡାକ୍ତରଙ୍କୁ ଦେଖାଇଥିଲେ। ଘରୋଇ ଡାକ୍ତର ପାଖକୁ ଯାଇ ଚିକିତ୍ସା ପରେ ଜଣ୍ଡିସ ହୋଇଥିବା ଜଣାପଡିଥିଲା। ସାହି ବାସିନ୍ଦା ପ୍ରକାଶ କରିଛନ୍ତି ଯେ, ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନଳ ଯୋଗେ ଜଳ ପ୍ରଦାନ କରାଯାଉଥିବା ପାଣି କିଛି ମାସ ହେଲା ଗୋଳିଆ ଆସୁଛି । ଜଣ୍ଡିସ ବ୍ୟାପିବା ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ପହଞ୍ଚିବା ପରେ ସିଡିଏମଓ ଭି. ସରୋଜିନୀ ଦେବୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୁମା ମହାପାତ୍ର, ଡାକ୍ତର ଶ୍ରୀନିବାସ ସାହୁ, ଡାକ୍ତର ସଂଗ୍ରାମ କେଶରୀ ନିମାଲଙ୍କ ନେତୃତ୍ୱରେ ଅପରାହ୍ନରେ ଉକ୍ତ ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ ସହ ଗସ୍ତ କରିଥିଲେ। ଡାକ୍ତରୀ ଟିମ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରିବା ସହ ଆକ୍ରାନ୍ତ ଘରେ ବ୍ୟବହାର କରୁଥିବା ପାଣିର ନମୁନାକୁ ସଂଗ୍ରହ କରିଥିଲେ।

ଜନଶୁଣାଣି ତାରିଖ ଘୋଷଣା କଲେ ଓଇଆର୍‌ସି

# ଫେବୃଆରୀ ୨ରୁ ଆରମ୍ଭ ହୋଇ ୨୧ରେ ସରିବ

**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଆସନ୍ତା ବର୍ଷ ପାଇଁ ବିଦ୍ୟୁତମୂଲ୍ୟ ଧାର୍ଯ୍ୟ କରିବା ପାଇଁ ଜନଶୁଣାଣି ତାରିଖ, ସମୟ ଓ ସ୍ଥାନ ବିଜ୍ଞାପିତ କରିଛନ୍ତି। ସେଥିପାଇଁ ଆବେଦନକାରୀ, ଆପତ୍ତିକର୍ତ୍ତା ଓ ରାଜ୍ୟ ସରକାରଙ୍କୁ ଆୟୋଗ ଜାନୁଆରୀ ୨୨ରେ ସ୍ୱତନ୍ତ୍ର ଭାବେ ନୋଟିସ ଜାରିକରି ହାଇବ୍ରିଡ ମୋଡରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ଦିନ ଜନଶୁଣାଣିରେ ଗ୍ରୀଡକୋ ଆବେଦନ କରିଥିବା ୨୦୨୬-୨୭ ପାଇଁ ପାଇକାରୀ ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ଦରଖାସ୍ତ ଉପରେ ଗୀତଗୋବିନ୍ଦ ସଦନ ଭୁବନେଶ୍ୱରରେ ୨ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ। ୩ ଓ ୪ ତାରିଖରେ ଯଥାକ୍ରମେ ଓଡ଼ିଶା ବିଦ୍ୟୁତ ଟ୍ରାନ୍ସମିସନ କର୍ପୋରେସନ ଓ ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ଦରଖାସ୍ତ ଉପରେ ଉକ୍ତ ସ୍ଥାନ ଓ ସମୟରେ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଟିପିସିଓଡ଼ିଏଲ ଦରଖାସ୍ତ ଉପରେ ନିଜର ଆପତ୍ତି ଓ ମତାମତ ରଖିବେ। ସେହିପରି ଓଏଚପିସି (ଓଡ଼ିଶା ଜଳ ବିଦ୍ୟୁତ ନିଗମ) ଦରଖାସ୍ତ ଉପରେ ଜନଶୁଣାଣି ଆୟୋଗଙ୍କ କାର୍ଯ୍ୟାଳୟରେ ୬ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ ଏବଂ ସେହିଦିନ ଅପରାହ୍ନ ୩ଟାରେ ଏସଏଲଡ଼ିସି (ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର) ଦରଖାସ୍ତ ଶୁଣାଣି ହେବ। ଓଏଚପିସି ପାଇଁ ୪ ଜଣ ଓ ଏସଏଲଡ଼ିସି ପାଇଁ ୫ ଜଣ ଆପତ୍ତି କର୍ତ୍ତାଙ୍କୁ ନୋଟିସ ଜାରି ହୋଇଛି। ଦ୍ୱିତୀୟ ଦଫାରେ ଟାଟା ପାୱାର ଉତ୍ତର ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଏନଓଡ଼ିଏଲ) ଦରଖାସ୍ତ ଉପରେ ବାଲେଶ୍ୱରର ଏନଓସିସିଆଇ କାର୍ଯ୍ୟାଳୟ, ବାମପଡା, ଛଣପୁରରେ ୧୭ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ।

ୱିଙ୍ଗସ ଇଣ୍ଡିଆରେ ଓଡ଼ିଶା ପ୍ରଦର୍ଶନ କଲା ଭବିଷ୍ୟତର ବିମାନ ଚଳାଚଳ ଦୂରଦୃଷ୍ଟି

# ମହିଳା ନେତୃତ୍ୱ ଓ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ




**ହାଇଦ୍ରାବାଦ/ଭୁବନେଶ୍ୱର, ୨୮।୧ (ସଂଚାର ବ୍ୟୁରୋ):** ହାଇଦ୍ରାବାଦର ବେଗୁମପେଟ୍ ଠାରେ ଆୟୋଜିତ ଏସିଆର ସବୁଠାରୁ ବଡ଼ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ 'ୱିଙ୍ଗସ ଇଣ୍ଡିଆ ୨୦୨୬'ରେ ଓଡ଼ିଶା ସରକାର ଏକ ଆକର୍ଷଣୀୟ ଭାବେ ଅଂଶଗ୍ରହଣ କରିଛନ୍ତି। ଭାରତର ବିମାନ ଚଳାଚଳ କ୍ଷେତ୍ରରେ ରାଜ୍ୟର ବଢୁଥିବା ଭୂମିକାକୁ ପ୍ରତିଫଳିତ କରି ଏହି ପାଭିଲିୟନର ବିଷୟବସ୍ତୁ 'ଓଡ଼ିଶା ଟେକ୍ସ ଫ୍ଲାଇଟ୍' ରଖାଯାଇଛି। ଓଡ଼ିଶା ଷ୍ଟଲରେ ପରିଦର୍ଶକମାନେ ଅନୁଭବ କରୁଛନ୍ତି ଯେ, କିଭଳି ପ୍ରଗତିଶୀଳ ନୀତି, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ଯୋଗାଯୋଗର ସମ୍ପ୍ରସାରଣ, ଦକ୍ଷତା ବିକାଶ ଏବଂ ଦୀର୍ଘକାଳୀନ ଭିତ୍ତିଭୂମି ଯୋଜନା ମାଧ୍ୟମରେ ରାଜ୍ୟ ଏକ ଭବିଷ୍ୟତ-ଉପଯୋଗୀ, ଅନ୍ତର୍ଭୁକ୍ତୀକରଣ ଏବଂ ନିବେଶ-ଅନୁକୂଳ ବିମାନ ଚଳାଚଳ ବ୍ୟବସ୍ଥା ଗଠନ କରୁଛି।

ଏହି ପାଭିଲିୟନରେ ଓଡ଼ିଶାର 'ସମସ୍ତଙ୍କ ପାଇଁ ବିମାନ ଚଳାଚଳ' ଦୂରଦୃଷ୍ଟିକୁ ପ୍ରଦର୍ଶିତ କରାଯାଇଛି। ଏଥିରେ ବିମାନବନ୍ଦର ବିକାଶ, ବିମାନ ଚଳାଚଳ ପ୍ରଶିକ୍ଷଣ, ଡ୍ରୋନ୍ ଇକୋସିଷ୍ଟମ୍, ମରାମତି ଏବଂ ରକ୍ଷଣାବେକ୍ଷଣ ସମ୍ଭାବନା ଏବଂ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକୁ ହାଇଲାଇଟ୍ କରାଯାଇଛି, ଯାହା 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ର ରୋଡମ୍ୟାପ୍ ସହ ଜଡ଼ିତ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ 'ବିମାନ ଚଳାଚଳ କ୍ଷେତ୍ରରେ ମହିଳା' ଶୀର୍ଷକ ରାଉଣ୍ଡ ଟେବୁଲ୍ ଅଧିବେଶନରେ ଜଣେ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହା ବିମାନ ଚଳାଚଳ କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ମହିଳା ନେତୃତ୍ୱ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛି। ହାଇଦ୍ରାବାଦର ବେଗୁମପେଟ୍ ବିମାନବନ୍ଦରରେ ଜାନୁଆରୀ ୨୮ ରୁ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ପରିଦର୍ଶକମାନେ ହଲ୍-ସି, ଷ୍ଟଲ୍ ନମ୍ବର ୨୫-ସିକୁ ଯାଇ ଓଡ଼ିଶାର ଏହି ବିମାନ ଚଳାଚଳ ଯାତ୍ରା ସମ୍ପର୍କରେ ଅଧିକ ଜାଣିପାରିବେ।

● ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା

# ଏନ୍‌ଆଇଏର ତନାଘନା ଜାରି



**ଭୁବନେଶ୍ୱର ୨୮।୧(ସଂଚାର ବ୍ୟୁରୋ):** ରାଜଧାନୀର ଛାତି ଉପରେ ବୋମା ଭିଡ଼ିବା ବେଳେ ବିସ୍ଫୋରଣ ହେବାରୁ ୪ ଜଣ ଗୁରୁତର ହୋଇଛନ୍ତି। ଭୁବନେଶ୍ୱର ସୁନ୍ଦରପଦା ନିୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଆରମ୍ଭ ହୋଇଛି ଏନଆଇଏ ତଦନ୍ତ। ଏନଆଇଏର ଟିମ୍ ଆଜି ସ୍ପଟ୍ ଭିଜିଟ୍ କରିବା ସହ ଯାଞ୍ଚ ଆରମ୍ଭ କରିଛି। ଏହି ବିସ୍ଫୋରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ୍ ଅଛି ନା ନାହିଁ ତା'ର ଖୋଳତାଡ଼ କରୁଛି । ଘଟଣାସ୍ଥଳରୁ ମଧ ସମସ୍ତ ତଥ୍ୟ ସଂଗ୍ରହ କରିଛି ସାଇଣ୍ଟିଫିକ୍ ଟିମ୍। ଏହି ଘଟଣାରେ ଆହତଙ୍କ ନାଁରେ ପୂର୍ବରୁ ରହିଛି ସଙ୍ଗିନ ଅପରାଧିକ ମାମଲା। ଏମାନେ କୌଣସି ବଡ଼ ଧରଣର କାଣ୍ଡ ଘଟାଇବାକୁ ବୋମା ଭିଡୁଥିବା କୁହାଯାଉଛି। ଏଥିପାଇଁ ଏମାନଙ୍କୁ ସୁପାରି ମିଳିଥିଲା। ତାରିଖ ବି ଫିକ୍ସ ହୋଇସାରିଥିଲା। ବୋମା ଭିଡ଼ିବାରେ ଏମାନେ ଯଦି ସଫଳ ହୋଇଥାନ୍ତେ ତେବେ ଘଟାଇଥାନ୍ତେ ବଡ଼ ଧରଣର ଅପରାଧ। ହେଲେ ତା ପୂର୍ବରୁ ସବୁ କିଛି ଫସର ଫାଟି ଯାଇଥିଲା। ଆହତ ଯୁବକ ପେଶାଦାର ଅପରାଧୀ ହୋଇଥିବାରୁ ଏହି ଘଟଣାରେ ମଧ ଆହତଙ୍କ ନାଁରେ ଅପରାଧିକ ମାମଲା ରୁଜୁ ହୋଇଛି।

● ବାଣ ଭିଡୁଥିବା ବେଳେ ବିସ୍ଫୋରଣ

# ଉଡ଼ିଗଲା ଘର ; ଜଣେ ମୃତ



**ବାଲିପାଟଣା,୨୮।୧(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅନ୍ତର୍ଗତ ନରିଶୋ ପଞ୍ଚାୟତ ନିଧୀସାହିରେ ବାଣ ଜଣଙ୍କ ଜୀବନ ନେଇଛି। ମୃତକ ଅଭିନା କାଣ୍ଡି ବାଣ ଭିଡୁଥିବା ବେଳେ ଏହି ଅଘଟଣ ଘଟିଛି। ଅପରପକ୍ଷେ,ଏହି ବିସ୍ଫୋରଣରେ ଘରଟି ସଂପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି। ସେହିପରି ଏହି ଅଘଟଣରେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ପୁନା ଭୋଇ, ପ୍ରମୋଦ ସାହୁ ଓ ରାକେଶ ତିଆଡ଼ି। ସୂଚନାନୁଯାୟୀ, ନିଧୀସାହିର ଏକ ଘରେ ବେଆଇନ ଭାବେ ବାଣ ତିଆରି ଚାଲିଥିଲା। ଅଭିନା, ପୁନା, ପ୍ରମୋଦ ଓ ରାକେଶ ଉକ୍ତ ଘରେ ବାଣ ଭିଡୁଥିବାବେଳେ ଗୋଟିଏ ବାଣ ବିସ୍ଫୋରଣ ହୋଇଥିଲା। ପରେ ନିଆଁ ବାରୁଦ ଗଦାରେ ଲାଗିଯିବାରୁ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ବାଣ ଭିଡୁଥିବା ଅଭିନାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ିଯିବା ସହ ତାଙ୍କ ପାଦ ଗୋଡ଼ରୁ ଅଲଗା ହୋଇଯାଇଥିଲା। ସେହିପରି ପନା, ପ୍ରମୋଦ ମଧ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅଭିନାଙ୍କ ମୃତ୍ୟୁ ହୋଇଯାଇଥିଲା।

ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

# ଗୃହରେ ଉପସ୍ଥାପନ ହେଲାନି ତଦନ୍ତ ରିପୋର୍ଟ

ହାଇକୋର୍ଟଙ୍କ ଉଦ୍‌ବେଗ



**କଟକ, ୨୮।୧ (ସଂଚାର ବିରୋ):** ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିସନ ଦାଖଲ କରିଥିବା ରିପୋର୍ଟ ବିଧାନସଭାରେ ଏ ପର୍ଯ୍ୟନ୍ତ ଉପସ୍ଥାପନ କରାଯାଇ ନଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ବିଧାନସଭା ଅଧିବେଶନରେ ତଦନ୍ତ କମିସନ ରିପୋର୍ଟ ଉପସ୍ଥାପନ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟ ଆଜି ଶୁଣାଣି କରିଥିବା ବେଳେ ଜାନୁଆରି ୩୦ରେ ସବିଶେଷ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି କହିଛନ୍ତି।

ରତ୍ନଭଣ୍ଡାରରେ ରହି ଆସୁଥିବା ଶ୍ରୀଜିଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତିମଣତି ପାଇଁ ପ୍ରସ୍ତୁତ ଏସ୍‌ଓପିର ଅନୁମୋଦନ ଓ ଏ ସଂପର୍କିତ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସଂପୂର୍ଣ୍ଣ କରିବା ଉପରେ ମଧ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଦିଲ୍ଲୀପ କୁମାର ବରାଳଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ୨୦୧୮ରେ ବିଚାର ବିଭାଗୀୟ ତଦନ୍ତ କମିସନ ରିପୋର୍ଟ ଦାଖଲ କରିଥିବା ବେଳେ ସରକାର ବିଧାନସଭାରେ ଏ ପର୍ଯ୍ୟନ୍ତ ଉପସ୍ଥାପନ କରିନାହାନ୍ତି। ଏଥି ସହିତ ଗଣତିମଣତି ପ୍ରକ୍ରିୟା ପାଇଁ ଏସ୍‌ଓପି ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ ରହିଛି। ଗଣତିମଣତି ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଶେଷ କରାଯିବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଥିଲେ। ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ, ତଦନ୍ତ କମିସନ ରିପୋର୍ଟ ଉପସ୍ଥାପନ ପାଇଁ ସରକାର ଆଗ୍ରହୀ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ଏସ୍‌ଓପି ଅନୁମୋଦନ ପରେ ଗଣତିମଣତି କାର୍ଯ୍ୟ ଆଗେଇବ। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟା ପାଇଁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ସହଯୋଗ ନେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

# ବାଇକ୍‌କୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍

## ପୁଅ ମୃତ, ଦମ୍ପତି ଗୁରୁତର




**ଭଦ୍ରକ, ୨୮।୧(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ଦମ୍ପତି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୟୂରଭଞ୍ଜରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଭୁବନେଶ୍ୱର ଯିବା ବେଳେ ଭଦ୍ରକର ଡାହାଣୀଗଡ଼ିଆ ଛକ ନିକଟରେ ଦୁର୍ଘଟଣାର ସାମ୍ନା କରିବାକୁ ପଡ଼ିଛି। ମୃତ ଶିଶୁପୁତ୍ର ହେଲା ଆକାଶ ଜେନା। ଗୁରୁତର ଦମ୍ପତି ହେଲେ ରଜତ ଜେନା ଏବଂ ମିଲି ସିଂ।

ସୂଚନା ଅନୁସାରେ ରଜତ ଜେନା ଆଜି ସକାଳୁ ନିଜ ସ୍ତ୍ରୀ ମିଲି ଏବଂ ପୁଅ ଆକାଶଙ୍କୁ ନେଇ ମୟୂରଭଞ୍ଜରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ସେ ଅପରାହ୍ଣରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଆଗକୁ ବଢୁଥିଲେ। ଏହି ସମୟରେ ସେ ଭଦ୍ରକ ଜିଲ୍ଲାର ଡାହାଣୀଗଡ଼ିଆ ଛକରେ ଏକ ଦୁର୍ଘଟଣାର ସାମ୍ନା କରିଥିଲେ। ବାଇକ ଆରୋହୀ ୩ଜଣଙ୍କୁ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ସହିତ ଦମ୍ପତି ଏବଂ ସେମାନଙ୍କର ପୁଅ ପୋଲ ତଳକୁ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା।

ସ୍ଥାନୀୟ ଲୋକଙ୍କର ଠାରୁ ସୂଚନା ପାଇ ଭଦ୍ରକ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା।

# ଅସୁସ୍ଥ ମାଈହାତୀ ଆଖି ବୁଜିଲା

**ବଲାଙ୍ଗିର, ୨୮।୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦୀର୍ଘ ବର୍ଷେ ହେଲା ହାତୀ ଉପଦ୍ରବ ଲାଗି ରହିଛି। ତେବେ ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଜାମଲିସର ଗାଁ ନିକଟରେ ଏକ ମାଈ ହାତୀର ମୃତଦେହ ପଡିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ଜଇତରା ସେକ୍ସନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ମାଈ ହାତୀ କିଛିଦିନ ହେଲା ଅସୁସ୍ଥ ଥିବା ଯୋଗୁଁ ଖାଦ୍ୟ ଖାଉନଥିଲା। ତା ମୃତ୍ୟୁର କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ମୁରିବାହାଲ ରେଞ୍ଜ ଶିବପ୍ରସାଦ ନାୟକ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

**କନ୍ଧମାଳ , ୨୮।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଏକ ଦୁଷ୍କର୍ମ ମାମଲାର ସାକ୍ଷ୍ୟ ପ୍ରମାଣକୁ ବିଚାର କରି ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତ ରୋହିତ ନାୟକକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧ତାରିଖ ୨୦୨୫ରେ ଅଭିଯୁକ୍ତ ରୋହିତ ନାୟକ ଦାରିଙ୍ଗବାଡ଼ି ଅଞ୍ଚଳର ଏକ ନାବାଳିକାକୁ ତାଙ୍କ ଘରେ ପଶି ଜୋର୍ ଜବରଦସ୍ତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥଲା। ଏ ନେଇ ଦାରିଙ୍ଗବାଡ଼ି ଥାନାରେ ଗତ ୨୦୨୫ ଅପ୍ରେଲ ମାସ ଏକ ତାରିଖ ଦିନ ଏକ ମାମଲା ୬୫/୨୦୨୫ ରୁଜୁ ହୋଇଥିଲା। ଆଜି ପୋକ୍ସୋ କୋର୍ଟ ବିଚାରପତି ଅଭିଯୁକ୍ତ ନାୟକକୁ ଧାରା ୟୁ/ଏସ ୩୩୨(୬) ୩୫୧(୨) ୬୫(୧) ଭାରତୀୟ ନ୍ୟାୟ ସଂହିତା ୪(୨) ପୋକ୍ସ ଧାରାରେ ଦଣ୍ଡିତ କରିଛନ୍ତି।

# ଦୁର୍ଘଟଣା ପରେ ଜଳିଗଲା ବାଇକ୍, ୨ ଗୁରୁତର

**ନୂଆପଡ଼ା, ୨୮।୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଉଦ୍ୟାନବନ୍ଧ ୩୫୩ ନଂ ଜାତୀୟ ରାଜପଥରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତ ଗତିରେ ଥିବା ବାଇକ ଭାରସାମ୍ୟ ହରାଇ ଜଣେ ସାଇକେଲ ଆରୋହୀକୁ ଧକ୍କା ଦେଇଥିଲା ଓ ବାଇକଟି ଘଟଣାସ୍ଥଳରେ ନିଆଁ ଲାଗି ଜଳି ଯାଇଥିଲା। ଯାହାଫଳରେ ବାଇକ୍ ଆରୋହୀ ବୃନ୍ଦାପାଟ ଗ୍ରାମର ମାନସ ମାଝୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ସାଇକେଲ ଆରୋହୀଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଖଣ୍ଡଗିରି ଯାତ୍ରା ଲାଗି ଖଚାଖଚ୍ ଭିଡ଼



**ଭୁବନେଶ୍ୱର,୨୮।୧:** ଜମୁଛି ଖଣ୍ଡଗିରି ଯାତ୍ରା। ସରଗରମ ହେଉଛି ମାହୋଲ। ଯାତ୍ରା ଦେଖିବା ଲାଗି ଲୋକଙ୍କ ଭିଡ଼ ଜମିବାରେ ଲାଗିଛି। ଭଳିକି ଭଳି ଦୋକାନରେ ମଧ ଜନଗହଳି ଲାଗି ରହିଛି। ରାସ୍ତାଘାଟ ପୂରା ଜାମ। ଏଥର ଅଶ୍ଳୀଳ ନୃତ୍ୟ ବନ୍ଦ କରାଯାଇଥିଲେ ବି ଯୁବପିଢ଼ିଙ୍କ ଉତ୍ସାହ ପୂର୍ବପରି ଅତୁଟ ଥିବା ଦେଖାଯାଉଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଯାତ୍ରା ଦେଖିବା ପାଇଁ ବଲିଉଡ଼ରୁ ଜଲିଉଡ଼ ସମସ୍ତ କଳାକାର ଉତ୍ସାହିତ ଅଛନ୍ତି। ସଞ୍ଜ ନଇଁଲେ ଖଣ୍ଡଗିରିରେ ପ୍ରବଳ ଜନସମାଗମ ହେଉଛି। ଭଲ୍ୟୁଣ୍ଟର ଓ ପୁଲିସଙ୍କ ଉପସ୍ଥିତି ଯୋଗୁଁ ଶାନ୍ତିଶୃଙ୍ଖଳାରେ ଚାଲିଛି ଯାତ୍ରା ସମାବେଶ। ଯାତ୍ରାରେ ସାମିଲ ହୋଇଛନ୍ତି ବଲିଉଡ଼ କଳାକାର। ବହୁ ଆଶା ଓ ଅପେକ୍ଷା ପରେ ଯାତ୍ରା ପୂର୍ବରୁ ପୀୟୂଷଙ୍କୁ ମଞ୍ଚ ଚଢ଼ିବା ପାଇଁ କୋର୍ଟଙ୍କ ଅନୁମତି ମିଳିଥିବାରୁ ଫ୍ୟାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ସିଂହ ବାହିନୀର ପ୍ରଥମ ରାତିରେ 'ତୁ ମୋ ବଜରଙ୍ଗୀ' ନାଟକ ଦେଖିବାକୁ ଖଣ୍ଡଗିରି ଯାତ୍ରାରେ ପହଞ୍ଚିଛନ୍ତି ବଲିଉଡ ହିରୋଇନ ଐସୁରିଆ ବେହେରା।

# ଭାଲୁ ଆକ୍ରମଣରେ ୨ ଆହତ

**ଚମ୍ପୁଆ,୨୮।୧ (ସଂଚାର ବ୍ୟୁରୋ):** ଚମ୍ପୁଆ ରେଞ୍ଜ ବାଲିବନ୍ଧ ବନାଞ୍ଚଳର ଅନ୍ଧାରୀ ଖମଣ ଗ୍ରାମର ଦୁଇଜଣ ଭାଲୁ ଆକ୍ରମଣର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଅର୍ଣ୍ଣଳା ପଞ୍ଚାୟତର ଦୁର୍ଗାପୁର ନିକଟରେ ରହିଥିବା ଘଞ୍ଚ ହୁଡିରେ ହୁଡିରେ ରହିଥିବା ଭାଲୁ ଜଙ୍ଗଲରୁ ବାହାରି ଆସି ଅନ୍ଧାରୀ ଖମଣ ନିକଟରେ ରହିଥିବା ଆମ୍ବ ବଗିଚାରେ ରହିଥିଲା। ଅନ୍ଧାରୀଖମଣ ଗ୍ରାମର ସ୍ୱର୍ଗତ ଜାପାନ ମହାନ୍ତଙ୍କ ସ୍ତ୍ରୀ ରତନୀ ମହାନ୍ତ ଓ ଶ୍ରୀରାମ ମୁଣ୍ଡା ଆମ୍ବ ବଗିଚାରେ ମଧ୍ୟାହ୍ନରେ କାମ କରୁଥିଲେ। ଏହି ସମୟରେ ଭାଲୁଟି ଲଟାବୁଦାରୁ ବାହାରି ଆସି ଦୁଇଜଣଙ୍କୁ ଆକ୍ରମଣ କରିଥିଲା। ରତନୀର ଛାତି, ହାତ ଓ ବେକ ପାଖରେ ଗଭୀର କ୍ଷତ ଲାଗିଛି। ଶ୍ରୀରାମ ମୁଣ୍ଡାର ଗୋଡ଼ ଓ ହାତରେ ଆଘାତ ଲାଗିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ପୂର୍ବତଟ ରେଳପଥର ରେକର୍ଡ ସମୟରେ ୨ ହଜାର କୋଟି ଟଙ୍କାର ଯାତ୍ରୀ ରାଜସ୍ୱ ଆୟ



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ରେକର୍ଡ ୨୯୯ ଦିନ ମଧ୍ୟରେ ଯାତ୍ରୀ ରାଜସ୍ୱ ଆୟରେ ୨୦୦୦ କୋଟି ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ସମଗ୍ର ଜୋନରେ ଯାତ୍ରୀ ଯାତାୟାତରେ ନିରନ୍ତର ଅଭିବୃଦ୍ଧି ଏବଂ ଉନ୍ନତ ରେଳ ସେବାକୁ ପ୍ରତିଫଳିତ କରୁଅଛି। ଏହି ସଫଳତା ବର୍ଷକ୍ରମେ ହେଉଥିବା ଲଗାତାର ଉନ୍ନତିକୁ ଦର୍ଶାଉଛି। ଆହୁରିମଧ୍ୟ, ପୂର୍ବତଟ ରେଳପଥ ୨୦୨୪-୨୫ ରେ ୩୦୮ ଦିନ, ୨୦୨୩-୨୪ ରେ ୩୩୧ ଦିନ ଏବଂ ୨୦୨୨-୨୩ ରେ ୩୬୫ ଦିନରେ ୨,୦୦୦ କୋଟି ଅତିକ୍ରମ କରିଥିଲା, ଯାହା ବର୍ଦ୍ଧିତ ଯାତ୍ରୀ ବିଶ୍ୱାସ ଏବଂ ସୁରକ୍ଷା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଜୋନର କେନ୍ଦ୍ରିତ ପ୍ରୟାସକୁ ସ୍ପଷ୍ଟ କରୁଛି। ଯାତ୍ରୀ ରାଜସ୍ୱରେ ବୃଦ୍ଧି ଯାତ୍ରୀ ଜୋନଦ୍ୱାରା ନିଆଯାଇଥିବା ଅନେକ ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଦ୍ୱାରା ପରିଚାଳିତ ହୋଇଛି। ଡିଜିଟାଲ୍ ଟିକେଟିଂ ପ୍ଲାଟଫର୍ମର ବିସ୍ତାର, ଉନ୍ନତ ଷ୍ଟେସନ ସୁବିଧା ସହିତ ଯାତ୍ରୀ ସୁବିଧା ଏବଂ ଯାତ୍ରା ଅଭିଜ୍ଞତାର ନିରନ୍ତର ଉନ୍ନତିକରଣ ରେଳ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ ସମାବେଶୀ କରିଛି। ପାର୍ବଣ ଋତୁ ଚାହିଦା ପୂରଣ କରିବା ପାଇଁ, ପର୍ବ ଏବଂ ଛୁଟିଦିନଗୁଡ଼ିକରେ ୧, ୫୨୩ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହୋଇଥିଲା। ନିରନ୍ତର ସେବା ବୃଦ୍ଧି ପାଇଁ ୧୯ଟି କୋଚ୍ ସ୍ଥାୟୀ ଭାବରେ ଯୋଡିବା ସହିତ ୪, ୦୫୦ ଅତିରିକ୍ତ କୋଚ୍ ସହିତ ୨୦୦ଟି ମେଲ୍/ ଏକ୍ସପ୍ରେସ୍ ଟ୍ରେନ୍ ବୃଦ୍ଧି କରି କ୍ଷମତାକୁ ଆହୁରି ସୁଦୃଢ଼ କରାଯାଇଥିଲା। ଯାତ୍ରା ସୁରକ୍ଷା ଏବଂ ସୁବିଧା ବୃଦ୍ଧି ପାଇଁ ଚାଲିଥିବା ପ୍ରୟାସର ଅଂଶ ଭାବରେ, ଚଳିତ ଆର୍ଥିକ ବର୍ଷରେ ଏଲଏଚବି ରେକ୍ ସହିତ ଦୁଇଟି ଟ୍ରେନ୍ ପ୍ରଚଳନ କରାଯାଇଥିଲା। ତିନୋଟି ନୂତନ ଏକ୍ସପ୍ରେସ୍ ସେବା -ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ୍, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍, ଏବଂ ବ୍ରହ୍ମପୁର-ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରଚଳନ ସହିତ ନେଟୱାର୍କ ସମ୍ପ୍ରସାରଣ ଏବଂ ଉନ୍ନତ ଯୋଗାଯୋଗ ହାସଲ କରାଯାଇଥିଲା।

## ଲଞ୍ଚ ହେଲା ଟାଟା ଏକ୍ସପ୍ରେସ

**ନୂଆଦିଲ୍ଲୀ,୨୮।୧:** ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ଭାରତରେ ଏହାର ନୂଆ ଫ୍ଲିଟ୍ ସେଡାନ୍, ଟାଟା ଏକ୍ସପ୍ରେସ, ପେଟ୍ରୋଲ ଏବଂ ସିଏନ୍‌ଜି ଭାରିଆଣ୍ଟରେ ଲଞ୍ଚ କରିଛି । ଏହି କାରର ମୂଲ୍ୟ ପେଟ୍ରୋଲ ଭାରିଆଣ୍ଟ ପାଇଁ ୫.୫୯ ଲକ୍ଷ (ଏକ୍ସ-ସୋରୁମ୍) ଏବଂ ସିଏନ୍‌ଜି ଭାରିଆଣ୍ଟ ପାଇଁ ୬.୫୯ ଲକ୍ଷ (ଏକ୍ସ-ସୋରୁମ୍) ରଖାଯାଇଛି । ଏକ୍ସପ୍ରେସ କୁ ଖାସ୍ ଭାବରେ ପ୍ରଫେସ୍ନାଲ ଫ୍ଲିଟ୍ ଅପରେଟରମାନଙ୍କ ପାଇଁ ଡିଜାଇନ୍ କରାଯାଇଛି, ଯାହା ଟ୍ୟାକ୍ସି ଏବଂ କମରସିଆଲ୍ ୟୁଜ୍ ପାଇଁ ଭଲ ରେଭେନ୍ୟୁ ଏବଂ କମ ଖର୍ଚ୍ଚକୁ ସକ୍ଷମ କରିଥାଏ। ଏହାର ବୁକିଂ ବର୍ତ୍ତମାନ ସମସ୍ତ ଅଧରାଇଜଡ୍ ଫ୍ଲିଟ୍ ଡିଲରସିପ୍‌ରେ ଆରମ୍ଭ ହୋଇଛି। **ପେଟ୍ରୋଲ ଏବଂ ସିଏନ୍‌ଜି ଇଞ୍ଜିନ୍:** ଟାଟା ଏକ୍ସପ୍ରେସ ରେ କମ୍ପାନୀ ୧.୨-ଲିଟର ରେଭୋଟ୍ରନ୍ ପେଟ୍ରୋଲ୍ ଇଞ୍ଜିନ୍ ଦେଇଛି, ଯାହା ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ଆସିଥାଏ । ପେଟ୍ରୋଲ୍ ଏବଂ ସିଏନ୍‌ଜି ଉଭୟ ଭାରିଆଣ୍ଟର ଲଙ୍ଗ ଟାଇମ୍ ପର୍ଯ୍ୟନ୍ତ ବ୍ୟବହାର ପାଇଁ ଇଞ୍ଜିନିୟର୍ଡ କରାଯାଇଛି । ଟାଟାର ଫୋକସ ଏହି କାରର ଭଲ ମାଇଲେଜ୍, ପାୱାର ଲବଂ କମ୍ ମେଣ୍ଟେନାନ୍ସ ଉପରେ ରଖାଯାଇଛି । ୭୦ ଲିଟର ଡୁଆଲ୍ ସିଏନ୍‌ଜି ସିଲିଣ୍ଡର: ଏକ୍ସପ୍ରେସ ସିଏନ୍‌ଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫିଚର୍ସ ହେଉଛି ଏହାର ୭୦-ଲିଟର (ୱାଟର କରପରସିଟି) ଟ୍ୱିନ୍-ସିଲିଣ୍ଡର ସିଏନ୍‌ଜି ଟ୍ୟାଙ୍କ । ଏହା ଏହାର ସେଗମେଣ୍ଟରେ ସବୁଠାରୁ ବଡ଼ କାପାସିଟି ବିଶିଷ୍ଟ ସିଏନ୍‌ଜି ସେଟଅପ୍ । ବଡ଼ ସିଏନ୍‌ଜି ଟ୍ୟାଙ୍କ ବାରମ୍ବାର ଫ୍ୟୁଏଲ୍ ଭର୍ତ୍ତି କରିବାର ଆବଶ୍ୟକତାକୁ ହ୍ରାସ କରେ, ଦୀର୍ଘ ଦୂରତା ଯାତ୍ରାକୁ ସହଜ କରିଥାଏ । ଡୁଆଲ୍ ସିଏନ୍‌ଜି ସିଲିଣ୍ଡର ଥିବା ସତ୍ତ୍ୱେ, ଟାଟା ଏକ୍ସପ୍ରେସ ଅସମ୍ପୂର୍ଣ୍ଣ ବୁଟ୍ ସ୍ପେସ୍ ପ୍ରଦାନ କରେ । ଟ୍ୱିନ୍-ସିଲିଣ୍ଡର ପ୍ୟାକେଜିଂ ସେଗମେଣ୍ଟର ସର୍ବୋତ୍ତମ ବ୍ୟବହାରଯୋଗ୍ୟ ବୁଟ୍ ସ୍ପେସ୍ ପ୍ରଦାନ କରେ । ଏହା କନଫର୍ମ କରେ ଯେ ଫ୍ଲିଟ୍ ଅପରେଟରମାନେ ଲଗେଜ୍ ଯୋଗୁଁ ବୁକିଂ ହରାଇବାର ବିପଦର ସମ୍ମୁଖୀନ ହୁଅନ୍ତି ନାହିଁ। ଏହି ସମୟରେ, ପେଟ୍ରୋଲ୍ ଭାରିଆଣ୍ଟରେ ୪୧୯ ଲିଟର ବୁଟ୍ ସ୍ପେସ୍ ରହିଛି, ଯାହାକୁ ପେଟ୍ରୋଲ୍ ଫ୍ଲିଟ୍ ସେଡାନ୍ ସେଗମେଣ୍ଟରେ ବଡ଼ ବୋଲି ବିବେଚନା କରାଯାଏ।



## କଣ୍ଟେଣ୍ଟ କ୍ରିଏଟର୍ସ ହେବେ ମାଲାମାଲ




**ନୂଆଦିଲ୍ଲୀ,୨୮।୧:** ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ଖୁସିଖବର। ଚଳିତବର୍ଷ କଣ୍ଟେଣ୍ଟ କ୍ରିଏଟର୍‌ଙ୍କ ଉପରେ ହେବ ଟଙ୍କା ବର୍ଷା। ସେମାନଙ୍କୁ ଅଧିକ ରୋଜଗାର କରିବାରେ ସାହାଯ୍ୟ କରିବା ପାଇଁ ୟୁଟ୍ୟୁବ୍ ଅନେକ ନୂତନ ଉପାୟ ପ୍ରଚଳନ କରୁଛି। ୟୁଟ୍ୟୁବ୍ ସିଇଓ ନିଆଲ ମୋହନ ଏହି ବର୍ଷ ପାଇଁ କମ୍ପାନୀର ଯୋଜନା ଶେୟାର କରିଛନ୍ତି। ଏଥିରେ କ୍ରିଏଟରଙ୍କ ରୋଜଗାର ବୃଦ୍ଧି କରିବା, ଏଆଇ ଉପରେ ଧ୍ୟାନ ଦେବା, Shorts କୁ ଅଧିକ ଆକର୍ଷଣୀୟ କରିବା ସହ ପିଲା ଏବଂ କିଶୋରମାନଙ୍କ ପାଇଁ ସୁରକ୍ଷାକୁ ସୁଦୃଢ଼ କରିବା ସାମିଲ ଅଛି। ଗତ ଚାରି ବର୍ଷ ମଧ୍ୟରେ, ୟୁଟ୍ୟୁବ୍ କ୍ରିଏଟର, କଳାକାର ଏବଂ ମିଡିଆ କମ୍ପାନୀଗୁଡ଼ିକୁ ସେମାନଙ୍କ ବିଷୟବସ୍ତୁ ପାଇଁ ୧୦୦ ଡଲାର ବିଲିୟନରୁ ଅଧିକ ଦେୟ ଦେଇଛି। ଏହି ଧାରା ଏହି ବର୍ଷ ଜାରି ରହିବ। ୨୦୨୬ରେ, ୟୁଟ୍ୟୁବ୍ କ୍ରିଏଟରମାନଙ୍କ ପାଇଁ ବିଭିନ୍ନ ଉପାର୍ଜନକ୍ଷମତା ପଦ୍ଧତିରେ ବିପୁଳ ପରିମାଣରେ ନିବେଶ କରିବାକୁ ଯୋଜନା କରୁଛି, ଯାହା ସେମାନଙ୍କୁ ଶପିଂ ଏବଂ ବ୍ରାଣ୍ଡ ଡିଲ ମାଧ୍ୟମରେ ଟଙ୍କା ରୋଜଗାର କରିବାକୁ ଅନୁମତି ଦେବ। ବର୍ତ୍ତମାନ ଲିଙ୍କ ହୋଇଥିବା ଉତ୍ପାଦ କିଣିବା ପାଇଁ ୟୁଜର୍ସମାନଙ୍କୁ ଅନ୍ୟ ପ୍ଲାଟଫର୍ମକୁ ଯିବାକୁ ପଡେ, କିନ୍ତୁ ଖୁବ ଶୀଘ୍ର ୟୁଜର୍ସମାନେ ୟୁଟ୍ୟୁବ୍ ରେ ସିଧାସଳଖ ଉତ୍ପାଦ କିଣିପାରିବେ। ୟୁଟ୍ୟୁବ୍ କହିଛି ଯେ, ଡିସେମ୍ବରରେ ୧୦ ଲକ୍ଷରୁ ଅଧିକ ଚ୍ୟାନେଲ ଏହାର ଏଆଇ ସୃଷ୍ଟି ଉପକରଣ ବ୍ୟବହାର କରିଥିଲେ। ଏହି ବର୍ଷ ୟୁଜର୍ସମାନେ ଏଆଇ ସାହାଯ୍ୟରେ ସର୍ଟ ଏବଂ ଗେମ୍ସ ମଧ୍ୟ ତିଆରି କରିପାରିବେ। କମ୍ପାନୀ ଏହାର ପ୍ଲାଟଫର୍ମରୁ ଏଆଇ ସହିତ ସୃଷ୍ଟି ହୋଇଥିବା କ୍ଷତିକାରକ ବିଷୟବସ୍ତୁକୁ ହଟାଇବା ପାଇଁ ମଧ୍ୟ ଚେଷ୍ଟା କରିବ। ଏହି ବର୍ଷ ୟୁଜର୍ସମାନେ ୟୁଟ୍ୟୁବ୍‌ରେ ଅନେକ ନୂତନ ଏଆଇ ଫିଚର୍ସ ଦେଖିବାକୁ ପାଇବେ। ୟୁଟ୍ୟୁବ୍ ଏହି ବର୍ଷ ଶିଶୁ ଏବଂ କିଶୋର ୟୁଜର୍ସଙ୍କ ପାଇଁ ଏହାର ପ୍ଲାଟଫର୍ମକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁଛି ଏବଂ ଏହି ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି। ସମ୍ପ୍ରତି ୟୁଟ୍ୟୁବ୍ ନୂତନ ଅଭିଭାବକ ନିୟନ୍ତ୍ରଣ ପ୍ରଚଳନ କରିଛି, ଯେଉଁଥିରେ ମାତାପିତାମାନେ ସେମାନଙ୍କ ଛୋଟ ପିଲାମାନଙ୍କ ପାଇଁ ସର୍ଟ ଦେଖିବା ପାଇଁ ସମୟ ସ୍ଥିର କରିପାରିବେ।




## ଭାରତୀୟ କୁଇକ୍ କମର୍ସ ବଜାରରେ ଡିସକାଉଣ୍ଟ ଝଡ଼

**ନୂଆଦିଲ୍ଲୀ,୨୮।୧:** ଭାରତର କୁଇକ୍ କମର୍ସ ବଜାରରେ ଏବେ ଏକ ବଡ଼ ଧରଣର ମୂଲ୍ୟ ଯୁଦ୍ଧ ବା 'ପ୍ରାଇସ୍ ୱାର' ଆରମ୍ଭ ହୋଇଛି। ଇ-କମର୍ସ ଜଗତର ଦୁଇ ବଡ଼ କମ୍ପାନୀ ଆମାଜନ ଏବଂ ଫ୍ଲିପକାର୍ଟ ଏହି କ୍ଷେତ୍ରରେ ପ୍ରବେଶ କରିବା ପରେ ଏହି ଝଡ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ବ୍ଲିଙ୍କିଟ୍, ଜେପ୍‌ଟୋ ଏବଂ ସ୍ୱିଗି ଇନଷ୍ଟାମାର୍ଟ ପାଇଁ ଚ୍ୟାଲେଞ୍ଜ ବଢ଼ିଯାଇଛି। ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ସବୁ ପ୍ଲାଟଫର୍ମ ବ୍ୟାପକ ରିହାତି ପ୍ରଦାନ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଜାନୁଆରୀ ମାସରେ ହାରାହାରି ରିହାତି ୫୩% ରୁ ବୃଦ୍ଧି ପାଇ ୫୫% ରେ ପହଞ୍ଚିଛି। 'ଆମାଜନ ନାଓ' ନିଜର ରିହାତି ହାରକୁ ୨୬% ରୁ ସିଧାସଳଖ ୫୭% କୁ ବୃଦ୍ଧି କରିଛି। ସ୍କିନ କେୟାର ଭଳି ସାମଗ୍ରୀ ଉପରେ ସର୍ବାଧିକ ୩୫% ପର୍ଯ୍ୟନ୍ତ ରିହାତି ମିଳୁଥିବାବେଳେ ଦୁଗ୍ଧ ଜାତୀୟ ଦ୍ରବ୍ୟରେ କମ୍ ରିହାତି ମିଳୁଛି। ବର୍ତ୍ତମାନ ବ୍ଲିଙ୍କିଟ୍ ପ୍ରାୟ ୪୪-୪୬% ବଜାର ଅଂଶଧନ ସହ ଶୀର୍ଷରେ ରହିଛି। ଏହା ପଛକୁ ଜେପ୍‌ଟୋ (୨୯-୩୦%) ଏବଂ ଇନଷ୍ଟାମାର୍ଟ (୨୩-୨୫%) ରହିଛନ୍ତି। ରିଲାଏନ୍ସର ଜିଓମାର୍ଟ ମଧ୍ୟ ଏହି କ୍ଷେତ୍ରରେ ଦ୍ୱିତୀୟ ବଡ଼ ପ୍ଲେୟାର ହେବାକୁ ଲକ୍ଷ୍ୟ ରଖିଛି। ତେବେ ଏହି ପ୍ରତିଯୋଗିତା ଯୋଗୁଁ କମ୍ପାନୀଗୁଡ଼ିକର ଲାଭ ଉପରେ ଚାପ ପଡୁଛି। ସ୍ୱିଗିର ନେଟ୍ କ୍ଷତି ଗତ ବର୍ଷ ତୁଳନାରେ ପ୍ରାୟ ଦ୍ୱିଗୁଣିତ ହୋଇ ୧,୦୮୧ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୬ ଜାନୁଆରୀରେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଡେଲିଭରି ବଏମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀଗୁଡ଼ିକୁ ବିଜ୍ଞାପନରେ '୧୦ ମିନିଟ୍ ଡେଲିଭରି' ଶବ୍ଦ ବ୍ୟବହାର ନ କରିବାକୁ କୁହାଯାଇଛି।

## ବିଶ୍ୱର ସବୁଠାରୁ ବଡ଼ ସୁନା ଖଣି: ପ୍ରତିବର୍ଷ ଉତ୍ପାଦନ ହୁଏ ୪୮ ଟନ୍ ସୁନା

**ନୂଆଦିଲ୍ଲୀ,୨୮।୧:** ସୁନା ଏବଂ ରୂପାର ମୂଲ୍ୟ ଆକାଶଛୁଆଁ । ସାଧାରଣ ଲୋକ କିଣିବା କଷ୍ଟକର ହୋଇପଡୁଛି। ଭାରତ ସମେତ ବିଶ୍ୱର ଅନେକ ଦେଶରେ ସୁନା ଖଣି ଅଛି, ଯାହା ସେମାନଙ୍କ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କିନ୍ତୁ ଆଜି ଆମେ ଆପଣଙ୍କୁ ବିଶ୍ୱର ସବୁଠାରୁ ବଡ଼ ଖଣି ବିଷୟରେ କହିବୁ। ଇଣ୍ଡୋନେସିଆର ପାପୁଆ ଅଞ୍ଚଳରେ ଏକ ସୁନା ଖଣି ଅବସ୍ଥିତ। ଏହି ସୁନା ଖଣିକୁ ଗ୍ରାସବର୍ଗ କୁହାଯାଏ। ଏହା ବିଶ୍ୱର ସବୁଠାରୁ ବଡ଼ ଏବଂ ଧନୀ ସୁନା



ଖଣି। ଏହି ଖଣି ପ୍ରତିବର୍ଷ ପ୍ରାୟ ୪୮ ଟନ ସୁନା ଉତ୍ପାଦନ କରେ।ଏହା ମୁସଲିମ ବହୁଳ ଇଣ୍ଡୋନେସିଆର ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ।

ଏହି ଖଣିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ସୁନା ବ୍ୟତୀତ, ଏହା ବିଶ୍ୱର ସବୁଠାରୁ ବଡ଼ ତମ୍ବା ଖଣି ମଧ୍ୟରୁ ଗୋଟିଏ। ଗ୍ରାସବର୍ଗ ଖଣିରୁ କଢ଼ାଯାଇଥିବା ଖଣିରେ ସୁନା ଏବଂ ତମ୍ବାର ଉଚ୍ଚ ପରିମାଣ ରହିଛି। ଗ୍ରାସବର୍ଗ ଖଣି ପାପୁଆର ସର୍ବୋଚ୍ଚ ପର୍ବତ ପୁଙ୍କାକ୍ ଜାୟା ନିକଟରେ ଅବସ୍ଥିତ। ଏହି ସମଗ୍ର ଅଞ୍ଚଳ ଟେକ୍ଟୋନିକ୍ ପ୍ଲେଟ୍ ଗତି ଦ୍ୱାରା ଗଠିତ ଏବଂ ଖଣିଜ ଗଚ୍ଛିତରେ ସମୃଦ୍ଧ।

ଇଣ୍ଡୋନେସିଆର ଏହି ଖଣି ବହୁତ ବଡ଼ ପରିମାଣରେ କାର୍ଯ୍ୟ କରେ। ବର୍ତ୍ତମାନ, ସେଠାରେ ୨୦ ହଜାର ଲୋକ କାମ କରନ୍ତି। ଖଣିର ନିଜସ୍ୱ ବିମାନବନ୍ଦର ଏବଂ ବନ୍ଦର ଅଛି। କର୍ମଚାରୀମାନଙ୍କ ପାଇଁ ବାସଗୃହ, ସ୍କୁଲ ଏବଂ ହସ୍ପିଟାଲ ଅଛି। ପୂର୍ବରୁ, ଏକ ମାଇଲ ଚଉଡା ଖାତ ଥିଲା, କିନ୍ତୁ ପୃଷ୍ଠ ଭଣ୍ଡାର ପ୍ରାୟତଃ କ୍ଷୟ ହୋଇଯାଇଛି, ଏବଂ ଉତ୍ପାଦନ ଏବେ ଭୂମି ତଳେ କରାଯାଉଛି। ୨୦୨୩ରେ, ଗ୍ରାସବର୍ଗରୁ ୫୨.୯ ଟନ୍ ସୁନା, ୬୮୦, ୦୦୦ ଟନ୍ ତମ୍ବା ଏବଂ ୧୯୦ ଟନ୍ ରୂପା ଉତ୍ତୋଳନ କରାଯାଇଥିଲା। ଏହା ଏହାକୁ ବିଶ୍ୱର ସର୍ବବୃହତ ଖଣି କରିଥାଏ।ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଏଥିରେ ପ୍ରାୟ ୪୦ ଡଲାର ବିଲିୟନ ମୂଲ୍ୟର ସୁନା ଗଚ୍ଛିତ ଅଛି। ଡଚ୍ ଭୂତତ୍ତ୍ୱବିତ୍ ଜିନ୍-ଜ୍ୟାକ୍ ଡୋଜି 1936 ମସିହାରେ ଏଠାରେ ଖଣିଜ ପଦାର୍ଥ ଆବିଷ୍କାର କରିଥିଲେ। ତଥାପି, ୧୯୬୦ ଦଶକରେ ବଡ଼ ଧରଣର ଖଣି ଆରମ୍ଭ ହୋଇଥିଲା। ସେହି ଦଶକରେ, ଫ୍ରିପୋର୍ଟ ମ୍ୟାକମୋରାନକୁ ଖଣି ଅଧିକାର ଦିଆଯାଇଥିଲା।

## ଏବେ ଭାରତରେ ଶସ୍ତା ହେବ ୱାଇନ୍

**ନୂଆଦିଲ୍ଲୀ,୨୮।୧:** ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମଙ୍ଗଳବାର (ଜାନୁଆରୀ ୨୭, ୨୦୨୬) ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଆମେରିକାକୁ ଶକ୍ତ ଧକ୍କା ଦେଇଛି। ଗ୍ରୀନଲାଣ୍ଡକୁ ନେଇ ଇୟୁ ଉପରେ ଟ୍ରମ୍ପଙ୍କ ଧମକ ମଧ୍ୟ ପ୍ରଭାବହୀନ ହୋଇପଡ଼ିଥିବା ମନେ ହେଉଛି । କିଛି ଦିନ ପୂର୍ବରୁ ଟ୍ରମ୍ପ, ଫ୍ରାନ୍ସର ମଦ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଧମକ ଦେଇଥିଲେ । କିନ୍ତୁ ଏବେ ଏଫଟିଏ ଅଧୀନରେ ଭାରତ ୟୁରୋପୀୟ ଦେଶରୁ ଆସୁଥିବା ମଦର ଦାମ କମ କରିବାକୁ ଯାଉଛି।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ମୁକ୍ତ ବାଣିଜ୍ୟ ଚୁକ୍ତି ପରେ ଭାରତରେ ବିଏମଡବ୍ଲୁ, ଭୋକ୍ସୱାଗନ ଏବଂ ମର୍ସିଡିଜ୍ ଭଳି ୟୁରୋପୀୟ କାର ଉପରେ ଟିକସ ବର୍ତ୍ତମାନର ୧୧୦ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ ପାଇବ । ୟୁରୋପରୁ ଆମଦାନୀ ହେଉଥିବା ସ୍ପିରିଟ୍ ଏବଂ ମଦ ଉପରେ ଟିକସ ୧୫୦ ପ୍ରତିଶତରୁ ୨୦ ରୁ ୩୦ ପ୍ରତିଶତକୁ ହ୍ରାସ ପାଇବ। ଅଲିଭ୍ ତେଲ ଉପରେ ଟିକସ ୪୦ ପ୍ରତିଶତରୁ ଶୂନକୁ ହ୍ରାସ ପାଇବ। ଏହାର ଅର୍ଥ ହେଉଛି, ୟୁରୋପୀୟ ଦେଶଗୁଡ଼ିକୁ ଅଲିଭ୍ ତେଲ ରପ୍ତାନି ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ।



ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକ ବର୍ତ୍ତମାନ ଗ୍ରୀନଲ୍ୟାଣ୍ଡକୁ ନେଇ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ୟୁରୋପୀୟ ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡକୁ ମିଶାଇବା ପାଇଁ ଟ୍ରମ୍ପଙ୍କ ଯୋଜନାକୁ ବିରୋଧ କରୁଛନ୍ତି ଏବଂ କେତେକ ତାଙ୍କ ମତକୁ ଖୋଲାଖୋଲି ସମାଲୋଚନା ମଧ୍ୟ କରିଛନ୍ତି। ଏହି ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗରେ ଡେନମାର୍କକୁ ସମର୍ଥନ କରିଛନ୍ତି । ଏହାକୁ ନଜରରେ ରଖି ଟ୍ରମ୍ପ ୮ଟି ୟୁରୋପୀୟ ଦେଶ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ସେପଟେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଗତ ସପ୍ତାହରେ ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ଟ୍ରମ୍ପଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ।

ମାକ୍ରନଙ୍କ ଏହି ପଦକ୍ଷେପ ଟ୍ରମ୍ପଙ୍କୁ ବିଚଳିତ କରିଥିଲା ଏବଂ ସେ ଫ୍ରାନ୍ସ ମଦ ଓ ସାମ୍ପେନ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ଏପରିକି ସେ କହିଥିଲେ, ମାକ୍ରନ ଖୁବଶୀଘ୍ର ପଦ ଛାଡିବେ। ଶାନ୍ତି ବୋର୍ଡ ହେଉଛି ଯୁଦ୍ଧ ପରେ ଗାଜାରେ ଶାନ୍ତି, ପୁନଃନିର୍ମାଣ ଏବଂ ସ୍ଥିରତା ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ମଞ୍ଚ । ସ୍ଥାୟୀ ସଦସ୍ୟତା ପାଇଁ ୧ ବିଲିୟନ ଡଲାର ଖର୍ଚ୍ଚ ହୁଏ । ଅସ୍ଥାୟୀ ସଦସ୍ୟମାନେ ତିନି ବର୍ଷ ପାଇଁ କାର୍ଯ୍ୟ କରନ୍ତି।

## ରୁପା କିଲୋ ୪ ଲକ୍ଷ



**ଭୁବନେଶ୍ୱର,୨୮।୧(ସଂଚାର ବ୍ୟୁରୋ):** ପ୍ରଥମ ଥର ଭୁବନେଶ୍ୱରରେ ରୁପା କିଲୋ ୪ ଲକ୍ଷ ଟଙ୍କା ହୋଇଛି। ବୁଧବାର ରୁପାର କେଜି ପିଛା ଦର ୧୩ହଜାର ଟଙ୍କା ବୃଦ୍ଧି ପାଇ ୪ ଲକ୍ଷ ଟଙ୍କା ସ୍ତର ସ୍ପର୍ଶ କରିଛି। ଗତ ତିନି ଦିନରେ ରୁପା ୩୫ ହଜାର ଟଙ୍କା ମହଙ୍ଗା ହୋଇଥିଲା।

ଚଳିତ ମାସ ୨୩ ପରଠାରୁ ଏହାର ଦରରେ ୬୦ ହଜାର ଟଙ୍କାର ବୃଦ୍ଧି ଘଟିଛି। ଭୂରାଜନୈତିକ ସଙ୍କଟ, ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ଓ ଆମେରିକା ସହ ବାଣିଜ୍ୟ ରାଜିନାମା ବିଳମ୍ବ ହେଉଥିବାରୁ ରୁପା ଦାମ୍ ବଢ଼ୁଛି।

ଅନ୍ୟ ଏକ କାରଣ ହେଉଛି ଇଲେକ୍ଟ୍ରିକ ଯାନ, ସୋଲାର ପ୍ରକଳ୍ପ ଭଳି ବିଭିନ୍ନ ଶିଳ୍ପ କାର୍ଯ୍ୟରେ ମଧ୍ୟ ବିପୁଳ ରୁପା ବ୍ୟବହାର ହେଉଛି। ଯୋଗାଣଠାରୁ ଚାହିଦା ଅଧିକ ରହୁଥିବାରୁ ରୁପା ମହଙ୍ଗା ହେଉଥିବା ବିଶେଷଜ୍ଞମାନେ କହିଛନ୍ତି।ରୁପା ଭଳି ସୁନା ଦର ମଧ୍ୟ ବଢ଼ିଛି। ବୁଧବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୪୭୦୦ ଟଙ୍କା ବୃଦ୍ଧି ପାଇ ୧,୫୩,୧୫୦ ଟଙ୍କା ହୋଇଛି। ସେହିପରି, ୨୪ କ୍ୟାରେଟ୍ ରୁପା ମୂଲ୍ୟ ୫୧୩୦ ଟଙ୍କା ବୃଦ୍ଧି ପାଇ ୧,୬୭,୦୮୦ ଟଙ୍କା ହୋଇଛି।

ଅନ୍ତର୍ଜାତୀୟ ବଜାରରେ ରୁପାର ଆଉନ୍ସ ପିଛା ଦାମ୍ ୧୧୩.୬୩ ଡଲାର ହୋଇଯାଇଛି। ଚଳିତ ସପ୍ତାହରେ ଏହି ଦର ଏହାର ସର୍ବକାଳୀନ ସର୍ବୋଚ୍ଚ ସ୍ତର ୧୧୭.୬୯ ଡଲାରକୁ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ରୁପା ମୂଲ୍ୟରେ ୬୦ ପ୍ରତିଶତର ବୃଦ୍ଧି ଘଟିଲାଣି। ନିବେଶ ଚାହିଦା, ଯୋଗାଣରେ ସମସ୍ୟା ଓ ଦୁର୍ବଳ ଡଲାର ପ୍ରଭାବରେ ରୁପା ମହଙ୍ଗା ହେଉଛି। ସୁନାର ଆଉନ୍ସ ପିଛା ଦାମ୍ ପ୍ରଥମ ଥର ପାଇଁ ୫୨୦୦ ଡଲାରକୁ ବୃଦ୍ଧି ପାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୧,୭୦,୫୦୯ ଟଙ୍କା ହୋଇଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୫,୧୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୫୧,୪୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୫,୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୫୧,୪୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୬୫,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୫୧,୪୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୬୫,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୫୧,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୭,୩୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୫୩,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୫,୧୭୦ ଓ ୧,୫୧,୪୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୮୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୫ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି ।

## ଗଣତନ୍ତ୍ର ଦିବସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଆଚିଭର ସମ୍ବର୍ଦ୍ଧିତ

**କଳିଙ୍ଗନଗର,୨୮।୧ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି, ଆଜିର ଶିଶୁ କାଲିର ଭବିଷ୍ୟତ, ରାଷ୍ଟ୍ର ନିର୍ମାଣ ପାଇଁ ପିତା ମାତା ନିଜ ଶିଶୁ ମାନଙ୍କୁ ଦାୟିତ୍ୱବାନ ହୋଇ ଗଢି ତୋଳିବାର ଆବଶ୍ୟକ ତା ଅଛି.. ସେହିପରି ଦାନଗଦି ବ୍ଲକ ଗୋବର୍ଦ୍ଧନ ପୁର ପଞ୍ଚାୟତର ଜଣେ ବିସ୍ମୟ କୁନି ଶିଶୁଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛ। ବରିଷ୍ଠ ନାଗରିକ ମଞ୍ଚର ସହଯୋଗରେ ମାନପୁର ଗ୍ରାମର ଇଞ୍ଜିନିଅର ସ୍ୱରାଜ ଚୌଧୁରୀ ଙ୍କର ସୁକନ୍ୟା କୁମାରୀ ପୂର୍ବଜା ଚୌଧୁରୀ ଇଣ୍ଡିଆ ବୁକ ଅଫ ରେକର୍ଡସ ଆଚିଭରଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ, ଏହି ବିସ୍ମୟ କୁନି ଝିଅ ପାଇଁ ଦାନଗଦି ଅଞ୍ଚଳ ସୁନାମ ରଖିଥିବାରୁ ଡାକ୍ତର ସଂଜୀବ କୁମାର ବେହେରା, ସରପଞ୍ଚ ଶୁକଦେବ ମହାନ୍ତି, ମାନପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଙ୍କ ସମେତ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ପ୍ରଶଂସା କରିଥିଲେ



## ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୁବର୍ଣ୍ଣପୁର ବନ୍ଦ



**ସୁବର୍ଣ୍ଣପୁର,୨୮।୧ (ସଂଚାର ବ୍ୟୁରୋ):** ଓଡ଼ିଶା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଡ଼ାକରା ଦିଆଯାଇଥିବା ଓଡିଶା ବନ୍ଦକୁ ସୁବର୍ଣ୍ଣପୁର ଜିଲ୍ଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ବନ୍ଦ ଡାକରାକୁ ଜିଲ୍ଲା କୃଷକ ସଂଗଠନ, କଂଗ୍ରେସ ଦଳ ସହ ଅନ୍ୟାନ୍ୟ ଚାଷୀ ସଂଗଠନ ସ୍ୱତଃ ପ୍ରବୃତ୍ତ ଭାବରେ ନିଜ ସମର୍ଥନ ଘୋଷଣା କରିଥିବା ହେତୁ ଏହି ବନ୍ଦର ପ୍ରଭାବ ସମଗ୍ର ଜିଲ୍ଲାରେ ପଡିଥିବା ଦେଖାଯାଇଛି। ମଣ୍ଡି ବ୍ୟବସ୍ଥାର ସରଳୀକରଣ ସହ ଚାଷୀର ଉତ୍ପାଦିତ ସମସ୍ତ ଧାନକୁ ୩୧୬୯ଟଙ୍କାରେ କିଣିବା ସହ ଟାଟା ପାୱାରର ଶୋଷଣ ବନ୍ଦ କରିବାସହ କୃଷି ମନ୍ତ୍ରୀଙ୍କ ଉପସ୍ଥିତିରେ ଚାଷୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ପ୍ରତିବାଦ ସହ ପଲ୍ୟୁସନ ନାମରେ ନିରିହ ଲୋକଙ୍କଂଠାରୁ ହଜାର ହଜାର ଟଙ୍କା ଫାଇନ ଆଦାୟ ସବୁକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ଆଜିକାର ବନ୍ଦ ଡାକରା ଯୋଗୁଁ ସମସ୍ତ ଦୋକାନ ବଜାର କାର୍ଯ୍ୟାଳୟ ସହ ଜନଜୀବନ ପ୍ରଭାବିତ ହୋଇଥିଲା।

## ଭେଡ଼େନରେ ବନ୍ଦ ଶାନ୍ତିପୂର୍ଣ୍ଣ



**ଭେଡେନ,୨୮।୧ (ସଂଚାର ବ୍ୟୁରୋ):** କୃଷକ ସଂଗଠନ ପକ୍ଷରୁ ଆହୁତ ୧୨ଘଣ୍ଟିଆ ବନ୍ଦ ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଠାରେ ମଧ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଛି । ଫଳରେ ଭେଡେନର ସମସ୍ତ ଦୋକାନ ବଜାର ସ୍ୱତଃସ୍ଫୁର୍ତ୍ତ ଭାବେ ବନ୍ଦ ରହିଥିଲା । ସ୍କୁଲ କଲେଜ ଅଫିସ ବ୍ୟାଙ୍କ ଆଦି ବନ୍ଦ ରହିବା ସହ ଯାନବାହାନ ଚଳାଚଳ ମଧ ବନ୍ଦ ରହିଥିଲା। କୃଷକ ସଂଗଠନ ର ସଦସ୍ୟ ମାନେ ସ୍ଥାନୀୟ ଡ଼ାକବଙ୍ଗଳା ଛକ ରେ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ । ଏହାସହ ତହସିଲ ଅଫିସ କୋର୍ଟ ବ୍ଲକ ଅଫିସ ଆଗରେ ପିକେଟିଂ କରି ବନ୍ଦ କରିଥିଲେ । କେବଳ ହସ୍ପିଟାଲ ଔଷଧ ଦୋକାନ ଖୋଲା ଥିବା ବେଳେ ପଠାଣି ସାମନ୍ତ ପରୀକ୍ଷା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ବନ୍ଦ ରୁ ବାଦ ଦିଆଯାଇଥିଲା । ଭେଡେନ ସମେତ ଥୁଆପାଲି, ସହରା ଟିକ୍ରା ଖୁଣ୍ଟୁଲିପାଲି ମହୁଲପାଲି ଆଦି ଛକ ଗୁଡିକ ରେ ମଧ ବନ୍ଦ ପାଳିତ ହୋଇଥିଲା ।

## ବିଶାଳ ହିନ୍ଦୁ ସମ୍ମିଳନୀ ସମାରୋହ କାର୍ଯ୍ୟକ୍ରମ

**ନୀଳଗିରି,୨୮।୧(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଦୁଇ ନମ୍ବର ଜୋନ ଅଧୀନସ୍ଥ ପାଞ୍ଚଟି ପଞ୍ଚାୟତକୁ ନେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ସଂଘ ପରିବାର ମଧ ସାମିଲ ହୋଇଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆଧାତ୍ମିକବାଦୀ ସଂଗଠନ ର କର୍ମୀ ଯୋଗଦାନ କରିଥିଲେ। ୧୦୮ କଳସ ଯାତ୍ରା ଶଙ୍ଖ ହୁଳହୁଳି ଧ୍ୱନିରେ ଚିନ୍ତାମଣିପୁର ମହାଦେବ ପୋଖରୀରେ ବୁଡାଇ ସେଠାରୁ ନଅଟି ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଶୋଭାଯାତ୍ରା କରି ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ନିକଟସ୍ଥ ମନ୍ଦିର ଡିଅ ପଡିଆ ପର୍ଯ୍ୟନ୍ତ ଆସିବା ପରେ ଯଜ୍ଞ ମଣ୍ଡପ ଠାରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ରଥାରୁଢ଼ ପ୍ରଭୁ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ ଓ ହନୁମାନ ବିଜେ କରିଥିବା ବିଶେଷ ଆକର୍ଷଣ ଥିଲା। ସମ୍ମିଳନୀରେ ୧୦୮ ଥର ନାମ ଯଜ୍ଞ , ହନୁମାନ ଚାଳିଶା ୧୦୮ ଥର ଗାନ, ଘୃତ ଯଜ୍ଞ କରାଯାଇଥିଲା ।

### 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ବିକଳ ଚିତ୍ର

# ଅଭିଶପ୍ତ ଜୀବନ କାଟୁଛନ୍ତି ଯୋଡ଼ିଧାରା ଗ୍ରାମବାସୀ





**ବୈପାରିଗୁଡା,୨୮।୧ (ସଂଚାର ବ୍ୟୁରୋ):** ସରକାରକୁ ଆସିଲା ପରେ ରାଜ୍ୟ ସରକାରଙ୍କ ମୁଖ୍ୟ ତଥା ପ୍ରଥମ ସ୍ଲୋଗାନ ଥିଲା ବିକଶିତ ଗାଁ ବିକଶିତ ଓଡ଼ିଶା। ଏଥି ପାଇଁ ସରକାରୀ ବାବୁମାନେ ଗାଁ ଗାଁରେ ଏହାର ପ୍ରଚାରପ୍ରସାର ପାଇଁ ଲାଗି ପଡିଲେ। କିନ୍ତୁ ବିକଶିତ ଗାଁ ଓ ବିକଶିତ ଓଡ଼ିଶାର ବିକଳ ଚିତ୍ର ଆଜି ଜଳ ଜଳ ହୋଇ ଦିଶୁଛି। ଆଜି ଦେଶ ପାଳନ କରିଛି ୭୭ତମ ସାଧାରଣତନ୍ତ୍ର ଦିବସ। କିନ୍ତୁ ସାଧାରଣ ଲୋକଙ୍କ ଭାଗ୍ୟରେ ଉଦୟ ହେଉନି ବିକାଶର ସୂର୍ଯ୍ୟ। ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ଦେଖିନାହାନ୍ତି ବିକାଶର ପୂନେଇ ରାତି। ସେମାନଙ୍କ ଭାଗ୍ୟ ଆକାଶରେ ଆଜି ପର୍ଯ୍ୟନ୍ତ କେବଳ ଅମାଅନ୍ଧକାରର ରାଜୁତି। ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଜଙ୍ଗଲ ଭିତରେ ଜଙ୍ଗଲୀ ମଣିଷ ପରି ଜୀବନ ଜୀଉଛନ୍ତି ଗାଁର ସମସ୍ତ ଆବାଳବୃଦ୍ଧବନୀତା।

ଆଜି ପର୍ଯ୍ୟନ୍ତ ଗାଁ ଲୋକଙ୍କ ଚଳପ୍ରଚଳ ପାଇଁ ନାହିଁ ରାସ୍ତା, ନଳକୂପ ଦେଖି ନଥିବା ଗ୍ରାମବାସୀ ପାନୀୟ ଜଳ ବୁନ୍ଦାଏ ପାଇଁ ଜମି ମଝିରେ ଗାତ ଖୋଳି ସେହି ପାଣିକୁ ବ୍ୟବହାର କରୁଥିବାର ବିକଳ ଦୃଶ୍ୟ ଦେଖିବାକୁ ମିଳିଛି। ବିଦ୍ୟୁତ ଆଲୋକ କଣ ବୋଲି ଜାଣି ନାହାନ୍ତି ଗ୍ରାମବାସୀ। ଗ୍ରାମର ସମସ୍ତ ପରିବାର ଆଦିବାସୀ କନ୍ଧ ସମ୍ପ୍ରଦାୟର ଏବଂ ସମସ୍ତେ ଅତି ଗରିବ ଶ୍ରେଣୀର ବୋଲି ସରକାରୀ ମାନ୍ୟତା ପାଇଥିଲେ ମଧ କୌଣସି ପରିବାର ଆଜି ପର୍ଯ୍ୟନ୍ତ ଇନ୍ଦିରା ଆବାସ, ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇନଥିବା ଦେଖିବାକୁ ମିଳିଛି। ମୋଟାମୋଟି ଭାବେ କହିବାକୁ ଗଲେ ସରକାରଙ୍କ ସମସ୍ତ ପ୍ରକାରର ଜନହିତକର କାର୍ଯ୍ୟ ତଥା ମୌଳିକ ସୁବିଧା ସୁଯୋଗରୁ ଗ୍ରାମବାସୀ ବଂଚିତ ଥିବା ଦେଖିବାକୁ ମିଳିଛି।

ଏହି ଗାଁର ଦୂରତ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଠାରୁ ୩୭ କିଲୋମିଟର। ଗ୍ରାମପଂଚାୟତ ଠାରୁ ଏହାର ଦୂରତା ୨୦ କିଲୋମିଟର ହେବ। ନିକଟତମ ଗାଁ ବାଲିଭଟ୍ଟା ପର୍ଯ୍ୟନ୍ତ ପିଚୁ ରାସ୍ତାର ବ୍ୟବସ୍ଥା ହୋଇଛି। କିନ୍ତୁ ବାଲିଭଟ୍ଟା ଗାଁ ଠାରୁ ଯୋଡିଧାରା ଗାଁକୁ ଯିବା ପାଇଁ ମାତ୍ର ଅଢେଇ କିଲୋମିଟର ରାସ୍ତା ନିର୍ମାଣ କରିବାରେ ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ଗାଁ ଲୋକେ ଏକ ପାଦଚଲା ରାସ୍ତାକୁ ନିଜ ଗ୍ରାମ ରାଜପଥ ଭାବି ଚାଲି ଯାଉଛନ୍ତି।

ଏହି ଗାଁରେ ମୋଟ ୧୪ ଗୋଟି ପରିବାର ବସବାସ କରୁଥିବା ଦେଖିବାକୁ ମିଳିଛି। ସମସ୍ତେ ଦୈନିକ ମଜୁରୀ ଓ ନିଜ ଜମିରେ ଚାଷବାସ କରି ନିଜର ଜୀବିକା ନିର୍ବାହ କରନ୍ତି। ସରକାରୀ ସୁବିଧା କହିଲେ କେବଳ ଟଙ୍କିକିଆ ଚାଉଳ ଲୋକମାନଙ୍କୁ ମିଳୁଥିବା ବେଳେ ଅନ୍ୟ କୌଣସି ସୁବିଧା ଗ୍ରାମବାସୀ ପାଇଁ ନଥିବା ଗ୍ରାମର ପିତ ମାଣ୍ଡି, ରଘୁନାଥ ମାଣ୍ଡି, ଆଇବ ମାଣ୍ଡି, ସନାଇ ମାଣ୍ଡି, ଉଦୟ ମାଣ୍ଡି ଓ ସତ୍ୟ ମାଣ୍ଡି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ କୋରାପୁଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦେଖାଯାଉ ଗାଁ ଲୋକଙ୍କ ବିକାଶ କଥା କେବେ ବୁଝୁଛନ୍ତି ଜିଲ୍ଲାପାଳ ।

# ଅସହାୟଙ୍କ ପାଇଁ ୧୦୦ ଆବାସ ଘର ତିଆରି କରିବେ ପିଇଓ

**ଗାଇସିଲେଟ,୨୮।୧ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ନିଜ କାମ କରିବା ନିଆରା ଅନ୍ଦାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସୁଥିବା ବେଳେ ଜଣେ ଦକ୍ଷ ପ୍ରଶାସକ ସହିତ ଅସହାୟଙ୍କ ଆଶାର ଭରସା ବିଡିଓ ମହାଶୟ ଅଞ୍ଚଳର ସମଗ୍ର ବିକାଶ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ଦକ୍ଷତା ଓ ସମ୍ବେଦନଶୀଳତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଜଣେ କୁଶଳ ପ୍ରଶାସକ ହେବା ସହିତ ସେ ସମାଜର ଗରିବ, ଅସହାୟ ଓ ପଛୁଆ ବର୍ଗର ଲୋକମାନଙ୍କ ପାଇଁ ଭରସାର ନାମ ହୋଇଉଠିଛନ୍ତି। ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ରାସ୍ତା, ପାଣି, ବିଦ୍ୟୁତ, ଆବାସ, ପେନ୍ସନ୍, ରେସନ୍ ଭଳି ମୂଳଭୂତ ସୁବିଧା ନେଇ ସେ ସଦା ସକ୍ରିୟ। ସାଧାରଣ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣି ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବା ତାଙ୍କର ପ୍ରଶାସନିକ ଶୈଳୀର ମୂଳ ଲକ୍ଷଣ। ବିଶେଷକରି ଅସହାୟ, ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଗରିବ ପରିବାରମାନଙ୍କ ପାଇଁ ସରକାରୀ ଯୋଜନାର ସଠିକ୍ ଲାଭ

### ଗାଇସିଲେଟ ବିଡିଓଙ୍କ ନିର୍ଦ୍ଦେଶ

ପହଞ୍ଚାଇବାରେ ବିଡିଓ ମହାଶୟଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଦୂରଦୂରାନ୍ତ ଗ୍ରାମକୁ ଯାଇ ସ୍ଥଳୀୟ ତଦନ୍ତ, ସମୀକ୍ଷା ଓ ଲୋକସମ୍ପର୍କ ତାଙ୍କୁ ସାଧାରଣ ମନୁଷ୍ୟଙ୍କ ନିକଟକୁ ଆଣିଛି।

ତେବେ ବିଭିନ୍ନ ଗ୍ରାମକୁ ବୁଲୁଥିବା ସମୟରେ ତାଙ୍କ ନଜରକୁ ଆସିଥିଲା ଆବାସ ଯୋଜନା ପାଇଥିବା ହିତାଧିକାରୀ ମାନେ ଘର ତିଆରି କରି ପାରୁ ନାହାନ୍ତି । କାରଣ ତାଙ୍କ ମଧ୍ୟରୁ ଅନେକ ଲୋକ ଶଯ୍ୟାଶାୟୀ, ଦୁର୍ବଳ, ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ପକ୍ଷ୍ୟାଘାତ ଶ୍ରେଣୀର ହିତାଧିକାରୀ। ତେଣୁ ନିଜ ଗୃହ କାର୍ଯ୍ୟ ନିଜେ ସମ୍ପାଦନ କରିପାରୁ ନାହାନ୍ତି । ଏସବୁକୁ ଆଖି ଆଗରେ ରଖି ବିଡିଓ ମହାଶୟ ତୁରନ୍ତ ସମସ୍ତ ପିଇଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବ୍ଲକର ୧୯ ଗୋଟି ଗ୍ରାମପଞ୍ଚାୟତର ପ୍ରାୟ ୧୦୦ ଜଣ ଅସହାୟ ହିତାଧିକାରୀଙ୍କ ଗୃହ ନିର୍ମାଣ କରିବା ପାଇଁ । ତେବେ ବିଡିଓଙ୍କ ଏଭଳି ମହତ୍ କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମତାନୁସାରେ, "ବିଡିଓ ମହାଶୟ କେବଳ ଏକ କାର୍ଯ୍ୟାଳୟରେ ସୀମିତ ପ୍ରଶାସକ ନୁହନ୍ତି, ସେ ପ୍ରକୃତରେ ଗରିବ ଅସହାୟ ଲୋକଙ୍କ ସତ୍ୟ ସାଥୀ। ଦକ୍ଷ ପ୍ରଶାସନ, ସ୍ୱଚ୍ଛତା ଓ ମାନବିକ ଭାବନାର ସମନ୍ୱୟ ଦ୍ୱାରା ବିଡିଓ ମହାଶୟ ଆଜି ଏକ ଆଦର୍ଶ ପ୍ରଶାସକ ଭାବେ ପରିଚିତ।

### ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ

## ୧୦୦ ଦିନିଆ ସାଇକେଲ ଯାତ୍ରାର ଶୁଭାରମ୍ଭ



**କନ୍ଧମାଳ,୨୮।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କରୋନେସନ ପଡ଼ିଆରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ୧୦୦ ଦିନିଆ ଏକ ସାଇକେଲ ରାଲି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମାନ୍ୟବର ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କଲେକ୍ଟର ଶ୍ରୀ ବେଦଭୂଷଣ ,ଏସପି ହରିସ୍ ବିଶି , ଜିଲ୍ଲା ଆଇନ ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି ପିଡି-ଡ୍ରୁଡ଼ା ଶ୍ରୀ ପ୍ରବୀଣ କୁମାର ବାଣୁଆ, ସମାଜ ମଙ୍ଗଳ ବିଭାଗର ପିଓ-କମ୍-ପିଓ- ମିଶ୍ ସରୋଜଲତା ଦେଇ , ପିଇଓ ସୌଦାମିନୀ ଦାସ ତଥା ହବ୍ କର୍ମଚାରୀଙ୍କ ସହିତ ଡିସି ଶ୍ରୀ ଦୀପକ୍ କୁମାର ସାହୁ, ଡିସିପିଓ- ରଶ୍ମିତା କରଣ,ସିଡିପିଓ ବୈଜୟନ୍ତୀ ମଲ୍ଲିକ, ଅଙ୍ଗନବାଡ଼ି କର୍ମୀ ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସମନ୍ୱୟ ରେ ଆୟୋଜିତ ହୋଇଥିଲା । ଏହି ରାଲିରେ ପ୍ରାୟ ୧୫୦ ଜଣ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲା।

## ଜିଲ୍ଲାସ୍ତରୀୟ ଯୌତୁକ ନିଷେଧ ଅଧିନିୟମ ପ୍ରଶିକ୍ଷଣ ଶିବିର



**କନ୍ଧମାଳ,୨୮।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଯୌତୁକ ନିଷେଧ ୧୯୬୧ ବିଷୟରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର, ଫୁଲବାଣୀ ସିଡିଏମ୍ଓ ସନ୍ତୋଷ କୁମାର ପାଢ଼ୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ନେହଲତା ସାହୁ ପ୍ରମୁଖଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମକର୍ତ୍ତା ଯଥା ପିଓ, କମ୍, ପିଓ-ମିସ୍ ସରୋଜଲତା ଦେଇ, ହବ୍ ଷ୍ଟାଫ, ପୋଲିସ୍ ସେଲ୍, ଓକିଲ, ସବ୍ କଲେକ୍ଟର ଭିକାରୀ ସାହୁ, ଏନଜିଓ ଶିକ୍ଷା ଅନୁଷ୍ଠାନ, ଏସେଜି ମହିଳା ଓ ଏସସି ଷ୍ଟାଫ୍, ଶକ୍ତି ସଦନ ଷ୍ଟାଫ୍, ମନ୍ଦିର ପୂଜାରୀ, ଚର୍ଚ୍ଚ ଫାଦର୍, ମସଜିଦ ଇମାମ୍ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଯୌତୁକ ନିଷେଧର ବିଭିନ୍ନ ଦିଗ, ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାରେ ନୂତନ ଭାବରେ କାର୍ଯ୍ୟ କରୁଥିବା ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଓ ମିଶନଶକ୍ତି ଦ୍ୱାରା କରାଯାଇଥିଲା। ଶେଷରେ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ସୁନ୍ଦରଗଡ଼,୨୮।୧ (ସଂଚାର ବ୍ୟୁରୋ):** ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହୋଇଥିଲା । ଉଦ୍ଘାଟନୀ ଉତ୍ସବରେ ଏନଟିପିସି ଦର୍ଲିପାଲିର ଏଚଆର ସଞ୍ଜିତ ମିଞ୍ଜ, ଏଜିଏମ ସମୀର ଭଞ୍ଜ ଓ ଅମନ ଉପାଧ୍ୟାୟ ଯୋଗଦାନ କରି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଉଦଯାପନୀ ଉତ୍ସବରେ ଦର୍ଲିପାଲି ଷ୍ଟେଟ ବ୍ୟାଙ୍କର ମ୍ୟାନେଜର କମଳ କୁମାର ଓରାମ ଯୋଗଦାନ କରି ଖେଳାଳି ମାନଙ୍କୁ ପୁରସ୍କୃତ କରି । ଖେଳ ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ନାଏକ ଖେଳ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ଅରୁଣିମା' କାର୍ଯ୍ୟକ୍ରମ

## ୩୦୦ରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀଙ୍କୁ ମିଳିଲା 'ଜ୍ୟୋତି ଫେଲୋସିପ୍'



**ଯାଜପୁର ରୋଡ଼,୨୮।୧(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍)ର ଏକ ପ୍ରମୁଖ କାର୍ଯ୍ୟକ୍ରମ 'ଅରୁଣିମା'ର ୯ମ ସଂସ୍କରଣ ସୁକିନ୍ଦା କଲେଜ ପରିସରରେ ଶୁଭାରମ୍ଭ ହୋଇଯାଇଛି। ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି, ମହିଳା ଏବଂ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଏକ ଅଭିନବ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ଡଃ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଦାନଗଦି ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ ।

ଏହି ଅବସରରେ ୩୦୦ରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଜ୍ୟୋତି ଫେଲୋସିପ୍' ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗର କ୍ଲଷ୍ଟର ହେଡ୍ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି, ଗତ ନଅ ବର୍ଷ ମଧ୍ୟରେ 'ଅରୁଣିମା' ଏପରି ଅନେକ ଯୁବକ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇଛି। ଏଥିରେ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ୍-ଇନ୍‌ଚାର୍ଜ ସୁଶାନ୍ତ ମିଶ୍ର, ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ ମୁଖ୍ୟ ଦେବଦୂତ ମହାନ୍ତି, ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ପ୍ରଶାନ୍ତ ନନ୍ଦ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ ଏଥିକ୍ସ କାଉନସେଲର ଭି. ଶ୍ରୀଦେବୀ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ଟ୍ରାଇବାଲ ଆଇଡେଣ୍ଟିଟି ଆଣ୍ଡ ଅର୍ବାନ ସର୍ଭିସେସ ମୁଖ୍ୟ ଜିରେନ ଟପନୋ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ କଳିଙ୍ଗନଗରର କ୍ଲଷ୍ଟର ହେଡ୍ ଦେବାଞ୍ଜନ ମୁଖାର୍ଜୀ ପ୍ରମୁଖ ସାମିଲ ଥିଲେ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ବାଲିକୁଦା,୨୮।୧(ସଂଚାର ବ୍ୟୁରୋ):** ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବହାରଣା ଗ୍ରାମ ପଞ୍ଚାୟତ ଅଧୀନ ଜନତା ହାଇସ୍କୁଲରେ ୧୯୯୪ବ୍ୟାଚ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଧାରଣ ସଭାରେ ସ୍କୁଲର ପ୍ରଧାନଶିକ୍ଷକ ସୁଶିଲ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପୂର୍ବତନ ଶିକ୍ଷକ କୈଳାସ ଚନ୍ଦ୍ର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ବାରିକ, ମନୁ ଚରଣ ନାୟକ, ରାଜକିଶୋର ମହାନ୍ତି, ସ୍ଥାନୀୟ ସରପଞ୍ଚ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ୧୯୯୪ବ୍ୟାଚ ସଦସ୍ୟଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ୧୯୯୪ବ୍ୟାଚ ତରଫରୁ ସମସ୍ତ ଛାତ୍ର ଛାତ୍ରୀ ପରିଚାଳନା କରିଥିଲେ । ଏପରି ମହତ୍ତ କାର୍ଯ୍ୟ ପାଇଁ ସମଗ୍ର ଅଞ୍ଚଳରେ ୧୯୯୪ ବ୍ୟାଚ ଛାତ୍ରଛାତ୍ରୀ ମାନେ ପ୍ରଶଂସାର ପାତ୍ର ପାଲଟିଛନ୍ତି।



## ଆଠଗଡ଼ ସାମ୍ବାଦିକ ଓ ଖବରକାଗଜ ବିକ୍ରେତାଙ୍କ ବନ୍ଧୁମିଳନ



**କଟକ,୨୮।୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲାର ଆଠଗଡ଼ ତିଗିରିଆ, ଖୁଣ୍ଟୁଣୀ ଅଂଚଳ ଖବରକାଗଜର ସାମ୍ବାଦିକ, ବୈଦ୍ୟୁତିକ ସାମ୍ବାଦିକ ଓ ଖବର କାଗଜ ବିକ୍ରେତା ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଅଛି। ଆଠଗଡ଼ ବିରକେଶରପୁର ସ୍ଥିତ ମା ବାହାଣ୍ଡା ଠାକୁରାଣୀଙ୍କ ପୀଠରେ ଆଠଗଡ଼ ସାମ୍ବାଦିକ ସଂଘର ଉପସଭାପତି ବିଷ୍ଣୁ ପ୍ରସାଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ମୃତି ସାସ୍ୱତୀ ଷଡ଼ଙ୍ଗୀ ଯୋଗ ଦେଇ ଜଣେ ସାମ୍ବାଦିକ କେତେ ଯେ କଷ୍ଟ ସାଧନ କରି ନିଜର ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରି ସମସ୍ୟାକୁ ଲୋକଲୋଚନାକୁ ଆଣିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥାନ୍ତି, ତାହା ଏକ କଷ୍ଟ ସାଧ କାର୍ଯ୍ୟ ବୋଲି କହିଥିଲେ। ଆଠଗଡ଼ ସାମ୍ବାଦିକ ସଂଘର ସମ୍ପାଦକ ବିଭୁତି ଭୂଷଣ ଖଟୁଆଙ୍କ ଆବାହକଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ପଣ୍ଡା, ମହେଶ ଦାସ, ଅଶୋକ କୁମାର ପ୍ରଧାନ, ମନୋରଞ୍ଜନ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର, ପତିତପାବନ ରାଉତ, ସଞ୍ଜୟ କୁମାର ମହାନ୍ତି, କଟକ ଜିଲ୍ଲା ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଆଠଗଡ଼ର ଯୁବ ସାମ୍ବାଦିକ ସ୍ୱରାଜ ପଣ୍ଡା, ମାନସ କୁମାର ସାହୁ, ମହେଶ ବେହେରା, ସାମ୍ବାଦିକ ମାନଙ୍କ ଜୀବନ ଚର୍ଯ୍ୟା ଉପରେ ଆଲୋକ ପାତ କରିଥିଲେ।

# ପଙ୍କପାଳ ଦୁଇ ନମ୍ବର ବାଲିଘାଟରେ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ



**ଯାଜପୁର ରୋଡ଼,୨୮।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ପଂକପାଳ ପଂଚାୟତରେ ଥିବା ଦୁଇ ନମ୍ବର ଘାଟରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଚୋରା ବାଲି ଚାଲାଣ। ଦିନ ରାତି ଚବିଶି ଘଣ୍ଟା ଶହ ଶହ ଟ୍ରିପ ବାଲି ବିନା ଟିପିରେ ବଡ଼ ବଡ଼ ହାଇୱା ଗାଡିରେ କମ୍ପାନୀ ଓ଼ ଜିଲ୍ଲା ବାହାରକୁ ପାଲ ଘୋଡା ନହୋଇ ଚାଲାଣ ହେଉଥିବା ଚର୍ଚ୍ଚା ଚାଲିଛି। ରାସ୍ତା ସାରା ବାଲି ଗଦାହୋଇ ପରିବେଶକୁ ପ୍ରଦୂଷଣ କରିଥିବା ଦେଖିବାକୁ ମିଳୁଛି। ଗୋଟିଏ ଦିନରେ ଗୋଟିଏ ଟିପିରେ ୨୦ରୁ ୩୦ଟ୍ରିପ ବାଲି ଲୋଡିଂ କରୁଥିବା ଦେଖିବାକୁ ମିଳୁଛି। ଘାଟଟି ସମ୍ପୂର୍ଣ୍ଣ ବେନିୟମ ଭାବେ ଚାଲୁଥିବା ବେଳେ ଚାରି ଚାରୋଟି ମେସିନ ସାହାଯ୍ୟରେ ଓଭର ଲୋଡିଂ ହେଉଥିବା ଦେଖିବାକୁ ମିଳୁଛି।

ସରକାରଙ୍କ ଉଚିତ ଧାର୍ଯ୍ୟ ପୈଠ ନକରି କିଭଳି ଭାବେ ଏ ବେନିୟମ ଘାଟ ଚାଲିଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ରତିଦିନ ଶହ ଶହ ଟ୍ରିପ ବାଲି ଗାଡି ରାସ୍ତାରେ ଯାତାୟତ କରିଥିବାରୁ ରାସ୍ତାର ଅବସ୍ଥା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଆହୁରି ମଧ ଲିଜଧାରୀ ନିଜ ପରିସର ମଧ୍ୟରୁ ନଉଠାଇ ଲିଜ ବାହାରୁ ଉଠାଉଥିବା ଦେଖିବାକୁ ମିଳୁଛି। ଏହା ଫଳରେ ନଦୀବନ୍ଧ ଖାଇଯାଇ ଦୁର୍ବଳ ହେବାରେ ଲାଗିଛି। ଆଗକୁ ନଦୀକୁଳିଆବାସୀଙ୍କର ପରିସ୍ଥିତି ଜଟିଳ ହେବ ବୋଲି ଆଶା କରାଯାଉଛି।

ଓଭର ଲୋଡିଂ ଯୋଗୁ ରାସ୍ତାରେ ନାନାଦି ଦୁର୍ଘଟଣା ମଧ ଘଟୁଥିବା ଦେଖିବାକୁ ମିଳୁଛି। ଜଖପୁରା ଥାନା, ଦାନଗଦି ତହସିଲ ପ୍ରଶାସନ, ଟମକା ବନବିଭାଗ, ଆଂଚଳିକ ପ୍ରଦୂଷଣ ବିଭାଗ ଓ଼ ଜିଲ୍ଲା ପ୍ରଶାସନ ଓ଼ ଖଣି ବିଭାଗ ଅଧିକାରୀଙ୍କ ଦୃଷ୍ଟି ଏଭଳି କୁଚକ୍ରି ଗୋଷ୍ଠୀଙ୍କ ଉପରେ ପଡୁନି କାହିଁକି? ଏସବୁ କାଳେ ମିଳିଭଗତରେ ଚାଲିଛି ବୋଲି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ଉପରେ ତୁରନ୍ତ ଜିଲ୍ଲାପାଳ ଓ଼ ରାଜ୍ୟ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ



**ନବରଙ୍ଗପୁର, ୨୮।୧ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦର ୱାନଙ୍କ ଅଧକ୍ଷତାରେ ଆସନ୍ତା ୨୧.୨.୨୦୨୬ ରୁ ୨୭.୨.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ପାଇଁ ସ୍ଥିର କରାଯାଇଥିବା ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ଡିପିସି ମିଶନ ଶକ୍ତି ନିରଞ୍ଜନ ଟାଙ୍ଗାରାଙ୍ଗା, ଓରମାସ ସହକାରୀ ସିଇଓ ରୋସନ୍ କାର୍ତ୍ତିକ, ଡିଆଇପିଆର୍ ଓ ମନୋଜ ବେହେରା, ବିଡିଓ ନବରଙ୍ଗପୁର ସୁନିଲ ଖୁରା, ଡିସଓ ଘାସିରାମ ହରିଜନ, ଇଓ, ମ୍ୟୁନିସିପାଲଟି ଅଶୋକ କର୍ଣ୍ଣ,ସମାଜ କଲ୍ୟାଣ କାର୍ଯ୍ୟଳୟ ଅଧିକାରୀ ରମା ପଟ୍ଟନାୟକ,ଜିଲ୍ଲା ପରିଷଦ ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୁଭଦ୍ରା ଶକ୍ତି ମେଳାରେ ୧୨୦ଟି ଷ୍ଟଲ ରହିବ ଯେଉଁଥିରେ ୫୦ ପ୍ରତିଶତ ଏସଏଚଜି ଷ୍ଟଲ ରହିବ ଏବଂ ଅନ୍ୟାନ୍ୟ ୫୦ ପ୍ରତିଶତ ବିଭାଗୀୟ, ନୂତନ ଏସଏଚଜି, ଖାଦ୍ୟ ଷ୍ଟଲର ବ୍ୟବସ୍ଥା କରାଯାଉଛି।ଉତ୍ପାଦ ଗୁଡ଼ିକର ଉଚ୍ଚମାନର ପାକାଜିଂ, ଲେବେଲିଂ, ବ୍ରାଣ୍ଡିଂ ପାଇଁ ଗୁରୁତ୍ୱ ଦିଆଯାଇଛି। ଏସଏଜି ଗ୍ରୁପ୍ ମିଲ୍ଲେଟ, ହସ୍ତତନ୍ତ ଏବଂ ଅନ୍ୟାନ୍ୟ ଦେଶୀୟ ଖାଦ୍ୟ, ଘରକରଣା ଜିନିଷ ସୁଭଦ୍ରା ଶକ୍ତି ବ୍ରାଣ୍ଡ ରେ ବିକ୍ରୟ କରିବେ।

# ସିନେମା

# 'ମୁଁ ଏହି ଯାତ୍ରା ଶେଷ କରୁଛି...'

## ସନ୍ନ୍ୟାସ ଘୋଷଣା କଲେ ଅରିଜିତ୍ ସିଂହ, ପ୍ଲେବ୍ୟାକ୍ ସିଙ୍ଗିଂକୁ କଲେ ଅଲବିଦା





ନୂଆଦିଲ୍ଲୀ: ଫିଲ୍ମରେ ଆଉ ଶୁଣିବାକୁ ମିଳିବନି ଆଇକନିକ୍ ପ୍ଲେବ୍ୟାକ୍ ସିଙ୍ଗର ଅରିଜିତଙ୍କ ସ୍ୱର । ନିଜ କଣ୍ଠସ୍ୱରରେ ଦର୍ଶକଙ୍କୁ କରିବେନି ମନୋରଞ୍ଜନ । ଗୋଟିଏ ଘୋଷଣାରେ ପୂରା ସଙ୍ଗୀତ ଜଗତକୁ କରିଦେଲେ ସ୍ତବ୍ଧ । ବଲିଉଡର ସବୁଠୁ ଲୋକପ୍ରିୟ ଓ ସଫଳ ଗାୟକଙ୍କ ମଧ୍ୟରୁ ଜଣେ ଅରିଜିତ୍ ସିଂହ ବଡ଼ ଘୋଷଣା କରି ପ୍ରଶଂସକଙ୍କୁ ଝଟକା ଦେଇଛନ୍ତି । ବଲିଉଡ୍ କଣ୍ଠଶିଳ୍ପୀ ଅରିଜିତ୍ ସିଂହ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ପ୍ଲେବ୍ୟାକ୍ ସିଙ୍ଗର ଭାବେ ନୂଆ କାମ ନେବେ ନାହିଁ ବୋଲି ଘୋଷଣା କରିଛନ୍ତି । ଇନଷ୍ଟାଗ୍ରାମରେ ସେୟାର କରିଥିବା ଏକ ପୋଷ୍ଟରେ ଅରିଜିତ ସିଂହ ଲେଖିଛନ୍ତି, "ନମସ୍କାର, ଆପଣମାନଙ୍କୁ ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା । ବର୍ଷ ବର୍ଷ ଧରି ଆପଣଙ୍କ ପ୍ରେମ ଏବଂ ସମର୍ଥନ ପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି । ମୁଁ ଘୋଷଣା କରି ଖୁସି ହେଉଛି ଯେ ମୁଁ ଆଉ ପ୍ଲେବ୍ୟାକ୍ ସିଙ୍ଗର ଭାବରେ କୌଣସି ନୂତନ କାମ ଗ୍ରହଣ କରିବି ନାହିଁ । ମୁଁ ଏହି ଯାତ୍ରା ଶେଷ କରୁଛି । ଏହା ଏକ ସୁନ୍ଦର ଯାତ୍ରା ହୋଇଛି ।" ଅରିଜିତଙ୍କ ଏହି ପୋଷ୍ଟ ଆସିବା ମାତ୍ରେ ସଙ୍ଗୀତ ଜଗତ ଏବଂ ପ୍ରଶଂସକମାନଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଛି । ଅରିଜିତ ସିଂହ ବର୍ତ୍ତମାନ ସମୟରେ ଭାରତୀୟ ସଙ୍ଗୀତ ଜଗତର ସବୁଠାରୁ ବଡ଼ ନାଁ । ତାଙ୍କ ସ୍ୱର କେବଳ ରୋମାଣ୍ଟିକ ଗୀତର ଏକ ପରିଚୟ ହୋଇ ନାହିଁ ।

ବରଂ ସେ ସାଡ୍, ସୁଫି ଏବଂ ଦେଶାତ୍ମବୋଧକ ଗୀତରେ ମଧ୍ୟ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି । "ଆଶିକି ୨" ଫିଲ୍ମର "ତୁମ୍ ହି ହୋ" ଗୀତଟି ଅରିଜିତଙ୍କ କ୍ୟାରିଅରରେ ଏକ ମୋଡ଼ ଆଣିଥିଲା । ସେ ହିନ୍ଦୀ, ବଙ୍ଗଳା, ତାମିଲ, ତେଲୁଗୁ, ମରାଠୀ ଏବଂ କନ୍ନଡ ଭାଷାରେ ଗୀତ ଗାଇଛନ୍ତି । ଆଜି ପର୍ଯ୍ୟନ୍ତ ସେ ୩୦୦ରୁ ଅଧିକ ଫିଲ୍ମରେ କଣ୍ଠସ୍ୱର ଦେଇଛନ୍ତି । ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ଫିଲ୍ମଫେୟାର ପୁରସ୍କାର ସମେତ ଅନେକ ସମ୍ମାନ ପାଇଛନ୍ତି । ସେ Spotify, ୟୁଟ୍ୟୁବ ଏବଂ ଅନ୍ୟାନ୍ୟ ମ୍ୟୁଜିକ୍ ପ୍ଲାଟଫର୍ମରେ ବିଶ୍ୱର ସର୍ବାଧିକ ଶୁଣାଯାଉଥିବା ଭାରତୀୟ କଳାକାରଙ୍କ ମଧ୍ୟରେ ଅନ୍ୟତମ । ଆଜି ସେ ନିଜ ସ୍ୱର ବଳରେ ଲକ୍ଷ ଲକ୍ଷ ହୃଦୟରେ ରାଜ କରୁଛନ୍ତି । ସମସ୍ତଙ୍କୁ ମୁଗ୍ଧ କରେ ତାଙ୍କ ସ୍ୱର। କିନ୍ତୁ ନୂଆ ପ୍ଲେବ୍ୟାକ୍ ଆସାଇନମେଣ୍ଟ ନନେବା ନେଇ ତାଙ୍କ ଘୋଷଣା ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି ।



# ଅଙ୍ଗନବାଡ଼ି ଦିଦି ସାଜିଲେ ସୂର୍ଯ୍ୟମୟୀ

ଟିରେ ଖଣ୍ଡିଏ ପାନ,ଅଙ୍ଗନୱାଡି ଦିଦି ତାସାଙ୍ଗକୁ ଗାଁର ନିଆରା ବାହାଘର ଯେଉଁଥିରେ ଛପିରହିଥିବ କଅଁଳ ବୟସର ନିଛକ ଭଲ ପାଇବା । ବେଦୀ ବାହାଘର ଆଗରୁ କୋର୍ଟରେ ସମ୍ପର୍କ ଯୋଡିବାର ପ୍ରୟାସ, କିଛି ଏସବୁ କାହାଣୀକୁ ନେଇ ଖୁବ ଶୀଘ୍ର ଆସିବାକୁ ଯାଉଛି ଫିଲ୍ମ 'ବରବଧୂ' ।ଏକଦମ ଖାଣ୍ଟି ଓଡ଼ିଆ ଛୁଙ୍କ ଥିବା ଏହି ସିନେମାର ଟିଜର ଆଜି ରିଲିଜ ହୋଇଥିବାବେଳେ ଯୁବ ଅଭିନେତା/ ଅଭିନେତ୍ରୀଙ୍କ ପରିପକ୍ୱତାରେ ଝଲକ ଦେଖିବାକୁ ମିଳିଛି ।କେବଳ ଯୁବ ଅଭିନେତା/ଅଭିନେତ୍ରୀ ନୁହଁନ୍ତି ବରଂ ଜଣେ ଯୁବ ନିର୍ଦ୍ଦେଶକ ବିଶ୍ୱରଂଜନ ବି ନିଜ ନିଆରା ନିର୍ଦ୍ଦେଶନାରେ ଭୂମିକାଗୁଡିକୁ ଅତି ସୁନ୍ଦର ଭାବେ ଦର୍ଶାଇଛନ୍ତି ।

# ଖଣ୍ଡଗିରିରେ ଅପେରା ୱାର



ଭୁବନେଶ୍ୱର: କମ୍ପୁଛି ଖଣ୍ଡଗିରି । ୨୫ରୁ ଖଣ୍ଡଗିରିରେ ମାଘ ମେଳା ଆରମ୍ଭ ହୋଇଥିବା ବେଳେ ଆଜିଠୁ ଆରମ୍ଭ ହୋଇଛି ଅପେରା ୱାର । ଆଜି ପ୍ରଥମ ଦିନରେ ୪ଟି ପେଣ୍ଡାଲରେ ନାଟକ ମଞ୍ଚସ୍ଥ କରିବେ ୪ଟି ପାର୍ଟି। ଆସନ୍ତାକାଲିଠୁ ପର୍ଯ୍ୟାୟକ୍ରମେ ୭ଟି ପେଣ୍ଡାଲରେ ନାଟକ ମଞ୍ଚସ୍ଥ କରିବେ ୧୫ ଅପେରା ପାର୍ଟି । ତେବେ ପ୍ରଥମ ଦିନରେ ଯାତ୍ରା ରାଣୀ ସିଂହବାହିନୀର ଏଣ୍ଟ୍ରି ଏବଂ ଜଲିଉଡ୍ ସେନ୍ସେସନ୍ ପୀୟୂଷ ତ୍ରିପାଠୀଙ୍କୁ ଦେଖିବା ଲାଗି ଦର୍ଶକ ମହଲରେ ରହିଛି ଅପୂର୍ବ ଉତ୍ସାହ । ଏଥି ପାଇଁ ସକାଳୁ ସକାଳୁ ଟିକେଟ୍ କାଉଣ୍ଟର ଆଗରେ ଜମିଥିଲା ଦର୍ଶକଙ୍କ ଭିଡ଼। ସେପଟେ ଖଣ୍ଡଗିରିରେ ସାଧୁସନ୍ଥଙ୍କ ଉପସ୍ଥିତିରେ ହୋମ ଯଜ୍ଞ ଚାଲିଥିବା ବେଳେ ସୃଷ୍ଟି ହୋଇଛି ଅଧ୍ୟାତ୍ମିକ ପରିବେଶ । ସବୁ ପ୍ରତୀକ୍ଷାର ଘଟିଲା ଅନ୍ତ । ଖଣ୍ଡଗିରିରେ ଆରମ୍ଭ ହେଲା ଯାତ୍ରା ଯୁଦ୍ଧ । ପ୍ରଥମ ପର୍ଯ୍ୟାୟରେ ଆଜି ୪ଟି ପେଣ୍ଡାଲରେ ନାଟକ ମଞ୍ଚସ୍ଥ କରିବେ ୪ ଅପେରା ପାର୍ଟି । ଏଥର ଅପେରା ୱାର ଆରମ୍ଭରୁ ଯାତ୍ରା ରାଣୀ ସିଂହବାହିନୀର ଏଣ୍ଟ୍ରି ଅପେରା ମାହୋଲକୁ ସରଗରମ୍ କରିଛି । ଜଲିଉଡ୍ ସେନ୍ସେସନ୍ ପୀୟୂଷ ତ୍ରିପାଠୀଙ୍କ ଅଭିନୀତ ନାଟକ ତୁ ମୋ ବଜରଙ୍ଗୀ ଦେଖିବା ଲାଗି ଦର୍ଶକଙ୍କ ଭିତରେ ରହିଛି ନାହିଁ ନଥିବା ଉତ୍କଣ୍ଠା। ଖାସ୍ ସେଇଥିପାଇଁ ତ ସକାଳୁ ସକାଳୁ ଟିକେଟ୍ କାଉଣ୍ଟର ଆଗରେ ଦେଖିବାକୁ ମିଳିଥିଲା ପୀୟୂଷ ଫ୍ୟାନ୍ସଙ୍କ ଲମ୍ବା ଲାଇନ୍ । ଇନ୍ଦିରା ସାଂସ୍କୃତିକ ପରିଷଦ ଯାତ୍ରା କମିଟିର ଟିକେଟ୍ କାଉଣ୍ଟରର ଆଗରେ ଜମିଥିଲା ଦର୍ଶକଙ୍କ ଭିଡ଼ । ଆଜିଠୁ ୨୭ ତାରିଖ ପର୍ଯ୍ୟନ୍ତ ତୁ ମୋ ବଜରଙ୍ଗୀ ନାଟକକୁ ରିପିଟ୍ କରିବ ଯାତ୍ରା ରାଣୀ ସିଂହବାହିନୀ । ସେହିଭଳି ସନାତନ ସେବା ସମିତି ଯାତ୍ରା କମିଟି ମଞ୍ଚରେ ଆଜିଠୁ କୋଣାର୍କ ଗଣନାଟ୍ୟ ଆରମ୍ଭ କରୁଛି ଏ ବର୍ଷର ସୁପର ହିଟ୍ ନାଟକ ତୁ ବୋଧେ ମୋ ଭାଗ୍ୟରେ ନାହୁଁ ।

# ବିବାହ ଡଟ୍ କମ୍'ର ସୁଟିଂ ଶେଷ



'ସାତ ସୁରେ ବନ୍ଧା ଏ ଜୀବନ', 'ଡାଡି ଦ ଲିଭିଂ ଗଡ୍', 'ଓୟେ ଗିଟାର୍' ଓ 'ମାମା ୱେଡ୍‌ସ ପାପା' ପରି ଚର୍ଚ୍ଚିତ ଛବିର ନିର୍ଦ୍ଦେଶକ ଆପୁ କାନୁନ୍‌ଗୋ ତାଙ୍କର ନୂଆ ସିନେମା 'ବିବାହ ଡଟ୍ କମ୍'ର ସୁଟିଂ ଶେଷ କରିଛନ୍ତି। ଏଥିରେ ଜଣାଶୁଣା ବଲିଉଡ୍ ଅଭିନେତା ରାଜେଶ ଶର୍ମା, ପ୍ରାନ୍ତିକା ଦାସ, ଅଭିଷେକ ଗିରି, ଅଙ୍କିତ କୁମାର, ପୁଷ୍ପା ପଣ୍ଡା, ଜୀବନ ପଣ୍ଡା ଓ ଶୁଭ୍ରାଂଶୁ ନାୟକ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଅରବିନ୍ଦ ମିଶ୍ର ଏହାର ପ୍ରଯୋଜକ। ଆପୁ କାନୁନଗୋ ଏହାର କାହାଣୀ ଓ ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିବା ବେଳେ ଶଙ୍କର ତ୍ରିପାଠୀ ଏହାର ସଂଳାପକାର। ବାପୁ ଗୋସ୍ୱାମୀ ଗୀତ ରଚନା କରିଥିବା ବେଳେ ବିକାଶ ଦାସ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଧ୍ରୁବାନନ୍ଦ ପଣ୍ଡା ଏହାର ସିନେମାଟୋଗ୍ରାଫର୍ ଓ ରାଜେଶ ଦାସ ଏଡିଟର୍। ସିନେମାର କାହାଣୀ ଆଧୁନିକ ସମୟର ବାହାଘର ପ୍ରସଙ୍ଗକୁ ନେଇ ଗତିଶୀଳ।

# ଖୁବ୍‌ଶୀଘ୍ର ବୋହୂ ହେବେ ଜେନିଫର୍ ୱିଙ୍ଗେଟ



ପପୁଲାର ଟିଭି ଅଭିନେତ୍ରୀ ଜେନିଫର୍ ୱିଙ୍ଗେଟ ତାଙ୍କ ପର୍ସନାଲ ଲାଇଫକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ସେ ପୁଣି ଥରେ ପ୍ରେମରେ ପଡିଛନ୍ତି। ଏଥିସହିତ ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଅଭିନେତ୍ରୀ । ପୂର୍ବରୁ ତାଙ୍କର କରଣ ସିଂ ଗ୍ରୋଭରଙ୍କ ସହିତ ଡିଭୋର୍ସ ହେବା ପରେ ସିଙ୍ଗିଲ୍ ଲାଇଫ୍ ବଞ୍ଚୁଥିଲେ। କିନ୍ତୁ ଏବେ ସେ ପୁଣି ଥରେ କରଣ ୱାହିଙ୍କ ପ୍ରେମରେ ପଡିଛନ୍ତି ଏବଂ ବିବାହ କରିବାକୁ ଯାଉଛନ୍ତି । ଆପଣଙ୍କୁ ଜଣାଇ ରଖୁଛୁ ଯେ, କରଣ ୱାହି ଓ ଜେନିଫରଙ୍କ ମଧ୍ୟରେ ଥିବା ବନ୍ଧୁତା ବହୁତ ପୁରୁଣା । ହେଲେ ପୂର୍ବରୁ ଥିବା ସେହି ବନ୍ଧୁତା ବିବାହରେ ପରିଣତ ହେବାକୁ ଯାଉଛି। ଯଦି ସେମାନଙ୍କ ବନ୍ଧୁତା ସମ୍ପର୍କରେ କୁହାଯାଏ ତେବେ ଜେନିଫର ୱିଙ୍ଗେଟ୍ ୨୦୦୭ମସିହାର ଲୋକପ୍ରିୟ ଶୋ' "ଦିଲ୍ ମିଲ୍ ଗୟେ"ରେ ଡକ୍ଟର ରିଦ୍ଧିମା ଗୁପ୍ତାଙ୍କ ଭୂମିକାରେ ଅଭିନୟ କରିଥିଲେ । କରଣ ୱାହି ସେହି ଶୋ'ରେ ମଧ୍ୟ ଡକ୍ଟର ସିଦ୍ଧାନ୍ତ ମୋଦିଙ୍କ ଭୂମିକାରେ ଅଭିନୟ କରିଥିଲେ । ଦୀର୍ଘ ୧୪ ବର୍ଷ ପରେ ଦୁହେଁ ପୁଣି ୨୦୨୪ ରେ ସୋନି ଲିଭ୍‌ର ୱେବ୍ ସିରିଜ୍ "ରାଇସିଙ୍ଘାନି ବନାମ ରାୟସିଙ୍ଘାନି" ପାଇଁ ନଜରରେ ଆସିଥିଲେ । ଏହି ଶୋ'ରେ ଦୁହିଁଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଏବେ ସେମାନଙ୍କ ବିବାହ ଖବର ସାମ୍ନାକୁ ଆସିବା ପରେ ସେମାନଙ୍କ ଫ୍ୟାନ୍ସ ଖୁସି ପ୍ରକାଶ କରିଛନ୍ତି । କିନ୍ତୁ ସେମାନଙ୍କ ବିବାହ ଡେଟ୍ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସେମାନେ ମଧ୍ୟ ସେମାନଙ୍କ ବିବାହକୁ ନେଇ କୌଣସି ଅଫିସିଆଲ୍ ଭାବେ ଘୋଷଣା କରିନାହାଁନ୍ତି ।

# ମେଟ୍ରୋରେ ଷ୍ଟଣ୍ଟ୍ କରିବା ପଡ଼ିଲା ମହଙ୍ଗା

## ବରୁଣ ଧାୱନଙ୍କୁ ଜରିମାନା



ମୁମ୍ବାଇ: ବର୍ଡର ୨କୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ, ଅଭିନେତା ବରୁଣ ଧାୱନ ପୁଣି ଥରେ ଲାଇମଲାଇଟକୁ ଆସିଛନ୍ତି । ମୁମ୍ବାଇ ମେଟ୍ରୋ କୋଚରେ ତାଙ୍କର ପୁଲ୍-ଅପ୍ କରୁଥିବାର ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହୋଇଛି। ଶନିବାର, ଅଭିନେତା ଏକ ସିନେମା ହଲ୍ ଯିବା ପାଇଁ ବାହାରିଥିବା ବେଳେ ପ୍ରବଳ ଟ୍ରାଫିକ ରହିଥିଲା । ସେ ଏହାକୁ ଏଡାଇବା ପାଇଁ ମେଟ୍ରୋରେ ଯାଇଥିଲେ । ବରୁଣ ଧାୱନ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଭିଡିଓଟି ସେୟାର କରି ତାଙ୍କ ଫୋଲର୍ସଙ୍କୁ ଅନୁମାନ କରିବାକୁ କହିଥିଲେ ଯେ ସେ କେଉଁ ସିନେମା ହଲ୍ ଯାଉଛନ୍ତି। ଏକ ମେଟାଲ୍ ବାର୍ ଉପରେ ପୁଲ୍-ଅପ୍ କରୁଥିବାର ଭିଡିଓଟି ସେୟାର ହେବାର କିଛି ସମୟ ପରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମୁମ୍ବାଇ ମେଟ୍ରୋ ଅପରେସନ୍ କର୍ପୋରେସନ୍ (ଏମ୍‌ଏମ୍‌ଏମ୍‌ଓସିଏଲ୍) ସୋସିଆଲ ମିଡିଆରେ ଭିଡିଓଟି ସେୟାର କରି ପ୍ରତିକ୍ରିୟା ପ୍ରକାଶ କରିଛି ଏବଂ ଅଭିନେତାଙ୍କୁ ଜାରି କରାଯାଇଥିବା ସୁରକ୍ଷା ପରାମର୍ଶ ବିଷୟରେ ସୂଚନା ଦେଇଛି । ଭିଡିଓ ସହିତ ଥିବା କ୍ୟାପସନରେ ଲେଖାଥିଲା, "ଏହି ଭିଡିଓରେ ଏକ ଡିସକ୍ଲାମର ରହିବା ଉଚିତ ଥିଲା, ଯେପରି ଆପଣଙ୍କର ଆକ୍ସନ ଫିଲ୍ମରେ ହୁଅ । ବରୁଣ ଧାୱନ ମହା ମୁମ୍ବାଇ ମେଟ୍ରୋରେ ଏହା ଚେଷ୍ଟା କରନାହିଁ। ଆମେ ବୁଝିପାରୁଛୁ, ଆମ ମେଟ୍ରୋ ଭିତରେ ବନ୍ଧୁମାନଙ୍କ ସହିତ ବୁଲିବା ଭଲ, କିନ୍ତୁ ଗ୍ରାବ ହେଣ୍ଡେଲ ଟାଣିବା ପାଇଁ ନୁହେଁ । ଏପରି କାର୍ଯ୍ୟ ମେଟ୍ରୋ ରେଲବାଇ ଆଇନ ୨୦୦୨ ଅନୁଯାୟୀ, ଉପଦ୍ରବ ଏବଂ/ଅଥବା ସମ୍ପତ୍ତିର କ୍ଷତି ସହିତ ଜଡିତ ଧାରା ଅନୁଯାୟୀ ଦଣ୍ଡନୀୟ। ଅପରାଧର ଗମ୍ଭୀରତା ଉପରେ ନିର୍ଭର କରି, ଜରିମାନା ଏବଂ ଜେଲଦଣ୍ଡ ମଧ୍ୟ ହୋଇପାରେ। ତେଣୁ ବନ୍ଧୁମାନେ, ବୁଲି ଯାଅ, କିନ୍ତୁ ସେଠାରେ ଝୁଲ ନାହିଁ। ଦାୟିତ୍ୱର ସହ ମହା ମୁମ୍ବାଇ ମେଟ୍ରୋରେ ଯାତ୍ରା କର।"

# ୪୦ କୋଟିକୁ ନା କହିଦେଲେ ସୁନୀଲ ଶେଟ୍ଟୀ



ଗତ କିଛି ବର୍ଷ ଧରି ଅଭିନେତା ଶାହରୁଖ ଖାନଙ୍କଠାରୁ ଅଜୟ ଦେବଗନ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବଲିଉଡ ସେଲିବ୍ରିଟି ଟଙ୍କା ନେଇ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିଛନ୍ତି। ଏଥିପାଇଁ ସେମାନେ ଟ୍ରୋଲିଂର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଅଭିନେତା ସୁନୀଲ ଶେଟ୍ଟୀ ଟିକେ ନିଆରା। ସେ ମୋଟା ଅଙ୍କର ପ୍ରସ୍ତାବ ପାଇବା ପରେ ମଧ୍ୟ ଏପରି ବିଜ୍ଞାପନ କରିବାକୁ ମନା କରିଦେଇଛନ୍ତି। ସୁନୀଲ ଥରେ ଏକ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିବା ପାଇଁ ୪୦ କୋଟି ଟଙ୍କାର ପ୍ରସ୍ତାବ ପାଇଥିଲେ, କିନ୍ତୁ ଅଭିନେତା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର କାରଣ ପ୍ରକାଶ କରି ସେ କହିଥିଲେ, ମୁଁ ମୋ ସ୍ୱାସ୍ଥ୍ୟ ପାଇଁ ସବୁକିଛି। ମୋ ଶରୀର ମୋତେ ଫିଲ୍ମ ଶିଳ୍ପରେ କ୍ୟାରିୟାର୍ କରିବାକୁ ସୁଯୋଗ ଦେଇଥିଲା। ଯଦି ମୁଁ ଏହାକୁ ମୋର ପୂଜାସ୍ଥଳ ଭାବରେ ଗ୍ରହଣ ନ କରେ, ତେବେ ମୁଁ ନିଜକୁ ଅନ୍ୟାୟ କରିବି। ମୁଁ ଆଜି ସିନେମା କିମ୍ବା ବକ୍ସ ଅଫିସ ଦୃଷ୍ଟିରୁ ଏତେ ଲୋକପ୍ରିୟ ନ ହୋଇପାରେ, କିନ୍ତୁ ଆଜି ମଧ୍ୟ ୧୭ ରୁ ୨୦ ବର୍ଷ ବୟସର ପିଲାମାନେ ମୋତେ ସମ୍ମାନ ଦିଅନ୍ତି। ଏହା ସତ୍ୟ।

ଗତ କିଛି ବର୍ଷ ଧରି ଅଭିନେତା ଶାହରୁଖ ଖାନଙ୍କଠାରୁ ଅଜୟ ଦେବଗନ ପର୍ଯ୍ୟନ୍ତ ଅନେକ ପ୍ରମୁଖ ବଲିଉଡ ସେଲିବ୍ରିଟି ଟଙ୍କା ନେଇ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିଛନ୍ତି। ଏଥିପାଇଁ ସେମାନେ ଟ୍ରୋଲିଂର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଅଭିନେତା ସୁନୀଲ ଶେଟ୍ଟୀ ଟିକେ ନିଆରା। ସେ ମୋଟା ଅଙ୍କର ପ୍ରସ୍ତାବ ପାଇବା ପରେ ମଧ୍ୟ ଏପରି ବିଜ୍ଞାପନ କରିବାକୁ ମନା କରିଦେଇଛନ୍ତି। ସୁନୀଲ ଥରେ ଏକ ତମାଖୁ ବ୍ରାଣ୍ଡକୁ ସମର୍ଥନ କରିବା ପାଇଁ ୪୦ କୋଟି ଟଙ୍କାର ପ୍ରସ୍ତାବ ପାଇଥିଲେ, କିନ୍ତୁ ଅଭିନେତା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର କାରଣ ପ୍ରକାଶ କରି ସେ କହିଥିଲେ, ମୁଁ ମୋ ସ୍ୱାସ୍ଥ୍ୟ ପାଇଁ ସବୁକିଛି। ମୋ ଶରୀର ମୋତେ ଫିଲ୍ମ ଶିଳ୍ପରେ କ୍ୟାରିୟାର୍ କରିବାକୁ ସୁଯୋଗ ଦେଇଥିଲା। ଯଦି ମୁଁ ଏହାକୁ ମୋର ପୂଜାସ୍ଥଳ ଭାବରେ ଗ୍ରହଣ ନ କରେ, ତେବେ ମୁଁ ନିଜକୁ ଅନ୍ୟାୟ କରିବି। ମୁଁ ଆଜି ସିନେମା କିମ୍ବା ବକ୍ସ ଅଫିସ ଦୃଷ୍ଟିରୁ ଏତେ ଲୋକପ୍ରିୟ ନ ହୋଇପାରେ, କିନ୍ତୁ ଆଜି ମଧ୍ୟ ୧୭ ରୁ ୨୦ ବର୍ଷ ବୟସର ପିଲାମାନେ ମୋତେ ସମ୍ମାନ ଦିଅନ୍ତି। ଏହା ସତ୍ୟ।

## ବ୍ୟାସ-ସରୋବର ମେଳା ମହୋତ୍ସବ ହେଲା ଆରମ୍ଭ



**ଯାଜପୁର ରୋଡ଼, ୨୮।୧(ସଂଚାର ବ୍ୟୁରୋ):** ବ୍ୟାସ-ସରୋବର ମହୋତ୍ସବ ୨୦୨୬ ମେଳାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚି ଯାଇଅଛି। ଏଥିପାଇଁ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସଭାଗୃହରେ ପୌର ପରିଷଦର ଅଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ'ଙ୍କ ଅଧକ୍ଷତାରେ ଏକ ଅନୁଷ୍ଠିତ ହୋଇଥିଲା। ପୌର ପ୍ରଶାସନ ତରଫରୁ ଏହି ମେଳା ଲାଗି ୩୭ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ନେଇ ଅଟକଳ କରାଯାଇଛି। ଏହି ମେଳାଉତ୍ସବ ଆଜି ଠାରୁ ୧୧ଦିନ ପର୍ଯ୍ୟନ୍ତ ଚାଲିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବ୍ୟାସ ମାରାଥନ୍, ଅତିଥି ମାନଙ୍କ ତାଲିକା, ନିଶା ନିବାରଣ, ଶାନ୍ତି ଶୃଙ୍ଖଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ୧୧ ଦିନ ହେବାକୁ ଥିବା ମେଳାରେ ଅତିଥି ଭାବେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ, ଜିଲ୍ଲାପାଳ ଅମ୍ବର କୁମାର କର, କୋରେଇ ବିଧାୟକ ଆକାଶ ଦାସନାୟକ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ମହାନ୍ତି, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ କୁମାର ସାହୁ, ସମେତ ଅନେକ ବିଧାୟକ, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ରାଜ୍ୟସଭା ସଦସ୍ୟ, ସଦସ୍ୟା ଓ ଯାଜପୁର ଜିଲ୍ଲାପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏହି ବୈଠକରେ ଗଣମାଧମ ପ୍ରତିନିଧି ମାନଙ୍କୁ ସୂଚନା ଦିଆଯାଇଛି। ମେଳାକୁ ସରଗ ସୁନ୍ଦର କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଓ ଅଧକ୍ଷ ସୁବାସ ଚନ୍ଦ୍ର ବଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରମୁଖ ମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

## ସ୍କୁଲରେ ନାହାନ୍ତି ଶିକ୍ଷକ

# ପିଲାଙ୍କ ପାଠପଢ଼ାକୁ ଅଣଦେଖା

**ହାଟଡିହି,୨୮।୧ (ସଂଚାର ବ୍ୟୁରୋ):** କେଉଁଠି ସରକାର 'ଶିକ୍ଷାର ବିକାଶ' ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ତ କେଉଁଠି ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରୁ ଆସିଛି ଏଭଳି ଏକ ଚିନ୍ତାର ବିଷୟ । ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି କୋମଳମତି ଶିଶୁ ଓ ସେମାନଙ୍କ ଅଭିଭାବକ । ଏ ହେଉଛି ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଗେଡ଼ମା ସରକାରୀ ପ୍ରାଥମିକ



ବିଦ୍ୟାଳୟର ଖବର । ସ୍କୁଲ ଫାଟକରେ ଝୁଲୁଛି ତାଲା । କ୍ଲାସରୁମରେ ପାଠ ପଢ଼ିବା ବଦଳରେ ଖରା କାକରରେ ବାହାରେ ବସିଛନ୍ତି ଛାତ୍ରଛାତ୍ରୀ । ଅଭିଯୋଗ ଅନୁଯାୟୀ, ଏହି ସ୍କୁଲରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ଟି ଶ୍ରେଣୀ ରହିଛି । ୬୮ ଜଣ ପିଲାଙ୍କୁ ପଢ଼ାଇବା ପାଇଁ ମାତ୍ର ଦୁଇ ଜଣ ଶିକ୍ଷକ ଅଛନ୍ତି । ସମସ୍ୟା ଏତିକିରେ ସରିନି । ଦୁଇ ଶିକ୍ଷକଙ୍କ ମଧ୍ୟରୁ ଜଣେ ସବୁବେଳେ ସରକାରୀ ଅଫିସ୍ କାମ ଓ ଅନ୍ୟାନ୍ୟ ପ୍ରାଶାସନିକ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଫଳରେ ଜଣେ ମାତ୍ର ଶିକ୍ଷକଙ୍କ ଭରସାରେ ଚାଲିଛି ସମଗ୍ର ସ୍କୁଲ । ଜଣେ ଶିକ୍ଷକ କିଭଳି ଏକାସାଙ୍ଗରେ ୬ଟି ଶ୍ରେଣୀର ପିଲାଙ୍କୁ ପଢ଼ାଇବେ ? ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଏହି ସମସ୍ୟା କେବଳ ଗେଡ଼ମା ସ୍କୁଲର ନୁହେଁ । ହାଟଡିହି ବ୍ଲକରେ ମୋଟ ୩୦୨ଟି ବିଦ୍ୟାଳୟ ଥିବା ବେଳେ ପ୍ରାୟ ୫୦ରୁ ଅଧିକ ସ୍କୁଲରେ ସମାନ ସ୍ଥିତି । ଏପରିକି ତିନୋଟି ସ୍କୁଲରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀ ସ୍ୱୀକାର କରିଛନ୍ତି । ସେ କହିଛନ୍ତି, ଆମେ ସମସ୍ୟା ବିଷୟରେ ଜାଣିଛୁ । ମାତ୍ର ବର୍ତ୍ତମାନ ବାର୍ଷିକ ପରୀକ୍ଷା ସମୟ ଆସିଯାଇଥିବାରୁ ଶିକ୍ଷକମାନଙ୍କୁ ଏପଟ ସେପଟ କରିବା ସମ୍ଭବ ହେଉନାହିଁ। ପରୀକ୍ଷା ଶେଷ ହେବା ମାତ୍ରେ ଆମେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ୨୧ ବର୍ଷ ସଶ୍ରମ କାରାଦଣ୍ଡ

**ବାରିପଦା,୨୮।୧ (ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ କୁ ଦଫା ୩୭୬ ଅନୁଯାୟୀ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ସେହିପରି ଦଫା ୩୨୩ ଏବଂ ୩୪୧ ରେ ଯଥାକ୍ରମେ ଏକ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଏକ ମାସ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲା ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ ତିଳପୋଷି ଗ୍ରାମର ଯୀଶୁ ଏଲିଏସ



ଯୀଶୁନାଥ ହେମ୍ବ୍ରମ (୩୮)। ଏଥି ସହିତ ଆଦାୟ ଜୋରିମାନା ଅର୍ଥ ପୀଡିତା କୁ ପୈଠ କରିବା ପାଇଁ ରାୟରେ ଉଲେଖ କରାଯାଇଅଛି। ମାମଲାର ବିବରାଣୀ ରୁ ପ୍ରକାଶ ଯେ ଗତ ୨୦୨୨ ସେପ୍ଟେମ୍ବର ୨ ତାରିଖ ସନ୍ଧ୍ୟା ପାଖା ପାଖି ୭ ଟା ସମୟରେ ପୀଡିତା ନିଜ ଗ୍ରାମର ଜଣଙ୍କ ଘରୁ ଦଶାହ କର୍ମ ରେ ଯୋଗ ଦେଇ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ଯୀଶୁ ବାଟରେ ତାଙ୍କୁ ଏକୁଟିଆ ପାଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏଥି ସହିତ ପୀଡିତା କୁ ପିଟାମରା ମଧ କରିଥିଲା। ପୀଡିତା ସେଠାରୁ କୌଣସି ପ୍ରକାରେ ମୁକୁଳି ଆସି ଘରେ ପହଞ୍ଚିବା ପରେ ତହିଁ ପରଦିନ ସ୍ଥାନୀୟ ଏକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ବାବଦରେ ପୀଡ଼ିତା ଙ୍କ ଅଭିଯୋଗ କ୍ରମେ ମୋରଡା ଥାନାରେ କେସ ନମ୍ବର ୨୩୫/୮-୯-୨୦୨୨ ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ମାନ୍ୟବର ଅଦଲତ ପକ୍ଷରୁ ସମସ୍ତ ୭ ଜଣ ସାକ୍ଷୀ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର କୁ ଭିତ୍ତି କରି ଚୂଡାନ୍ତ ରାୟ ପ୍ରକାଶ ପାଇଅଛି।

### ନୟାଗଡ଼ ଜିଲ୍ଲାର ଗୌରବ ପାଲଟିଲେ ସୌମ୍ୟ

## ଉତ୍ତମ ଜୀବନ ରକ୍ଷା ପଦକରେ ହେଲେ ସମ୍ମାନିତ

**ନୟାଗଡ଼,୨୮।୧(ସଂଚାର ବ୍ୟୁରୋ):** ନୌସେନାରେ ନିଯୁକ୍ତ ହୋଇ କିଛି ଏଭଳି କାର୍ଯ୍ୟ କରିଛନ୍ତି, ଯାହାପାଇଁ ନୟାଗଡ଼ ଜିଲ୍ଲା ସାରା ଦେଶରେ ଆଜି ଗୌରବାନିତ ମନେକରୁଛି। ୭୭ତମ ସଧାରଣତନ୍ତ୍ର ଦିବସରେ ପ୍ରେସିଡେଣ୍ଟାଲ ଆୱାର୍ଡ଼ରେ ସାମିଲ ହୋଇଛନ୍ତି। ଏଭଳି କିଛି ସାହସିକତା ଦେଖାଇଛନ୍ତି, ଯେଉଁଥି ପାଇଁ ତାଙ୍କୁ ମିଳିଛି ଉତ୍ତମ ଜୀବନ ରକ୍ଷକ ପଦକ। ସେ ଆଉ କେହି ନୁହନ୍ତି, ନୟାଗଡ଼ ଜିଲ୍ଲା ମାଟିର ପୁଅ ସୌମ୍ୟ ରଞ୍ଜନ ବେହେରା(ଦିପୁ)। ହଁ ଆଜ୍ଞା, ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡରାସିଂହା ଗାଁର ମକରନ୍ଦ ବେହେରା ଓ ନୟନା ବେହେରାଙ୍କ ସୁପୁତ୍ର ସୌମ୍ୟ ରଞ୍ଜନ ବେହେରା କେନ୍ଦ୍ର ସରକାରଙ୍କ ନୌସେନା କାର୍ଯ୍ୟରତ ଅଛନ୍ତି। ଶ୍ରୀଯୁକ୍ତ ବେହେରା




ଗାଁକୁ ଛୁଟିରେ ଆସିଥିବା ବେଳେ ତାଙ୍କ ଗାଁ ନିକଟରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୋକୁଳାନନ୍ଦ ପୀଠକୁ ବୁଲିବାକୁ ଯାଇଥିଲେ। କିନ୍ତୁ ବାହାର ରାଜ୍ୟରୁ କିଛି ଲୋକ ଆସି ମହାନଦୀରେ ଗାଧୋଉଥିବା ବେଳେ ଜଣେ ବ୍ୟକ୍ତି ମହାନଦୀ ସୁଅରେ ଭାସି ଯାଇଥିଲେ। ସେଠାରେ ଥିବା ଲୋକ ମାନେ ଚିତ୍କାର କରିଥିଲେ, ସେମାନଙ୍କ ଚିତ୍କାର ଶୁଣି ସୌମ୍ୟ ରଞ୍ଜନ ଓରଫ ଦିପୁ ମହାନଦୀକୁ ଡେଇଁ ମହାନଦୀ ସୁଅରେ ଯାଇ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇଥିଲେ ଓ ସମୁଦ୍ରରେ ସଙ୍କଟରେ ପଡ଼ିଥିବା ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ସେ ସମୟରେ ସେହି ଖବର ଗଣମାଧମର ଶିରୋନାମା ପାଲଟିଥିଲା। ନୟାଗଡ଼ ଜିଲ୍ଲା ମାଟିର ପୁଅ ସୌମ୍ୟରଞ୍ଜନ ବେହେରା ଭାରତୀୟ ନୌସେନାରେ ଏଡଭାନ୍ସ ଲାଇଟ୍ ହେଲିକପ୍ଟର (ରେସ୍କ୍ୟୁ ହେଲିକପ୍ଟର)ରେ ଏୟାର୍ କ୍ରୁ ଡାଇଭର ଭାବେ କାର୍ଯ୍ୟରତ, ତାଙ୍କୁ ଅସାଧାରଣ ସାହସ ପାଇଁ ରାଷ୍ଟ୍ରପତିଙ୍କ 'ଉତ୍ତମ ଜୀବନ ରକ୍ଷା ପଦକ' ପ୍ରଦାନ କରାଯାଇଛି।

## ପାଣିରେ ବୁଡି ମହିଳାଙ୍କ ମୃତ୍ୟୁ: ଗୁରୁବାର ବ୍ୟବଚ୍ଛେଦ ପାଇଁ ଯିବ

**ବୈଶିଙ୍ଗା,୨୮।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ଖୁଣ୍ଟା ପୁର ଗ୍ରାମର ଜଣୈକା ମହିଳା ଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣା ଯାଇଛି। ଘଟଣାରୁ ପ୍ରକାଶ ଖୁଣ୍ଟାପୁର ଗ୍ରାମର ବୀରେନ୍ଦ୍ର ମହାନ୍ତ ଙ୍କ ସ୍ତ୍ରୀ ଜଲି (୩୦) କଳମା



ପଞ୍ଚାୟତ ଅଧିନ ବାଲି ଚିତିରି ଗ୍ରାମର ବାପ ଘରକୁ ଯାଇଥିଲେ। ଅପରାହ୍ନ ୫ ଘଟିକା ସମୟରେ ନିଜ ଘର ଗଡ଼ିଆ କୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗୋଡ ଖସିଯାଇଥିଲା। ଫଳରେ ପାଣିରେ ବୁଡି ଯାଇଥିଲେ। ୧୫/୨୦ ମିନିଟ ପରେ ପାଣିରେ ବୁଡ଼ି ଯାଇଥିବା ଜାଣି ଖୋଜା ଖୋଜି କରି ବାହାର କରି ଉପରକୁ ଆଣି ପେଟକୁ ଚାପି ପାଣି ବାହାର କରି ଥିଲେ ମଧ ବଞ୍ଚାଇ ପାରି ନ ଥିଲେ। ସଙ୍ଗେ ସଙ୍ଗେ ବୈଶିଙ୍ଗା ଡାକ୍ତରଖାନା ଆଣିଥିଲେ, ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ଡାକ୍ତରଖାନା ପଇଞ୍ଚି ମର ଶରୀରକୁ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇବେ ବୋଲି ଜଣାଯାଇଛି। ମୃତ ଜଲି ମହାନ୍ତ ଙ୍କର ୧୦ ବର୍ଷର ଏକ ମାତ୍ର ପୁତ୍ର ସନ୍ତାନ ଥିବା ଜଣାଯାଇଛି। ସ୍ୱାମୀ ବୀରେନ୍ଦ୍ର ନିଜେ ସ୍ତ୍ରୀର ମର ଶରୀରକୁ ନେଇ ଡାକ୍ତରଖାନା ଆଣିଥିଲେ ।

### ନବନିର୍ମାଣ କୃଷକ ସଂଗଠନ ରାଜ୍ୟବ୍ୟାପୀ ଆନ୍ଦୋଳନ

## ସମର୍ଥନ କଲା ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ଦଳ

**ଲାଞ୍ଜିଗଡ଼,୨୮।୧ (ସଂଚାର ବ୍ୟୁରୋ):** ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ଆଳରେ ମାତ୍ରାଧିକ ଡଣ୍ଡ ଆଦାୟ, ଟାଟା କମ୍ପାନିର ମନମାନି ବିରୋଧରେ ଆଜି ନବନିର୍ମାଣ କୃଷକ ସଂଗଠନ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇଛନ୍ତି।ଏହାର ପ୍ରଭାବରେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଭାବ ଦେଖିବାକୁ ମିଳିଛି।ଲାଞ୍ଜିଗଡ଼ ବ୍ଲକ କୃଷକ ସଂଗଠନ ଓ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଡ଼.ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା।ବ୍ଲକର ବିଶ୍ୱନାଥପୁରଠାରେ କଂଗ୍ରେସ ଦଳୀୟ କର୍ମୀମାନେ ପିକେଟିଂ କରିଥିବା ବେଳେ ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ଧାନ ମଣ୍ଡି, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା।ସେହିପରି ବ୍ଲକର ଲାଞ୍ଜିଗଡ଼ ରୋଡ଼ ଠାରେ ମଧ ବ୍ୟାଙ୍କ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ସମ୍ପୂର୍ଣ୍ଣ



ଭାବେ ବନ୍ଦ ରହିଥିଲା।ଏହି ଅଫିସ ଗୁଡିକରେ ସକାଳୁ ୬ ରୁ ଦିନ ୨ ଟା ପର୍ଯ୍ୟନ୍ତ ୮ ଘଣ୍ଟା ଏହାର ପ୍ରଭାବ ଦେଖିବାକୁ ମିଳିଥିଲା।ଏଥିରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ପ୍ରଧାନୀ, ଟଙ୍କ ଧର ମାଝୀ, ଭୀମସେନ ନାଏକ, ଭାସ୍କର ଚନ୍ଦନ, ପୂର୍ଣ୍ଣଚନ୍ଦ୍ର ଗଉଡ଼, ଗଣେଷ ବେହେରା, ରଜତ କୁମାର ରାଉତ, ସନ୍ତୋଷ ଡୁଲ, ଫକୀର ଚରଣ ବିଶି, ଗୋପାଲ ଖୋରା, ମନୋଜ କୁମାର ରାଉତ, ରାଜ କରୁଆ ସମେତ ଦଳୀୟ କଂଗ୍ରେସ କର୍ମୀ କୃଷକମାନେ ଉପସ୍ଥିତ ଥିଲେ।

### କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

## କାଣ୍ଡାମାକୁ ହରାଇ ଖମାରି ଦଳ ଚାମ୍ପିଅନ



**ଲାଞ୍ଜିଗଡ଼,୨୮।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୂଷାନାଳ ସ୍ଥିତ ସ୍ଥାନୀୟ ଖେଳପଡ଼ିଆ ଠାରେ ମୂଷାନାଳ ମହାବିର ୱାରିୟର୍ସ ଆନୁକୂଲ୍ୟରେ ଦିବସୀୟ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଫାଇନାଲ ମ୍ୟାଚ୍ ଲାଞ୍ଜି ପଞ୍ଚାୟତ କାଣ୍ଡାମା ଓ ବେନଗାଁ ପଞ୍ଚାୟତ ଖମାରି ଦଳ ମଧ୍ୟରେ ହୋଇଥିଲା।କାଣ୍ଡାମା ଦଳ ପ୍ରଥମେ ଟସ ଜିତି ଫିଲଡ଼ିଂଙ୍ଗ ନେଇଥିବା ବେଳେ ଖମାରି ଦଳ ପ୍ରଥମ ବ୍ୟାଟିଂ କରି ୧୦ ଓଭର ୫ ଉଇକେଟ ବିନିମୟରେ ୧୨୨ ରନ୍ କରିଥିବା ବେଳେ ଜବାବରେ କାଣ୍ଡାମା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ୍ କରି ଖମାରି ଦଳ ଠାରୁ ପରାଜୟ ହୋଇଥିଲେ।ଏହି ମ୍ୟାଚରେ ଖେଳ ପରିଚାଳନା କାହ୍ନା ଦୋରା ଓ ରାଜା ପୂଜାରୀ କରିଥିବା ବେଳେ ଧାରା ବିବରଣୀ ସଞ୍ଜୟ ପାତ୍ର ଏବଂ ସ୍କୋର ବୋର୍ଡ଼ରେ ରାହୁଲ ପୂଜାରୀ କାର୍ଯ୍ୟ ତୁଲାଇଥିଲେ। ଏହି ଉଦଯାପନୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ମୂଷାନାଳ ସମାଜସେବୀ ପବିତ୍ର ବାଗ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଧନେଶ୍ୱର ପାତ୍ର, ରଘୁରାମ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ମୋର୍ଚ୍ଚା ଡାକରାରେ ବନ୍ଦ ଆଂଶିକ ସଫଳ



**ବୈଶିଙ୍ଗା,୨୮।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଆଠ ଘଣ୍ଟିଆ ବନ୍ଦ ଡାକରା ଆଂଶିକ ସଫଳ ହୋଇଥିବାର ଦେଖିବାକୁ ମିଳିଥିଲା। ସରକାର ନିର୍ଦ୍ଧାରିତ ସମୟରେ ମଣ୍ଡିରେ ଧାନ କି କିଣିବା, ୧୦ କେଜି କଟତି କରିବା, ଜମି ପରିମାଣ ଅନୁସାରେ ଟୋକନ ଦେବା ସମୟରେ ଏକର ପିଛା ଧାନର ଅନୁପାତ କମ ଦେବା, ସ୍ମାର୍ଟ ମିଟର ନାମରେ ବିଜୁଳି ଉପଭୋକ୍ତାଙ୍କୁ ଠକିବା ଏବଂ ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ପମ୍ପ ରେ ଗାଡି ଚାଳକଙ୍କୁ ତେଲ ନ ଦେବା ଆଦି ଘଟଣାକୁ ନେଇ ପ୍ରବଳ ଜନ ଅସନ୍ତୋଷ ତେଜି ଥିଲା। ଏହାକୁ ନେଇ ନବ ନିର୍ମାଣ କୃଷକ ମୋର୍ଚ୍ଚା ୨୮ ତାରିଖ ବୁଧବାର ଦିନ ସକାଳ ୬ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ସମସ୍ତ ଯାନ ବାହନ, କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରଖିବା ସହିତ ଜରୁରୀ ସେବାକୁ ବନ୍ଦ ରଖାଯାଇଥିଲା। ନବ ନିର୍ମାଣ କୃଷକ ମୋର୍ଚ୍ଚାର ଏହି ବନ୍ଦ ଡାକରାକୁ କଂଗ୍ରେସ, ସିପିଆଇ, ସିପିଏମ୍, ନୈତିକ ସମର୍ଥନ ଦେଇଥିବା ବେଳେ ବିଜେଡି ଏହାକୁ ସ୍ୱାଗତ କରିଥିଲା। ବୈଶିଙ୍ଗା ଓ ଏହା ର ଆଖପାଖ ଅଞ୍ଚଳରେ ବନ୍ଦ କରିବା ପାଇଁ ନେତୃତ୍ୱ ନେଇଥିଲେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମାଧବୀ ସେନାପତି। ତାଙ୍କ ସହିତ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ ଏବଂ ଦଳୀୟ କର୍ମୀ ମାନେ ଗଡ଼ଦେଉଳିଆ ଷ୍ଟେଟ ବ୍ୟାଙ୍କ, ପଞ୍ଚାୟତ ହାଇସ୍କୁଲ, ବୈଶିଙ୍ଗା ବ୍ୟାଙ୍କ ଅଫ୍ ଇଣ୍ଡିଆ, ବୈଶିଙ୍ଗା ଓ ଗଡ଼ଦେଉଳିଆ ସବ୍ ପୋଷ୍ଟ ଅଫିସ, ଆର ଆଇ ଅଫିସ, ଲ୍ୟାମ୍ପସ ଆଦି ବନ୍ଦ କରାଇଥିଲେ। ଜାତୀୟ ରାଜ ପଥରେ ବସ ଚଳାଚଳ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବନ୍ଦ ରହିଥିବା ବେଳେ ଭାରି ଯାନ, କାର, ଅଟୋ ଚଳାଚଳ ସ୍ୱାଭାବିକ ରହିଥିଲା। ତେବେ ଦୋକାନ ବଜାର ଅନେକାଂଶରେ ଖୋଲା ରହିଥିଲା। ସେପଟେ ନବ ନିର୍ମାଣ କୃଷକ ସଂଗଠନ ର ବ୍ଲକ ସଭାପତି ପ୍ରଶାନ୍ତ କରଣ ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବେତନଟୀ ଠାରେ ୧୮ନଂ ଜାତୀୟ ରାଜପଥରେ ଏକତ୍ରୀତ ହୋଇ ଯାନ ଚଳାଚଳ ବନ୍ଦ ରଖିଥିଲେ। ନାରୀ ନେତ୍ରୀ ମାଧବୀ ସେନାପତି ମଧ ସେଠାରେ ପହଞ୍ଚି ବନ୍ଦ କୁ ସହଯୋଗ କରିଥିଲେ।

# ଶାନ୍ତିପୂର୍ଣ୍ଣ ଭାବେ ଓଡିଶା ବନ୍ଦ ଡାକରା

### ଦୋକାନ ବଜାର ବନ୍ଦ, ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ

**କଳାହାଣ୍ଡି,୨୮।୧(ସଂଚାର ବ୍ୟୁରୋ):** ଆଜି ସାରା ଓଡ଼ିଶାରେ ବନ୍ଦଡାକରା। ଏହି ବନ୍ଦ ଡାକରା କୁ ସଫଳ କରିବା ପାଇଁ ନବ ନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ୮ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆ ଯାଇଥିଲା।



ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସଙ୍ଗଠନ ମଧ ସମର୍ଥନ ଦେଇ ଥିବାବେଳେ ଭବାନୀପାଟଣା, ଜୁନାଗଡ଼, କେସିଙ୍ଗା,ଧର୍ମଗଡ଼ ଓ ଗୋଲାମୁଣ୍ଡା ଇତ୍ୟାଦି ସହର ମାନଙ୍କ ରେ ଆଂଶିକ ଭାବେ ବନ୍ଦ ଡାକରା ଦିଆ ଯାଇଥିଲା।ଏହି ବନ୍ଦ ଡାକରା ରେ କଂଗ୍ରେସ ଓ ବିଜେଡି ପକ୍ଷରୁ ବହୁ ସଂଖ୍ୟକ ଭାବେକର୍ମୀ ମାନେ ଯୋଗ ଦେଇ ବନ୍ଦ ଡାକରାର ନାରା ବାଜି ଦିଆ ଯାଇ ଥିଲା।ପ୍ରକାଶ ଥାଉ କି ରାଜ୍ୟରେ ମୂଖ୍ୟତଃ ଚାଷ ବଞ୍ଚାଅ, ଚାଷି ବଞ୍ଚାଅ ନେଇ ଏହି ନାରା ଦେଇ ଥିବା ବେଳେ ରାଜ୍ୟରେ ବଢୁ ଥିବା ପ୍ରଦୂଷଣ କୁ ନେଇ ଯାନବାହାନ ଉପରେ ଫାଇନ ରଦ୍ଦ କରିବା, ଧାନମଣ୍ଡି ରେ ଚାଷୀଙ୍କ ଦୁଃଖର ସମସ୍ୟା ଦୂର କରିବା, ଓ କଟନି ଛଟନି ବନ୍ଦ କରିବା ସହ ତୁରନ୍ତ ଧାନ ଉଠା ଯିବା ଏବଂ ବିଦ୍ୟୁତ ବିଭ୍ରାଟ ଟାଟା ପାୱାର ଶୋଷଣ ପ୍ରତ୍ୟାହାର ଭଳି ପ୍ରସଙ୍ଗକୁ ନେଇ ବୁଧବାର ଏହି ପ୍ରତିବାଦ କରାଯାଇଛି ବୋଲି ଧର୍ମଗଡ଼ କଂଗ୍ରେସ ବ୍ଲକ ସଭାପତି ପ୍ରେମ ଲାଲ ସାଗର ଓ ବିଜେଡି ବ୍ଲକ ସଭାପତି ଡାକେ ଲହଜଲ, ଧରଣୀ ଧର ଧଙ୍ଗଡ଼ା ମାଝୀ ପ୍ରମୁଖ ଗଣ ମାଧମ ଆଗରେ ପ୍ରକାଶ କରିଛନ୍ତି। ଏ ନେଇ ରାସ୍ତାରେ ଗାଡି ମଟର ଚଳାଚଳ ବନ୍ଦ ଥିବା ବେଳେ ଦୋକାନ ବଜାର ମଧ ବନ୍ଦ ଥିବା ଦେଖିବାକୁ ମିଳିଥିଲା।ଆଜି ଓଡିଶା ବନ୍ଦ ଡାକରା ରେ କୌଣସି ପ୍ରକାର ଅଘଟଣ ନ ଘଟେ ତାହାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ପୋଲିସ ସଜାଗ ରହିବା ସହ ଉକ୍ତ ବନ୍ଦ ଡାକରା ନିକଟରେ ଉପସ୍ଥିତ ଥିଲେ।ଆଜି ଶାନ୍ତି ଶୃଂଖଳା ଭାବରେ ବନ୍ଦ ଡାକରା ଦିଆ ଯାଇ ଥିବା ବେଳେ ଏହାର ପ୍ରଭାବ ରେ ଦୋକାନ ବଜାର ବନ୍ଦ ଥିବା ସହ ଯାନ ବାହାନ ମଧ ବନ୍ଦ ରହିଥିବା ନେଇ ଆନ୍ଦୋଳନ କାରି ପ୍ରକାଶ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



**ନୀଳଗିରି, ୨୮।୧ (ସଂଚାର ବ୍ୟୁରୋ):** ନୀଳଗିରି ମହିଳା ମହାବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ବର୍ଣ୍ଣାଢ଼୍ୟ ସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇଂ ଦୀପ୍ତିକାନ୍ତମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୀଳଗିରିର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ସୃଷ୍ଟିତତ୍ତ୍ୱ ସମ୍ପର୍କିତ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ନୀଳଗିରିର ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଯୋଗଦେଇ ବର୍ତ୍ତମାନର ଛାତ୍ରୀମାନଙ୍କ ମଧ୍ୟରେ ନିଜକୁ ସ୍ୱାବଲମ୍ବୀ ହେବାସହ ସଂସ୍କାରିତ ହେବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶିଷ୍ଟ ବକ୍ତାଭାବରେ ବାଲେଶ୍ୱର ଜିଲ୍ଲାର ନାରୀସଂଘର ସଭାପତି ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଦୁହିତା କହିବାର ତାପର୍ଯ୍ୟକୁ ବୁଝି ଜୀବନରେ ଅଗ୍ରସର ହେବାକୁ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା କୋଷାଧକ୍ଷ ସଦାଶିବ ରଥ, +୩ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡା, +୨ ମହାବିଦ୍ୟାଳୟର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ମହାବିଦ୍ୟାଳୟର ବରିଷ୍ଠ ଅଧାପକ ହେମନ୍ତ କୁମାର ବେହେରା, ଅଧାପିକା ମମତା ବରାଳ ଯୋଗଦେଇ ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ କର୍ମଚାରୀଙ୍କ ଅବସ୍ଥା କଥା ପ୍ରକାଶ କରିଥିଲେ।

### ଷ୍ଟେସନ ବଜାର ହାଟ ଉନ୍ନତିକରଣ ଭିତିପ୍ରସ୍ତର ସ୍ଥାପନ

## ଅଲଙ୍କାରିକ ସୌନ୍ଦର୍ଯ୍ୟ ଆଲୋକର ଉଦ୍‌ଘାଟନ

**ବାରିପଦା,୨୮।୧(ସଂଚାର ବ୍ୟୁରୋ):** ବାରିପଦାସ୍ଥିତ ଅମ୍ବିକା ମନ୍ଦିର ଓ ଅମ୍ବିକା ମନ୍ଦିର ଠାରୁ ତାରିଣୀ ମନ୍ଦିର ରାସ୍ତାର ଅଲଙ୍କାରିକ ସୌନ୍ଦର୍ଯ୍ୟ ଆଲୋକକୁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏଥି ସହ ଷ୍ଟେସନ ବଜାର ହାଟର ଉନ୍ନତିକରଣ ପାଇଁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଭିତିପ୍ରସ୍ତର ସ୍ଥାପନ



କରିଛନ୍ତି। ଏଠାରେ ହାଟର ଉନ୍ନତିକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର ନିଜ ପ୍ରତିକ୍ରିୟାରେ ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ ଏଠାରେ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି,ଉପାଧକ୍ଷା ସୀମା ଦାସ ବାରିପଦା ମ୍ୟୁନିସିପାଲଟି ର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଙ୍କ ସମେତ ସମସ୍ତ ୱାର୍ଡ଼ କାଉନସିଲର ମାନେ ଉପସ୍ଥିତଥିଲେ।

### ଡିଭିଜନସ୍ତରୀୟ ଓଡ଼ିଶା ପାୱାର ସେକ୍ଟର

## ଟେକ୍ନୋଲୋଜି ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ସମ୍ମିଳନୀ

**ନୀଳଗିରି,୨୮।୧(ସଂଚାର ବ୍ୟୁରୋ):** ରାଜ୍ୟ ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ନୀଳଗିରି ପଣ୍ଡା ଅଫିସ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବାଲେଶ୍ୱର ଡିଭିଜନ ସ୍ତରୀୟ ଓଡ଼ିଶା ପାୱାର ସେକ୍ଟର ଟେକ୍ନୋଲଜି ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସମ୍ମିଳନୀ ରେ ବିଦ୍ୟୁତ ବିଭାଗରେ ଅସ୍ଥାୟୀ ଭାବେ ଏଜେନ୍ସି ମାଧମରେ କାର୍ଯ୍ୟ କରୁଥିବା ମିଟର ରିଡର, ବିଲ କଲେକ୍ଟର, ଲାଇନ୍ ମେନ୍ ଓ ହେଲ୍ପର ମାନଙ୍କର ବହୁମୁଖି ସମସ୍ୟା ସଂପର୍କରେ ବାଲେଶ୍ୱର ଶାଖା ସଭାପତି ଶ୍ରୀ ବେହେରା ଆଲୋଚନା କରିବା ସହିତ ଏହାର ନିରାକରଣ ପାଇଁ ରାଜ୍ୟ ବିଦ୍ୟୁତ୍ ବିଭାଗ, ରାଜ୍ୟ ସରକାର ତଥା ଟିପିଏନଓଡିଏଲ କୁ ଜଣାଇବେ ବୋଲି କହିଥିଲେ। ସଂଗଠନ ର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟ ରେ କହିଥିଲେ କି, ଠିକା ସିଷ୍ଟମ କୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସ୍ଥାୟୀ ଚାକିରୀ ସର୍ତ୍ତାବଳୀ ପ୍ରଚଳନ କରିବା, ନିଯୁକ୍ତି କୁ ସ୍ଥାୟୀ କରିବା ପାଇଁ ପଦକ୍ଷେପ ନେବାକୁ ଦାବୀ ଉଠାଇ ଥିଲେ।ଉପରୋକ୍ତ ଦାବୀ ଗୁଡ଼ିକ ପୂରଣ ନ ହେଲେ ୟୁନିଅନ ଲଢ଼ିବା ପାଇଁ ନିଷ୍ପତି ଗ୍ରହଣ କରିଥିବା ସ୍ପଷ୍ଟ କରିଥିଲେ।

## ସୂଚନା ଫଳକ ଭଙ୍ଗାକୁ ନେଇ ଅଭିଯୋଗ

**ନାଉଗାଁ, ୨୮।୧ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ଗ୍ରାମ ପଞ୍ଚାୟତ ଅରଖପାରୀ ଗ୍ରାମ ନିକଟ ୱାର୍ଡ ନମ୍ବର ୧୪ରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଶବଦାହ ଗୃହ ପାଇଁ ସୂଚନା ଫଳକ ନିର୍ମାଣ ହୋଇଛି।



କିନ୍ତୁ ଏହି ସୂଚନା ଫଳକକୁ ପଞ୍ଚାୟତର ସରପଞ୍ଚଙ୍କ ସମର୍ଥକମାନେ ଭାଙ୍ଗି ଦେଇଥିବା ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ପତ୍ରରେ ଅରଖପାରୀର ରଶ୍ମିତା ସେଠୀ, ଲିଜା କାଣ୍ଡି, ହରେକୃଷ୍ଣ ସେଠୀ, ଅନ୍ନସ୍ମିତା ସେଠୀ, ପ୍ରତିମା ସେଠୀ, ଶୁକଦେବ ସେଠୀ, ବିକ୍ରମ କାଣ୍ଡି ଆଦିଙ୍କ ଦସ୍ତଖତ ରହିଛି। ଏ ସମ୍ପର୍କରେ ସରପଞ୍ଚ ଚନ୍ଦ୍ରମଣୀ ବେହେରାଙ୍କୁ ପଚାରିବାରୁ ଫଳକ କେଉଁଠି ହୋଇଛି, ଫଳକକୁ କିଏ ଭାଙ୍ଗିଛି, ତାଙ୍କୁ ଜାଣିନାହିଁ। ତାଙ୍କ ବିରୋଧରେ କିଏ ହୀନ ଚକ୍ରାନ୍ତ କରି ବଦନାମ କରୁଛନ୍ତି ବୋଲି କହିଛନ୍ତି। ଏବିଷୟରେ ବିଡ଼ିଓ ନିରଞ୍ଜନ ପରିଡାଙ୍କୁ ପଚାରିବାରୁ ତାଙ୍କ ନିକଟରେ ଅଭିଯୋଗ ହୋଇଛି, କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣାର ଉପରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ● ୩୩ତମ ରାଜ୍ୟ ସ୍ତରୀୟ ଶାରଳା କପ୍

## ସେମିଫାଇନାଲରେ ଆଦିତ୍ୟ ଇଲେଭେନ



**କାକଟପୁର/ଅସ୍ତରଙ୍ଗ,୨୮।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛ ପଡ଼ିଆ ନରେନ୍ଦ୍ର ଷ୍ଟାଡିୟମ ରେ ୩୩ତମ ଶାରଳା କପ୍ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ପ୍ରତିଷ୍ଠାତା ଚୈତନ୍ୟ ମହାନ୍ତି, ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ପରସ୍ପର କୁ ଭେଟିଥିଲେ କୁମାରବସ୍ତ ଖୋର୍ଦ୍ଧା ବନାମ ଆଦିତ୍ୟ ଇଲେଭେନ ଭୁବନେଶ୍ୱର।ପ୍ରଥମେ ଟସ ଜିତି ଆଦିତ୍ୟ ଇଲେଭେନ ବୋଲିଂ କରିବାକୁ ନିଷ୍ପତି ନେଇଥିବା ବେଳେ କୁମାରବସ୍ତ ଖୋର୍ଦ୍ଧା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ରେ ପୂର୍ବରୁ ସମସ୍ତ ଉଇକେଟ ହରାଇ ୧୪୬ରନ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ଲିପୁ ୩୩ବଲ ରେ ୪୭ରନ କରିଥିଲେ।ଏହାର ଜବାବ ରେ ଆଦିତ୍ୟ ଇଲେଭେନ ୧୪୭ ରନ ର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭର ପୂର୍ବରୁ ତଥା ୧୮ଓଭର ରେ ୬ଉଇକେଟ ହରାଇ ୧୪୯ରନ ସଂଗ୍ରହ ମ୍ୟାଚ ବିଜୟି ହୋଇଥିଲା। ସୋମ୍ୟ ରଞ୍ଜନ ବିଶ୍ୱାଳ ୩୮ରନ କରିଥିଲେ। ଉପସ୍ଥିତ ଅତିଥି ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା ଙ୍କ ଦ୍ୱାରା ଆଦିତ୍ୟ ଇଲେଭେନ କ୍ଷମା ସାଗର ବଳ ୪ଓଭର ରେ ୪ଉଇକେଟ ନେଇଥିବାରୁ ଚଳିତ ମ୍ୟାଚ ରେ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।